# ଆତ୍ମସାକ୍ଷାତ୍କାର

## ପ୍ରାପ୍ତି ନିମନ୍ତେ ସରଳ ଓ ସଠିକ୍ ବିଜ୍ଞାନ



ଜ୍ଞାନୀପୁରୁଷ ଦାଦାଶ୍ରୀ (ଦାଦା ଭଗବାନ)

ଜ୍ଞାନୀପୁରୁଷ ଦାଦା ଭଗବାନଙ୍କ ଦିବ୍ୟ ଜ୍ଞାନବାଣୀ

ସଂକଳନ-ପୂଜ୍ୟଶ୍ରୀ ଦୀପକଭାଇ ଦେଶାଇ

# ଆତ୍ମସାକ୍ଷାତ୍କାର

## ପ୍ରାପ୍ତି ନିମନ୍ତେ ସରଳ ଓ ସଠିକ୍ ବିଜ୍ଞାନ

**ପ୍ରକାଶକ :** ଶ୍ରୀଯୁକ୍ତ ଅଜିତ୍ ସି. ପଟେଲ, ମହାବିଦେହ ଫାଉଣ୍ଡେସନ୍, ୫, ମମତା ପାର୍କ ସୋସାଇଟ, ବି / ଏଚ୍ ନବଗୁଜରାଟ୍ କଲେଜ୍, ଅହମଦାବାଦ୍ - ୩୮୦୦୧୪, ଗୁଜୁରାଟ୍, ଭାରତ ।

ଫୋନ ନମ୍ବର :- (୦୭୯) ୨୭୫୪୦୪୦୮.

ଇ ମେଲ୍ :- info@dadabhagwan.org

© ପୂଜ୍ୟ ଦୀପକଭାଇ ଦେଶାଇ, ତ୍ରିମନ୍ଦିର, ଅଡ଼ାଲଜ୍, ଭାରତ

**ପ୍ରଥମ ସଂସ୍କରଣ : ୨୦୦୦ ଅଗଷ୍ଟ ୨୦୧୪**

**ଭାବ ମୂଲ୍ୟ :** 'ପରମ ବିନୟ' ଏବଂ 'ମୁଁ କିଛି ମଧ୍ୟ ଜାଣି ନାହିଁ', ଏହି ଭାବ !

**ମୁଦ୍ରକ :** ମହାବିଦେହ ଫାଉଣ୍ଡେସନ୍, ପାର୍ଶ୍ୱନାଥ୍ ଚାମ୍ବର, ଉସ୍ମାନପୁର, ଅହମଦାବାଦ - ୩୮୦୦୧୪ ଗୁଜୁରାଟ୍, ଭାରତ ।

ଫୋନ୍ ନମ୍ବର :- +୯୧୭୯୨୭୮୪୨୯୬୪

# ତ୍ରିମନ୍ତ୍ର








ନମୋଃ ଅରିହଂତାଣଂ
ନମୋଃ ସିଦ୍ଧାଣଂ
ନମୋଃ ଆୟରିୟାଣଂ
ନମୋଃ ଔବଜ୍ଝାୟାଣଂ
ନମୋଃ ଲୋଏ ସବ୍ୱସାହୁଣଂ
ଏସୋ ପଞ୍ଚ ନମୋକ୍କାରୋ
ସବ୍ୱପାବପ୍ପଣାସଣୋ
ମଙ୍ଗଲାଣଂ ଚ ସବ୍ୱେସିଂ
ପଢମଂ ହବଇ ମଙ୍ଗଳଂ ॥୧
ଓଁ ନମୋଃ ଭଗବତେ ବାସୁଦେବାୟ ॥୨
ଓଁ ନମଃ ଶିବାୟ ॥୩

॥ ଜୟ ସଚ୍ଚିଦାନନ୍ଦ ॥



# 'ଦାଦା ଭଗବାନ' କିଏ ?

ଜୁନ୍ ୧୯୫୮ର ଏକ ସନ୍ଧ୍ୟାରେ ପାଖା ପାଖି ଛଅ ଟା ସମୟରେ, ଭିଡ଼ରେ ଭରି ହୋଇଥିବା ସୁରତ ସହରରେ ରେଲଓ୍ୱେ ଷ୍ଟେସନ୍‌ର ପ୍ଲାଟଫର୍ମ ନମ୍ବର ୩ ର ବେଞ୍ଚ ଉପରେ ବସିଥିବା ଶ୍ରୀ ଅମ୍ବାଲାଲ୍ ମୂଳଜୀଭାଇ ପଟେଲ୍ ରୂପୀ ଦେହ ମନ୍ଦିରରେ ପ୍ରକୃତିର କ୍ରମ ଅନୁସାରେ, ଅକ୍ରମ ରୂପରେ, କେତେ ଜନ୍ମରୁ ବ୍ୟକ୍ତ ହେବା ପାଇଁ ଆତୁର 'ଦାଦା ଭଗବାନ' ପୂର୍ଣ୍ଣ ରୂପରେ ପ୍ରକଟିତ ହେଲେ ଏବଂ ପ୍ରକୃତି ସଜ୍ଜିତ କଲା ଅଧ୍ୟାତ୍ମର ଅଦ୍ଭୁତପୂର୍ବ ଆଶ୍ଚର୍ଯ୍ୟ । ଏକ ଘଣ୍ଟାରେ ତାଙ୍କୁ ବିଶ୍ୱ ଦର୍ଶନ ହେଲା । ମୁଁ କିଏ ?ଭଗବାନ କିଏ ? ଜଗତ କିଏ ଚଲାଉଛି ? କର୍ମ କ'ଣ ? ମୁକ୍ତି କ'ଣ ? ଇତ୍ୟାଦି । ଜଗତର ସମସ୍ତ ଆଧ୍ୟାତ୍ମିକ ପ୍ରଶ୍ନର ସଂପୂର୍ଣ୍ଣ ରହସ୍ୟ ପ୍ରକଟିତ ହେଲା । ଏହିପରି ପ୍ରକୃତି ବିଶ୍ୱ ସମ୍ମୁଖରେ ଏକ ଅଦ୍ୱିତୀୟ "ପୂର୍ଣ୍ଣ ଦର୍ଶନ" ପ୍ରସ୍ତୁତ କଲା ଏବଂ ତାହାର ମାଧ୍ୟମ ହେଲେ ଶ୍ରୀ ଅମ୍ବାଲାଲ୍ ମୂଳ୍‌ଜୀଭାଇ ପଟେଲ୍, ଯିଏକି ସାଧାରଣ ଗାଁ'ର ପାଟୀଦାର, କଂଟ୍ରାକ୍ଟର ବ୍ୟବସାୟ କରିବାବାଲା, ମାତ୍ର ପୂର୍ଣ୍ଣ ରୂପରେ ବିତରାଗ ପୁରୁଷ ଅଟନ୍ତି !

ତାଙ୍କୁ ଯେପରି ପ୍ରାପ୍ତ ହେଲା, ସେହିପରି ଅନ୍ୟ ମୁମୁକ୍ଷୁମାନଙ୍କୁ ମଧ୍ୟ କେବଳ ଦୁଇ ଘଣ୍ଟାରେ ସେ ଆତ୍ମଜ୍ଞାନର ପ୍ରାପ୍ତି କରାଇ ଦେଉଥିଲେ, ନିଜର ଅଦ୍ଭୁତ ସିଦ୍ଧି ପାଇଥିବା, ଜ୍ଞାନ ପ୍ରୟୋଗ ଦ୍ୱାରା । ତାହାକୁ ଅକ୍ରମ ମାର୍ଗ କୁହାଗଲା । ଅକ୍ରମ ଅର୍ଥାତ୍ ବିନା କ୍ରମରେ ଏବଂ କ୍ରମ ଅର୍ଥାତ୍ ସିଢ଼ି ପରେ ସିଢ଼ି ଚଢ଼ିବା । ଅକ୍ରମ ଅର୍ଥାତ୍ ଲିଫ୍ଟ ମାର୍ଗ । ସର୍ଟ କଟ୍ (Short-cut) ।

ସେ ନିଜେ ପ୍ରତ୍ୟକଙ୍କୁ 'ଦାଦା ଭଗବାନ କିଏ ?' ର ରହସ୍ୟ ଜଣାଇବାକୁ ଯାଇ କୁହନ୍ତି ଯେ, " ଯାହାକୁ ଆପଣ ଦେଖୁ ଅଛନ୍ତି ସେ ଦାଦା ଭଗବାନ ନୁହନ୍ତି, ସେ ତ 'ଏ.ଏମ୍. ପଟେଲ୍' ଅଟେ । ମୁଁ ଜ୍ଞାନୀ ପୁରୁଷ ଅଟେ ଏବଂ ଭିତରେ ଯିଏ ପ୍ରକଟ ହୋଇଛନ୍ତି, ସେ 'ଦାଦା ଭଗବାନ' ଅଟନ୍ତି । ଦାଦା ଭଗବାନ ତ' ଚଉଦ ଲୋକର ନାଥ ଅଟନ୍ତି । ସେ ଆପଣଙ୍କ ଭିତରେ ମଧ ଅଛନ୍ତି । ସମସ୍ତଙ୍କ ମଧରେ ଅଛନ୍ତି । ଆପଣଙ୍କ ଭିତରେ ଅବ୍ୟକ୍ତ ରୂପରେ ଅଛନ୍ତି ଏବଂ 'ଏଠାରେ' ସଂପୂର୍ଣ୍ଣ ରୂପରେ ବ୍ୟକ୍ତ ହୋଇଛନ୍ତି । ଦାଦା ଭଗବାନଙ୍କୁ ମୁଁ ସ୍ୱୟଂ ମଧ ନମସ୍କାର କରିଥାଏଁ ।"

'ବ୍ୟାପରରେ ଧର୍ମ ରହିବା ଦରକାର, ମାତ୍ର ଧର୍ମରେ ବ୍ୟାପାର ରହିବା ଉଚିତ ନୁହେଁ; ଏହି ସିଦ୍ଧାନ୍ତରେ ସେ ସାରା ଜୀବନ ବିତାଇ ଦେଲେ । ଜୀବନରେ କେବେ ହେଲେ ମଧ କାହାରିଠାରୁ ପଇସା ଆଣିନାହାନ୍ତି ବରଂ ନିଜ ବ୍ୟବସାୟର ଅତିରିକ୍ତ ଲାଭରେ ସେ ଭକ୍ତମାନଙ୍କୁ ଯାତ୍ରା କରିବା ପାଇଁ ନେଇ ଯାଉଥିଲେ ।

-୦-

# ନିବେଦନ

ପ୍ରସ୍ତୁତ ଅନୁବାଦରେ ଏହା ବିଶେଷ ଧ୍ୟାନ ରଖାଯାଇଛି ଯେ, ପାଠକଙ୍କୁ ଦାଦାଶ୍ରୀଙ୍କ ବାଣୀ ଶୁଣାଯିବା ପରି ଅନୁଭବ ହେବ। ତାଙ୍କର ହିନ୍ଦୀଭାଷା ବିଷୟରେ ସେ କହୁଥିଲେ ଯେ "ମୋର ହିନ୍ଦୀ ଅର୍ଥାତ୍ ଗୁଜରାତୀ, ହିନ୍ଦୀ ଏବଂ ଇଂରାଜୀର Mixture (ମିଶ୍ରଣ) ଅଟେ, ମାତ୍ର ଯେତେବେଳେ Tea (ଚା) ତିଆରି ହେବ, ସେତେବେଳେ ବହୁତ ଭଲ ଲାଗିବ"।

ଜ୍ଞାନୀଙ୍କ ବାଣୀକୁ ଓଡ଼ିଆ ଭାଷାରେ ହିନ୍ଦୀ "ଆତ୍ମାସାକ୍ଷାତ୍କାର" ପୁସ୍ତକରୁ ଯଥାର୍ଥ ରୂପରେ ଅନୁବାଦ କରିବାର ପ୍ରଯତ୍ନ କରାଯାଇଛି ମାତ୍ର ଦାଦାଶ୍ରୀଙ୍କ ଆତ୍ମଜ୍ଞାନର ସଠିକ୍ ଅର୍ଥ, ଯେପରି କହିଛନ୍ତି ସେପରି ଭାବରେ ଆପଣଙ୍କୁ ଗୁଜରାତୀ ଭାଷାରେ ଅବଗତ ହେବ। ଯେଉଁମାନଙ୍କୁ ଜ୍ଞାନର ଗଭୀରତା ମଧ୍ୟକୁ ଯିବାର ଅଛି, ଜ୍ଞାନର ପ୍ରକୃତ ମର୍ମ ବୁଝିବାର ଅଛି, ସେମାନେ ଏଥିପାଇଁ ଗୁଜୁରାତୀ ଭାଷା ଶିଖନ୍ତୁ, ଏହା ଆମର ନମ୍ର ବିନତି।

ଅନୁବାଦଜନିତ ତ୍ରୁଟି ପାଇଁ ଆପଣଙ୍କ ପାଖରେ ଆମେ କ୍ଷମାପ୍ରାର୍ଥୀ ଅଟୁଁ।

❖❖❖

अକ୍ରମ ବିଜ୍ଞାନ

# ଆତ୍ମସାକ୍ଷାତ୍କାର

## ପ୍ରାପ୍ତି ନିମନ୍ତେ ସରଳ ଓ ସଠିକ୍ ବିଜ୍ଞାନ

## ୧. ମନୁଷ୍ୟ ଜୀବନର ଧ୍ୟେୟ କ'ଣ ?

ଏହି ଜୀବନ ସମ୍ପୂର୍ଣ୍ଣ Fracture (ବ୍ୟର୍ଥ) ହୋଇଯାଇଛି । କାହିଁକି ବଞ୍ଚିଛୁ, ଏହାର ଜ୍ଞାନ ନାହିଁ । ଏହି ବିନା ଧ୍ୟେୟର ଜୀବନ, ଏହାର କିଛି ଅର୍ଥ ହିଁ ନାହିଁ । ଲକ୍ଷ୍ମୀ (ଅର୍ଥ) ଆସୁଛି, ଏଣୁ ଖାଇ ପିଇ ଆନନ୍ଦରେ ରହୁଛୁ ଏବଂ ସାରାଦିନ Worries (ଚିନ୍ତା) କରୁଛୁ । ଏହାକୁ ଜୀବନର ଧ୍ୟେୟ କିପରି କୁହାଯାଇପାରିବ ? ମନୁଷ୍ୟପଣ ଏପରି ବୃଥାରେ ନଷ୍ଟ କରିବା, ଏହାର ମାନେ କ'ଣ ? ତା'ହେଲେ ମନୁଷ୍ୟପଣ ପ୍ରାପ୍ତ ହେବା ପରେ ନିଜର ଧ୍ୟେୟ ପର୍ଯ୍ୟନ୍ତ ପହଞ୍ଚିବାପାଇଁ କ'ଣ କରିବା ଦରକାର ? ଯଦି ସାଂସାରିକ ସୁଖ ଅର୍ଥାତ୍ ଭୌତିକ ସୁଖ ଚାହୁଁଥାଅ, ତା'ହେଲେ ନିଜ ପାଖରେ ଯାହା ଅଛି ତାକୁ ଅନ୍ୟମାନଙ୍କ ମଧ୍ୟରେ ବାଣ୍ଟିଦିଅ ।

ଏହି ଦୁନିଆର ନିୟମ ଗୋଟିଏ ବାକ୍ୟରେ ବୁଝିନିଅ ଏହି ଜଗତରେ ସବୁ ଧର୍ମର ସାର ଏହା ଯେ, ଯଦି ମନୁଷ୍ୟ ସୁଖ ଚାହୁଁଛି ତେବେ ଜୀବ ମାତ୍ରକୁ ସୁଖ ଦିଅ ଓ ଯଦି ଦୁଃଖ ଚାହୁଁଛି ତେବେ ଦୁଃଖ ଦିଅ ।ଯାହା ଅନୁକୂଳ ଲାଗୁଛି ତାହା ଦିଅ । ଏବେ ଯଦି କିଏ କହେ ଆମେ ଅନ୍ୟକୁ ସୁଖ କିପରି ଦେବୁ, ଆମ ପାଖରେ ତ ଅର୍ଥ ନାହିଁ । କେବଳ ଟଙ୍କା ପଇସା ଦ୍ୱାରା ଯେ ସୁଖ ଦିଆଯାଇପାରେ ଏପରି କିଛି ନୁହେଁ । ତାଙ୍କ ପ୍ରତି (ଉପକାରୀ ସ୍ୱଭାବ) ମଧ୍ୟ ରଖାଯାଇପାରେ, ତାଙ୍କୁ ସହାୟତା କରାଯାଇପାରେ, ଯେପରି କିଛି ଆଣିବାର ଅଛି ତ ଆଣି ଦେଇ ପାର ଅଥବା ପରାମର୍ଶ ଦେଇପାର, ଏପରି ଅନେକ ରାସ୍ତା ଅଛି ଉପକାର କରିବା ପାଇଁ ।

# ଦୁଇ ପ୍ରକାରର ଧ୍ୟେୟ, ସାଂସାରିକ ଓ ଆତ୍ୟନ୍ତିକ

ଦୁଇ ପ୍ରକାରର ଧ୍ୟେୟ ନିଶ୍ଚିତ କରିବା ଦରକାର ଯେ ଆମକୁ ସଂସାରରେ ଏପରି ବଞ୍ଚିବାକୁ ପଡ଼ିବ ଯେପରି କାହାରିକୁ କଷ୍ଟ ନହେଉ, କାହାପାଇଁ ଦୁଃଖଦାୟୀ ନହେଉ। ଏହିପରି ଆମେ ଉତ୍ତମ, ଉଚ୍ଚ ସତ୍‌ସଙ୍ଗୀପୁରୁଷ, ସତ୍‌ପୁରୁଷଙ୍କ ସଙ୍ଗେ ରହିବା ଏବଂ କୁସଙ୍ଗରେ ନ ପଡ଼ିଲା ଭଳି, ଏପରି କିଛି ଧ୍ୟେୟ ହେବା ଦରକାର ଏବଂ ଦ୍ୱିତୀୟ ଧ୍ୟେୟରେ ପ୍ରତ୍ୟକ୍ଷ ଜ୍ଞାନୀପୁରୁଷ ମିଳିଗଲେ (ଯାହାଙ୍କଠାରୁ ଆତ୍ମଜ୍ଞାନ ପ୍ରାପ୍ତ କରି) ତାଙ୍କ ସତ୍ ସଙ୍ଗରେ ରହିବା ଉଚିତ୍। ଏହା ଦ୍ୱାରା ତୁମର ପ୍ରତ୍ୟେକ କାମ ହୋଇଯିବ। ସମସ୍ତ Puzzle (ଦ୍ୱନ୍ଦ୍ୱର) ସମାଧାନ ହୋଇଯିବ (ଏବଂ ମୋକ୍ଷ ପ୍ରାପ୍ତ ହୋଇଯିବ)।

ଏଣୁ ମନୁଷ୍ୟର ଅନ୍ତିମ ଧ୍ୟେୟ କ'ଣ ? ମୋକ୍ଷ ପର୍ଯ୍ୟନ୍ତ ଯିବାପାଇଁ ଧ୍ୟେୟ ହେବା ଉଚିତ୍। ତୁମକୁ ମଧ୍ୟ ମୋକ୍ଷ ପାଇବାର ଅଛି ନା ? କେତେ ଜନ୍ମ ପର୍ଯ୍ୟନ୍ତ ଭଟକୁ ଥିବ ? ଅନନ୍ତ ଜନ୍ମରୁ ଭଟକୁ ଅଛ... ଭଟକିବାରେ ଆଉ କିଛି ବାକି ନାହିଁ। କାହିଁକି ଭଟକିବାକୁ ପଡ଼ିଲା ? କାରଣ "ମୁଁ କିଏ" ଏହାର ଜ୍ଞାନ ନଥିଲା। ନିଜ ସ୍ୱରୂପର ଅଜ୍ଞାନତା ଥିଲା। ନିଜର ସ୍ୱରୂପକୁ ଜାଣିବା ଉଚିତ୍। 'ସ୍ୱୟଂ କିଏ' ଏହା ଜାଣିବା ଉଚିତ୍ ନୁହେଁ କି ? ଏତେ ଭଟକିବା ସତ୍ତ୍ୱେ ମଧ୍ୟ ଜାଣି ପାରିଲ ନାହିଁ। କେବଳ ଅର୍ଥ ଉପାର୍ଜନ କରିବାରେ ଲାଗିଛ ? ମୋକ୍ଷ ପାଇଁ କିଛି କରିବାକୁ ପଡ଼ିବ ନା ନାହିଁ ? ମନୁଷ୍ୟ ବାସ୍ତବରେ ପରମାତ୍ମା ହୋଇପାରିବ। ନିଜର ପରମାତ୍ମା ପଦକୁ ପ୍ରାପ୍ତ କରିବା – ଏହାହିଁ ସବୁଠାରୁ ଅନ୍ତିମ ଧ୍ୟେୟ।

❖ ❖ ❖

## ମୋକ୍ଷ, ଦୁଇଟି Stage (ସ୍ତର)ରେ

**ପ୍ରଶ୍ନକର୍ତ୍ତା :** ମୋକ୍ଷର ଅର୍ଥ ସାଧାରଣତଃ ଆମେ ଜନ୍ମ-ମୃତ୍ୟୁରୁ ମୁକ୍ତି ହିଁ ବୁଝିଥାଉ ।

**ଦାଦାଶ୍ରୀ :** ହଁ ତାହା ଠିକ୍, କିନ୍ତୁ ତାହା ଅନ୍ତିମ ମୁକ୍ତି ଅଟେ, Secondary Stage (ପରବର୍ତ୍ତୀ ସ୍ତର) ଅଟେ । ପ୍ରଥମ Stage ରେ ପ୍ରଥମ ମୋକ୍ଷ ଅର୍ଥାତ୍ ସାଂସାରିକ ଦୁଃଖର ଅଭାବ ହେବ, ସଂସାରର ଦୁଃଖରେ ମଧ୍ୟ ଦୁଃଖ ସ୍ପର୍ଶ କରିବ ନାହିଁ, ଉପାଧିରେ ମଧ୍ୟ ସମାଧି ରହିବ - ଏହା ହିଁ ପ୍ରଥମ ମୋକ୍ଷ, ସଂସାରରେ ରହି ମଧ୍ୟ ସଂସାର ସ୍ପର୍ଶ କରିବ ନାହିଁ, ମୋକ୍ଷ ଏଭଳି ହେବା ଉଚିତ୍ । ଏହା ଏହି ଅକ୍ରମ ବିଜ୍ଞାନ ଦ୍ୱାରା ସମ୍ଭବ ।

## ୨. ଆତ୍ମଜ୍ଞାନ ଦ୍ୱାରା ଶାଶ୍ୱତ ସୁଖର ପ୍ରାପ୍ତି

ଜୀବମାତ୍ର କ'ଣ ଖୋଜି ଥାଏ ? ଆନନ୍ଦ ଖୋଜିଥାଏ । କିନ୍ତୁ ମୁହୂର୍ତ୍ତକ ପାଇଁ ମଧ୍ୟ ସୁଖ ମିଳି ନ ଥାଏ । ବିବାହ ଉତ୍ସବରେ ବା ନାଟକ ଦେଖିବା ପାଇଁ ଯାଅ କିନ୍ତୁ ଫେରି ଆସିଲେ ପୁଣି ସେହି ଦୁଃଖ । ଯେଉଁ ସୁଖ ପରେ ଦୁଃଖ ଆସେ ତାହାକୁ ସୁଖ କିପରି କହିବା ? ତାହାକୁ କେବଳ ମୂର୍ଚ୍ଛାର ଆନନ୍ଦ କୁହାଯାଇଥାଏ । ସୁଖ ତ Permanent (ସ୍ଥାୟୀ) ହୋଇଥାଏ । ଏହା ତ Temporary (କ୍ଷଣସ୍ଥାୟୀ) ସୁଖ ଏବଂ କଳ୍ପିତ ସୁଖ ଯାହାକୁ ଆମେ ସୁଖ ବୋଲି ମାନୁଛୁ । ପ୍ରତ୍ୟେକ ଆତ୍ମା କ'ଣ ଖୋଜେ ? ସବୁ ସମୟ ପାଇଁ ସୁଖ ... ତାହା ଶାଶ୍ୱତ ସୁଖରୁ ମିଳିବ ଏହା କିଣି ନେବି, ଏମିତି ବଙ୍ଗଳାଟିଏ ଗଢ଼ିବି ତ ସୁଖ ମିଳେ ଗାଡ଼ିଟିଏ କିଣିଲେ ସୁଖ ମିଳିବ ଏମିତି କରିଚାଲିଥାଏ । କିନ୍ତୁ କିଛି ମଧ୍ୟ ମିଳେନାହିଁ, ବରଂ ଆହୁରି ଅଧିକ ଜଞ୍ଜାଳରେ ଫସି ଚାଲିଥାଏ । ସୁଖ ନିଜ ଭିତରେ ଅଛି, ଆତ୍ମାରେ ହିଁ ଅଛି । ଏଣୁ ଯେତେବେଳେ ଆତ୍ମା ପ୍ରାପ୍ତ କରେ ସେତେବେଳେ ସନାତନ ସୁଖ ପ୍ରାପ୍ତ ହୁଏ ।

# ସୁଖ ଓ ଦୁଃଖ

ଜଗତରେ ସମସ୍ତେ ସୁଖ ହିଁ ଖୋଜିଥାନ୍ତି କିନ୍ତୁ ସୁଖର ପରିଭାଷା ସ୍ଥିର କରିପାରନ୍ତି ନାହିଁ। ସୁଖ ଏପରି ହେବା ଉଚିତ୍ କି ଯାହା ପରେ ଆଉ ଦୁଃଖ କେବେ ବି ନ ଆସିବ। ଯଦି ଏପରି ଗୋଟିଏ ମଧ୍ୟ ସୁଖ ଦୁନିଆରେ ଥାଏ, ତା'ହେଲେ ଖୋଜି ବାହାର କର। ସୁଖ ତ ନିଜର "ସ୍ୱ"ରେ ହିଁ ଅଛି। ନିଜେ ଅନନ୍ତ ସୁଖର ଧାମ ଅଟ, କିନ୍ତୁ ଲୋକେ ବିନାଶୀ ବସ୍ତୁରେ ସୁଖ ଖୋଜିବାରେ ଲାଗିଛନ୍ତି।

## ଶାଶ୍ୱତ ସୁଖର ସନ୍ଧାନ

ଯାହାକୁ ସନାତନ ସୁଖ ମିଳିଯାଇଛି, ତାକୁ ଯଦି ସଂସାରର ସୁଖ ସ୍ପର୍ଶ ନ କରେ ତେବେ ସେହି ଆତ୍ମାର ମୁକ୍ତି ହୋଇଯିବ। ଶାଶ୍ୱତ ସୁଖ ହିଁ ମୋକ୍ଷ ଅଟେ। ଅନ୍ୟ କୌଣସି ମୋକ୍ଷରେ ଆମର ବା କି ପ୍ରୟୋଜନ? ଆମକୁ ସୁଖ ଦରକାର। ତୁମକୁ ସୁଖ ଭଲ ଲାଗେ କି ନାହିଁ କୁହ।

**ପ୍ରଶ୍ନକର୍ତ୍ତା :** ସେଇଥିପାଇଁ ତ ଆମେ ସମସ୍ତେ ଭଟକୁଛୁ।

**ଦାଦାଶ୍ରୀ :** ହଁ, କିନ୍ତୁ ସୁଖ Temporary (କ୍ଷଣସ୍ଥାୟୀ) ନହେବା ଉଚିତ୍। Temporary ଭଲ ଲାଗେ ନାହିଁ। ସେହି ସୁଖ ପରେ ଦୁଃଖ ଆସିଥାଏ, ସେଥିପାଇଁ ଭଲ ଲାଗେ ନାହିଁ। ଯଦି ସନାତନ ସୁଖ ହୋଇଥାଏ, ତେବେ ଦୁଃଖ ଆସିବ ନାହିଁ। ଏହିପରି ସୁଖ ଦରକାର। ଯଦି ସେମିତି ସୁଖ ମିଳେ ତା' ହେଲେ ତାହା ହିଁ ମୋକ୍ଷ। ମୋକ୍ଷର ଅର୍ଥ କ'ଣ? ସଂସାରୀ ଦୁଃଖର ଅଭାବ ହିଁ ମୋକ୍ଷ। ଅନ୍ୟଥା ଦୁଃଖର ଅଭାବ ତ କାହାରିକୁ ନଥାଏ!!!

ଗୋଟିଏ ହେଉଛି ବାହ୍ୟବିଜ୍ଞାନ ଯାହାର ଅଭ୍ୟାସ ବୈଜ୍ଞାନିକମାନେ କରିଥାନ୍ତି। ଅନ୍ୟଟି ହେଉଛି ଅନ୍ତର୍ବିଜ୍ଞାନ। ଆଉ ଯାହା Temporary Adjustment (କ୍ଷଣସ୍ଥାୟୀ ସମାଯୋଜନ) ସୁଖ ଦିଏ, ତାହାକୁ ବାହ୍ୟ ବିଜ୍ଞାନ

କୁହାଯାଏ । ବାହ୍ୟ ବିଜ୍ଞାନ ଶେଷରେ ବିନାଶ ହୋଇଯାଏ ଏବଂ ବିନାଶକାରୀ ମଧ୍ୟ । ଆଉ ଏହି ଅକ୍ରମ ବିଜ୍ଞାନ ସନାତନ ଓ ସନାତନକାରୀ ମଧ୍ୟ ।

## 3. I AND MY ARE SEPARATE

## ("ଜ୍ଞାନୀ" ହିଁ ମୌଳିକ ସ୍ପଷ୍ଟୀକରଣ ଦିଅନ୍ତି)

"I" ଭଗବାନ ଅଟେ ଓ "My" ମାୟା ଅଟେ । "My" ଏହା ମାୟା ଅଟେ । "My is relative to "I" ("ମୁଁ ଏବଂ "ମୋର" ସର୍ବଦା ଆପେକ୍ଷିକ) । "I" is real ("ମୁଁ" ହି ବାସ୍ତବ ଅଟେ) । ଆତ୍ମାର ଗୁଣସମୂହକୁ "I" ରେ ଆରୋପଣ କର, ତୁମର ବହୁତ ଶକ୍ତି ବଢ଼ିଯିବ । ମୂଳ ଆତ୍ମା, ଆତ୍ମଜ୍ଞାନୀ ବିନା ମିଳି ପାରିବ ନାହିଁ । କିନ୍ତୁ "I" ଓ "My" ସମ୍ପୂର୍ଣ୍ଣ ଅଲଗା ଅଟେ । ଏହା ସମସ୍ତଙ୍କୁ ଏପରିକି Foreigner (ବିଦେଶୀମାନେ) ଯଦି ବୁଝିଯିବେ ତାଙ୍କର ମଧ୍ୟ ଅନେକ ସମସ୍ୟା କମ୍ ହୋଇଯିବ । ଏହା Science (ବିଜ୍ଞାନ) ଅଟେ । ଅକ୍ରମ ବିଜ୍ଞାନ ଏହି ଆଧ୍ୟାତ୍ମିକ Research (ଗବେଷଣା) ର ସମ୍ପୂର୍ଣ୍ଣ ନୂଆ କୌଶଳ । "I" ହେଉଛି 'ସ୍ୱ' ଭାବ ଏବଂ "My" ହେଉଛି ମାଲିକୀ ଭାବ ।

## SEPARATE, 'I' ଏବଂ 'MY'

ତୁମକୁ ଯଦି କୁହାଯାଏ ଯେ, Separate "I" and "My" with separator (ମୁଁ ଏବଂ ମୋରକୁ ପୃଥକୀକାରକ ଦ୍ୱାରା ଅଲଗା କର), ତେବେ ତୁମେ "I" ଓ "My" କୁ Separate (ଅଲଗା କରିବା) କରିପାରିବ କି ? "ମୁଁ" ଓ "ମୋର"କୁ Separate କରିବା ଦରକାର କି ନାହିଁ ? ଦୁନିଆରେ କେବେ ତ ଜାଣିବାକୁ ପଡ଼ିବ । Separate "I" and "MY" । ଯେପରି ଦୁଗ୍ଧରୁ ଲହୁଣୀକୁ Separator ଦ୍ୱାରା ଅଲଗା କରାଯାଏ । ଠିକ୍ ସେହିପରି Separate କରିବାକୁ ହେବ ।

ତୁମ ପାଖରେ "ମୋର" ପରି କିଛି ଜିନିଷ ଅଛି କି ? "ମୁଁ" ଏକା ଅଛି ନା "ମୋର" ସାଥିରେ ଅଛି ?

**ପ୍ରଶ୍ନକର୍ତ୍ତା :** "ମୋର" ସାଥୀରେ ନିଶ୍ଚୟ ଥିବ।

**ଦାଦାଶ୍ରୀ :** କ'ଣ କ'ଣ "ମୋର" ଅଛି ତୁମ ପାଖରେ ?

**ପ୍ରଶ୍ନକର୍ତ୍ତା :** ମୋ ଘର ଓ ଘରେ ଥିବା ସବୁ ଜିନିଷପତ୍ର।

**ଦାଦାଶ୍ରୀ :** ସବୁକିଛି ତୁମର କୁହାଯିବ ? ଆଉ ସ୍ତ୍ରୀ କାହାର ?

**ପ୍ରଶ୍ନକର୍ତ୍ତା :** ସିଏ ମଧ୍ୟ ମୋର।

**ଦାଦାଶ୍ରୀ :** ଆଉ ଏ ପିଲାମାନେ କାହାର ?

**ପ୍ରଶ୍ନକର୍ତ୍ତା :** ସେମାନେ ମଧ୍ୟ ମୋର।

**ଦାଦାଶ୍ରୀ :** ଆଉ ଏ ଘଡ଼ିଟି କାହାର ?

**ପ୍ରଶ୍ନକର୍ତ୍ତା :** ଏହା ମଧ୍ୟ ମୋର।

**ଦାଦାଶ୍ରୀ :** ଏହି ହାତଟି କାହାର ?

**ପ୍ରଶ୍ନକର୍ତ୍ତା :** ଏହି ହାତ ମଧ୍ୟ ମୋର।

**ଦାଦାଶ୍ରୀ :** ତା'ହେଲେ ମୋ ମୁଣ୍ଡ, ମୋ ଦେହ, ମୋ ଗୋଡ଼, ମୋ କାନ, ମୋ ଆଖି, ଏହିପରି କହିବ। ଏହି ଦେହରେ ଥିବା ସବୁଅଙ୍ଗକୁ ମୋର ବୋଲି କହୁଥିବା 'ତୁମେ' କିଏ ? ଏହା କେବେ ଭାବିଛ ? 'My name is Chandu Bhai' (ମୋର ନାମ ଚନ୍ଦୁଭାଇ) କହୁଛ, ପୁଣି 'ମୁଁ ଚନ୍ଦୁଭାଇ' ଏଥିରେ କିଛି ବିରୋଧାଭାସ ଲାଗୁନାହିଁ କି ?

**ପ୍ରଶ୍ନକର୍ତ୍ତା :** ହଁ, ଲାଗୁଛି।

**ଦାଦାଶ୍ରୀ :** ତୁମେ ଚନ୍ଦୁଭାଇ ଅଟ, କିନ୍ତୁ ଏଥିରେ 'I' and 'My' ଦୁଇ ଜଣ ଅଛନ୍ତି । ଏହି 'I' and 'MY' ଦୁଇ ରେଳଧାରଣା ଅଲଗା ଅଟେ, Parallel (ସମାନ୍ତର) ହିଁ ରହିଥାଏ, କେବେ ବି ଏକାକାର ହୁଅନ୍ତି ନାହିଁ। ତଥାପି ଏହାକୁ ଏକାକାର ମାନୁଛ। ଏହାକୁ ବୁଝିପାରି ଏଥିରୁ 'MY' କୁ

Separate କରିଦିଅ । ତୁମ ଠାରେ ଯେଉଁ 'MY' ଅଛି ତାହାକୁ ଗୋଟିଏ ପାର୍ଶ୍ୱରେ ରଖ । My Heart (ମୋ ହୃଦୟ) ତାକୁ ଗୋଟିଏ ପଟେ ରଖ । ଏହି ଦେହରୁ ଆଉ କ'ଣ କ'ଣ Separate କରିବାର ଅଛି ?

**ପ୍ରଶ୍ନକର୍ତ୍ତା :** ଗୋଡ଼, ଇନ୍ଦ୍ରିୟସମୂହ ?

**ଦାଦାଶ୍ରୀ :** ହଁ, ସବୁକିଛି । ପାଞ୍ଚଜ୍ଞାନେନ୍ଦ୍ରିୟ ପାଞ୍ଚକର୍ମେନ୍ଦ୍ରିୟ ମନ, ବୁଦ୍ଧି, ଚିତ୍ତ, ଅହଂକାର ସବୁକିଛି ଏବଂ "My igoism" (ମୋର ଅହଂକାର) କୁହ ନା "I am igoism" (ମୁଁ ଅହଂକାର) କୁହ ?

**ପ୍ରଶ୍ନକର୍ତ୍ତା :** "My igoism" ।

**ଦାଦାଶ୍ରୀ :** "My igoism" କହିଲେ ଏହାକୁ ଅଲଗା କରିହେବ । କିନ୍ତୁ ଏହା ଆଗକୁ ଯାହା ଅଛି ସେଥିରୁ ତୁମ ଭାଗ କ'ଣ ଏହା ତୁମେ ଜାଣ ନାହିଁ । ଏଥିପାଇଁ ସମ୍ପୂର୍ଣ୍ଣରୂପେ Separation ହୋଇପାରେ ନାହିଁ । ତୁମେ ନିଜର କିଛି ସୀମା ପର୍ଯ୍ୟନ୍ତ ଜାଣିପାରିବ । ତୁମେ ସ୍ଥୂଳବସ୍ତୁ ହିଁ ଜାଣିଛ । ସୂକ୍ଷ୍ମର ପରିଚୟ ନାହିଁ । ପ୍ରଥମେ ସୂକ୍ଷ୍ମକୁ ଅଲଗା କରିବା, ତା' ପରେ ସୂକ୍ଷ୍ମତରକୁ ଅଲଗା କରିବା, ତା'ପରେ ଯାଇ ସୂକ୍ଷ୍ମତମକୁ ଅଲଗା କରିବା ହିଁ ଜ୍ଞାନୀପୁରୁଷଙ୍କ କାମ ।

କିନ୍ତୁ ଗୋଟିଏ ଗୋଟିଏ କରି ସବୁ Spare Parts କୁ ଅଲଗା କରିବ ଯଦି ତେବେ 'I' and 'My' ଅଲଗା ହୋଇପାରିବ କି ନାହିଁ । 'I' ଏବଂ 'My' ଦୁହିଁଙ୍କୁ ଅଲଗା କରୁ କରୁ ଶେଷରେ କ'ଣ ରହିବ ? 'My' କୁ ଗୋଟିଏ ପାର୍ଶ୍ୱରେ ରଖିଲେ ତେବେ ଶେଷରେ କ'ଣ ରହିବ ?

**ପ୍ରଶ୍ନକର୍ତ୍ତା :** 'I'

**ଦାଦାଶ୍ରୀ :** ହଁ, ସେହି 'I' ହିଁ ତୁମେ ଅଟ । ବାସ୍ ସେହି 'I' କୁ ହିଁ Realize (ଅନୁଭବ) କରିବାକୁ ହେବ ।

ସେଠି ମୋର ଆବଶ୍ୟକତା ପଡ଼ିବ। ମୁଁ ତୁମ ଭିତରେ ସବୁକିଛି ଅଲଗା କରିଦେବି। ପୁଣି ତୁମକୁ "ମୁଁ ଶୁଦ୍ଧାତ୍ମା" ଏହା ଅନୁଭବ ହେବ। ଅନୁଭବ ହେବା ଦରକାର ଓ ତତ୍ ସଙ୍ଗେ ସଙ୍ଗେ ଦିବ୍ୟ ଚକ୍ଷୁ ମଧ ଦେଇଥାଏ ଏହାଦ୍ୱାରା "ଆତ୍ମବତ୍ ସର୍ବଭୂତେଷୁ" ଦେଖିପାରିବ (ସମସ୍ତଙ୍କ ଭିତରେ ଆତ୍ମା)।

## ୪. 'ମୁଁ'ର ପରିଚୟ କିପରି ?
## ଜପ-ତପ, ବ୍ରତ ଓ ନିୟମ

**ପ୍ରଶ୍ନକର୍ତ୍ତା :** ବ୍ରତ, ତପ, ନିୟମ ଜରୁରୀ ନା ନୁହେଁ ?

**ଦାଦାଶ୍ରୀ :** କଥାଟି ଏପରି ଯେ ଔଷଧ ଦୋକାନରେ ଯେତେ ଔଷଧ ଅଛି ତାହା ସବୁ ଆବଶ୍ୟକ କିନ୍ତୁ ତାହା ଲୋକଙ୍କ ପାଇଁ ଦରକାର ତୁମକୁ ଯେତିକି ଦରକାର ଠିକ୍ ସେତିକି ନେଇଯିବାକୁ ପଡିବ। ଠିକ୍ ସେହିପରି ବ୍ରତ, ତପ, ନିୟମ ଏ ସବୁ ଦରକାର। ଏହି ଦୁନିଆଁରେ କିଛି ମଧ ଭୁଲ୍ ନୁହେଁ। ଜପ, ତପ କିଛି ଭୁଲ୍ ନୁହେଁ। କିନ୍ତୁ ପ୍ରତ୍ୟେକଙ୍କ ଦୃଷ୍ଟିରେ ପ୍ରତ୍ୟେକ ସତ୍ୟ ଅଟେ।

**ପ୍ରଶ୍ନକର୍ତ୍ତା :** ତପ ଓ କ୍ରିୟାରୁ ମୁକ୍ତି ମିଳେ କି ?

**ଦାଦାଶ୍ରୀ :** ତପ ଓ କ୍ରିୟାରୁ ଫଳ ମିଳେ କିନ୍ତୁ ମୁକ୍ତି ମିଳେ ନାହିଁ। ନିମ୍ବ ପୋତିଲେ ପିତା ଫଳ ମିଳିବ ଓ ଆମ୍ବ ମଞ୍ଜି ପୋତିଲେ ମିଠା ଫଳ ମିଳେ। ତୁମକୁ ଯେପରି ଫଳ ଦରକାର ସେହିପରି ମଞ୍ଜି ପୋତିବାକୁ ପଡ଼ିବ। ମୋକ୍ଷ ପ୍ରାପ୍ତିର ତପ ଅଲଗା ପ୍ରକାର, ଅନ୍ତର୍ତପ ହୋଇଥାଏ। ଲୋକମାନେ ବାହ୍ୟ ତପକୁ ତପ ମନେ କରନ୍ତି। ଯେଉଁ ତପ ବାହାରକୁ ଦେଖାଯାଏ ସେହି ତପ ମୋକ୍ଷ କାମରେ ଆସେ ନାହିଁ। ସେହି ସବୁର ଫଳରୁ ତ କେବଳ ପୁଣ୍ୟ ମିଳିବ। ମୋକ୍ଷ ପାଇବା ପାଇଁ ଅନ୍ତର୍ତପ ଦରକାର, ଅଦିଠ ତପ (ଅର୍ନ୍ତତପ) ।

**ପ୍ରଶ୍ନକର୍ତ୍ତା :** ମନ୍ତ୍ରଜପରୁ ମୋକ୍ଷ ମିଳେ ନା ଜ୍ଞାନମାର୍ଗରୁ ମୋକ୍ଷ ମିଳେ ?

**ଦାଦାଶ୍ରୀ :** ମନ୍ତ୍ରଜପ ତୁମକୁ ସଂସାରରେ ଶାନ୍ତି ଦେଇଥାଏ । ମନକୁ ଶାନ୍ତ କରେ, ତାହା ମନ୍ତ୍ର, ତା' ଦ୍ୱାରା ଭୌତିକ ସୁଖ ମିଳେ । ଜ୍ଞାନମାର୍ଗ ବିନା ମୋକ୍ଷ ହୋଇପାରିବ ନାହିଁ । ଅଜ୍ଞାନ ଦ୍ୱାରା ବନ୍ଧନ ହୋଇଥାଏ ଓ ଜ୍ଞାନରୁ ମୁକ୍ତି ମିଳେ । ଏହି ଜଗତରେ ଯେଉଁ ଜ୍ଞାନଚାଲିଛି ତାହା ଇନ୍ଦ୍ରିୟ ଜ୍ଞାନ ଅଟେ । ତାହା ଭ୍ରାନ୍ତି ଅଟେ ଏବଂ ଅତିନ୍ଦ୍ରିୟ ଜ୍ଞାନ ହିଁ ବାସ୍ତବିକ ଜ୍ଞାନ ।

ଯାହାକୁ ନିଜ ସ୍ୱରୂପର ପରିଚୟ କରି ମୋକ୍ଷ ପାଇବାର ଅଛି ତା'ର କ୍ରିୟାର ଆବଶ୍ୟକତା ନାହିଁ । ଯାହାକୁ ଭୌତିକ ସୁଖର ଆବଶ୍ୟକତା ଅଛି ତା' ପାଇଁ କ୍ରିୟାର ଆବଶ୍ୟକତା ଅଛି । ଯାହାର ମୋକ୍ଷ ଦରକାର ତା'ର ଜ୍ଞାନ ଓ ଜ୍ଞାନୀର ଆଜ୍ଞା କେବଳ ଦୁଇଟି ଜିନିଷର ଆବଶ୍ୟକତା ଅଛି ।

## 'ମୁଁ' ର ପରିଚୟ ଜ୍ଞାନୀ ହିଁ କରାଇ ଦିଅନ୍ତି

**ପ୍ରଶ୍ନକର୍ତ୍ତା :** ଆପଣ କହିଲେ ଯେ ନିଜକୁ ନିଜେ ଚିହ୍ନ; ତେବେ ନିଜକୁ ନିଜେ ଚିହ୍ନିବା ପାଇଁ କ'ଣ କରିବା ଉଚିତ୍ ?

**ଦାଦାଶ୍ରୀ :** ମୋ ନିକଟକୁ ଆସି ମୋତେ ପଚାର ଯେ ମୋତେ ନିଜର ପରିଚୟ କରାଇ ଦିଅନ୍ତୁ, ତେବେ ମୁଁ ତୁମର ପରିଚୟ କରାଇଦେବି ।

**ପ୍ରଶ୍ନକର୍ତ୍ତା :** ମୁଁ କିଏ ଏହା ଜାଣିବା ଦରକାର, କିନ୍ତୁ ସଂସାରରେ ରହି କିପରି ସମ୍ଭବ ହୋଇପାରିବ ?

**ଦାଦାଶ୍ରୀ :** ତେବେ କେଉଁଠି ରହି ଜାଣିପାରିବ ? ସଂସାର ଛଡ଼ା ଆଉ କେଉଁ ଜାଗା ଅଛି ଯେଉଁଠି ରହିପାରିବ ? ଏହି ଜଗତରେ ସମସ୍ତେ ସଂସାରୀ ହିଁ ଅଟନ୍ତି ଆଉ ସମସ୍ତେ ସଂସାରରେ ରୁହନ୍ତି । ଏଠାରେ 'ମୁଁ କିଏ ?' ଜାଣିବାକୁ ମିଳିପାରିବ । 'ମୁଁ କିଏ' ? ବୁଝିବାପାଇଁ ବିଜ୍ଞାନ ଏଠି ଅଛି । ଏଠାକୁ ଆସ, ମୁଁ ପରିଚିତ କରାଇଦେବି ।

## ମୋକ୍ଷର ସରଳ ଉପାୟ

ଯିଏ ମୁକ୍ତ ହୋଇସାରିଛନ୍ତି ତାଙ୍କ ପାଖକୁ ଯାଇ କହିବାକୁ ପଡ଼ିବ ମହାଶୟ ! ମୋତେ ମୁକ୍ତ କରିଦିଅନ୍ତୁ । ଏହା ହିଁ ଅନ୍ତିମ ଓ ସବୁଠାରୁ ଉତ୍ତମ ଉପାୟ । 'ସ୍ୱୟଂ କିଏ' ଏହି ଜ୍ଞାନ ପକ୍କା ହୋଇଗଲେ ତାକୁ ମୋକ୍ଷ ମିଳିଯିବ ଏବଂ ଆତ୍ମଜ୍ଞାନୀ ନ ମିଳିଲେ (ସେତେ ପର୍ଯ୍ୟନ୍ତ) ଆତ୍ମଜ୍ଞାନୀଙ୍କ ପୁସ୍ତକ ପଢ଼ିବା ଉଚିତ୍ ।

ଆତ୍ମା Scientific (ବିଜ୍ଞାନ ସମ୍ବନ୍ଧୀୟ) ବସ୍ତୁ ଅଟେ । ଏହା ପୁସ୍ତକରୁ ମିଳୁଥିବା ବସ୍ତୁ ନୁହେଁ । ତାହା ନିଜର ଗୁଣଧର୍ମ ସହିତ ଥାଏ, ଚେତନ ଅଟେ ଓ ସିଏ ହିଁ ପରମାତ୍ମା । ତାଙ୍କରି ପରିଚୟ ହୋଇଗଲେ ସବୁକିଛି ହୋଇଯାଏ । କଲ୍ୟାଣ ହୋଇଯାଏ ଓ 'ତୁମେ ସେହି' ନିଜେ ହିଁ ଅଟ ।

ମୋକ୍ଷ ମାର୍ଗରେ ତପ-ତ୍ୟାଗ କିଛି କରିବାକୁ ପଡ଼େ ନାହିଁ । ଜ୍ଞାନୀପୁରୁଷ ମିଳିଗଲେ ତାଙ୍କରି ଆଜ୍ଞା ହିଁ ଧର୍ମ ଓ ଆଜ୍ଞା ହିଁ ତପ ଏବଂ ଏହା ହିଁ ଜ୍ଞାନ, ଦର୍ଶନ, ଚରିତ୍ର ଓ ତପ ଅଟେ ଯାହାର ପ୍ରତ୍ୟକ୍ଷ ଫଳ ହେଉଛି ମୋକ୍ଷ ।

'ଜ୍ଞାନୀପୁରୁଷ' ମିଳିଗଲେ ମୋକ୍ଷର ମାର୍ଗ ଅତ୍ୟନ୍ତ ସହଜ ଓ ସରଳ ହୋଇଯାଏ । ଖେଚୁଡ଼ି ତିଆରି କରିବା ଠାରୁ ମଧ୍ୟ ସହଜ ହୋଇଯାଏ ।

# ୫. 'ମୁଁ' ର ପରିଚୟ - ଜ୍ଞାନୀ ପୁରୁଷଙ୍କ ଠାରୁ ?

୧. ଆବଶ୍ୟକତା ଗୁରୁଙ୍କର ନା ଜ୍ଞାନୀଙ୍କର ?

**ପ୍ରଶ୍ନକର୍ତ୍ତା :** ଦାଦାଜୀଙ୍କ ସହିତ ଦେଖା ହେବା ପୂର୍ବରୁ ଯଦି ଆଉ କାହାକୁ ଗୁରୁରୂପେ ମାନିଥିବୁ ତେବେ ?

**ଦାଦାଶ୍ରୀ :** ତାଙ୍କ ନିକଟକୁ ଯାଅ, ଯଦି ନ ଯିବାକୁ ଚାହୁଁଛ, ନ ଗଲେ ବି

ଚଳିବ । ତୁମେ ଯାଇ ପାର ନ ଯାଇ ମଧ୍ୟ ପାର । କିନ୍ତୁ ତାଙ୍କୁ ଦୁଃଖ ନ ଲାଗିବା ପାଇଁ ଯିବା ଉଚିତ୍ । ତୁମକୁ ବିନୟୀ ହେବା ଉଚିତ୍ । ଏଠାରେ 'ଆତ୍ମ ଜ୍ଞାନ' ନେବା ସମୟରେ ଯଦି କେହି ପଚାରେ 'ଏବେ ମୁଁ ଗୁରୁଙ୍କୁ ପରିତ୍ୟାଗ କରିଦେବି ?' ମୁଁ କୁହେ ନା ଛାଡ଼ ନାହିଁ, ଆରେ ସେହି ଗୁରୁଙ୍କ ପ୍ରତାପରୁ ତ' ଏଠାରେ ପହଁଚି ପାରିଛ । ସଂସାର ଜ୍ଞାନ ବି ଗୁରୁଙ୍କ ବିନା ହୁଏ ନାହିଁ ଓ ମୋକ୍ଷର ଜ୍ଞାନ ବି ଗୁରୁଙ୍କ ବିନା ହୁଏ ନାହିଁ । ବ୍ୟାବହାରିକ ଗୁରୁ 'ବ୍ୟବହାର ପାଇଁ' ଓ ଜ୍ଞାନୀପୁରୁଷ 'ନିଶ୍ଚୟ' ପାଇଁ । ବ୍ୟବହାର Relative (ଆପେକ୍ଷିକ) ଓ ନିଶ୍ଚୟ Real (ବାସ୍ତବ) ଅଟେ । Relative ପାଇଁ ଗୁରୁ ଦରକାର ଓ Real ପାଇଁ ଜ୍ଞାନୀପୁରୁଷ ଦରକାର ।

**ପ୍ରଶ୍ନକର୍ତ୍ତା :** ଏପରି ମଧ୍ୟ କୁହାଯାଏ ଯେ ଗୁରୁ ବିନା ଜ୍ଞାନ କିପରି ମିଳିବ ?

**ଦାଦାଶ୍ରୀ :** ଗୁରୁ ମାର୍ଗ ଦେଖାନ୍ତି ଓ 'ଜ୍ଞାନୀପୁରୁଷ' ଜ୍ଞାନ ଦିଅନ୍ତି । 'ଜ୍ଞାନୀପୁରୁଷ' ଅର୍ଥାତ୍ ଯାହାଙ୍କର ଜାଣିବାର କିଛି ବାକି ନଥାଏ, ସ୍ୱୟଂ ତଦ୍ସ୍ୱରୂପରେ ଥାଆନ୍ତି । ଅର୍ଥାତ୍ 'ଜ୍ଞାନୀପୁରୁଷ' ତୁମକୁ ସବୁକିଛି ଦେଇ ଦିଅନ୍ତି ଆଉ ଗୁରୁ କେବଳ ସଂସାରରେ ରାସ୍ତା ଦେଖାନ୍ତି । ତାଙ୍କ କଥା ମାନି ଚାଲିଲେ ସଂସାରରେ ସୁଖୀ ହୋଇପାରିବ । ଆଧି, ବ୍ୟାଧି ଓ ଉପାଧିରେ ଯିଏ ସମାଧି ଦିଅନ୍ତି ସିଏ 'ଜ୍ଞାନୀପୁରୁଷ' ଅଟନ୍ତି ।

**ପ୍ରଶ୍ନକର୍ତ୍ତା :** ଜ୍ଞାନ ଗୁରୁଙ୍କଠାରୁ ମିଳେ, କିନ୍ତୁ ଯେଉଁ ଗୁରୁ ସ୍ୱୟଂ ଆତ୍ମସାକ୍ଷାତ୍କାର କରିଛନ୍ତି, ତାଙ୍କରି ଠାରୁ କ'ଣ ଜ୍ଞାନ ମିଳିପାରିବ ?

**ଦାଦାଶ୍ରୀ :** ସିଏ 'ଜ୍ଞାନୀପୁରୁଷ' ହେବା ଦରକାର କେବଳ ଆତ୍ମାସାକ୍ଷାତ୍କାର କରାଇଲେ କିଛି ହୁଏ ନାହିଁ । ଯେତେବେଳେ 'ଜ୍ଞାନୀପୁରୁଷ', 'ଏହି ଜଗତ କିପରି ଚାଲୁଛି, ସ୍ୱୟଂ କିଏ, ଏହା କିଏ' ଏ ସବୁର ସ୍ପଷ୍ଟୀକରଣ କରି ଦିଅନ୍ତି, ତେବେ ଯାଇ କାମ ସମ୍ପୂର୍ଣ୍ଣ ହୁଏ । ଅନ୍ୟଥା କେବଳ ବହି ପଢ଼ିଲେ କିଛି ହେବ ନାହିଁ, ଏହା କେବଳ Helper (ସାହାଯ୍ୟକାରୀ) ର କାମ

କରେ। ଏହା ମୁଖ୍ୟ ଜିନିଷ ନୁହେଁ। ଏହା ସାଧାରଣ କାରଣ ଅଟେ, ଅସାଧାରଣ କାରଣ ନୁହେଁ। ଅସାଧାରଣ କାରଣ କ'ଣ ? "ଜ୍ଞାନୀପୁରୁଷ"।

## ଅର୍ପଣ ବିଧି କିଏ କରାଇପାରନ୍ତି ?

**ପ୍ରଶ୍ନକର୍ତ୍ତା :** ଜ୍ଞାନ ନେବା ପୂର୍ବରୁ ଯେଉଁ ଅର୍ପଣ ବିଧି କରାନ୍ତି, ସେଥିରେ ଯଦି ଆଗରୁ କୌଣସି ଗୁରୁଙ୍କ ନିକଟରେ ଅର୍ପଣ ବିଧି କରାଇନେଇଥିବେ, ଆଉଥରେ ଅର୍ପଣ ବିଧି କଲେ କ'ଣ ଉଚିତ୍ ହେବ।

**ଦାଦାଶ୍ରୀ :** ଅର୍ପଣବିଧି ତ ଗୁରୁ କରାନ୍ତି ନାହିଁ। ଏଠାରେ ସବୁକିଛି ଅର୍ପଣ କରିବା ପାଇଁ ପଡ଼ିଥାଏ। ଆତ୍ମା ବ୍ୟତୀତ ସବୁକିଛି। ଅର୍ଥାତ୍ ସବୁକିଛି ଅର୍ପଣ କେହି କରାନ୍ତି ନାହିଁ। ଅର୍ପଣ ହୁଏ ମଧ୍ୟ ନାହିଁ ଏବଂ ଏପରି କୌଣସି ଗୁରୁ କୁହନ୍ତି ହିଁ ନାହିଁ। ସିଏ କେବଳ ତୁମକୁ ମାର୍ଗ ଦେଖାଇବେ ଅର୍ଥାତ୍ କେବଳ Guide (ମାର୍ଗଦର୍ଶକ) ରୂପେ କାର୍ଯ୍ୟ କରନ୍ତି। ମୁଁ ଗୁରୁ ନୁହେଁ, ମୁଁ ତ ଜ୍ଞାନୀପୁରୁଷ ଆଉ ଏଠାରେ ତ ଭଗବାନଙ୍କୁ ଦର୍ଶନ କରିବାର ଅଛି। ମୋତେ କିଛି ଅର୍ପଣ କରିବା ଦରକାର ନାହିଁ, ଭଗବାନଙ୍କୁ ଅର୍ପଣ କରିବାର ଅଛି।

## ଆତ୍ମାନୁଭୂତି କିପରି ହୁଏ ?

**ପ୍ରଶ୍ନକର୍ତ୍ତା :** 'ମୁଁ ଆତ୍ମା' ଏହି ଜ୍ଞାନ କିପରି ହୁଏ ? ନିଜେ ଅନୁଭବ କିପରି କରିପାରିବା ?

**ଦାଦାଶ୍ରୀ :** ଏହି ଅନୁଭବ କରାଇବା ପାଇଁ ତ' ମୁଁ ବସିଛି। ଏଠାରେ ମୁଁ ଯେବେ ଜ୍ଞାନଦିଏ, 'ଆତ୍ମା' ଓ 'ଅନାତ୍ମା'କୁ ଅଲଗା କରିଦିଏ ଏବଂ ତା'ପରେ ତୁମକୁ ଘରକୁ ପଠେଇ ଦେଇଥାଏ।

ଜ୍ଞାନର ପ୍ରାପ୍ତି ଆପେ ଆପେ ହୁଏ ନାହିଁ। ଯଦି ନିଜ ଦ୍ୱାରା ହୋଇପାରିଥାଆନ୍ତା ତେବେ ଏହି ସାଧୁ, ସନ୍ନ୍ୟାସୀ ସମସ୍ତେ କରିଦିଅନ୍ତେ। କିନ୍ତୁ ଏହା କେବଳ ଜ୍ଞାନୀପୁରୁଷଙ୍କ କାମ। ଜ୍ଞାନୀପୁରୁଷ ଏହାର ନିମିତ୍ତ ଅଟନ୍ତି।

ଯେପରି ଔଷଧ ପାଇଁ ଡ଼ାକ୍ତର ଦରକାର ପଡ଼ନ୍ତି । ଘରେ ତିଆରି କରିବା ସଂଭବ ନୁହେଁ। ସେଠାରେ ଆମେ ସଜାଗ ଥାଉ, ଯଦି ଭୁଲ୍ ହୋଇଯାଏ ତେବେ ଆମର ମୃତ୍ୟୁ ହୋଇପାରେ। ମାତ୍ର ଆତ୍ମା ସମ୍ବନ୍ଧରେ ନିଜେ ହିଁ Mixture (ମିଶ୍ରଣ) ବନେଇଦିଏ। ଶାସ୍ତ୍ରକୁ ନିଜ ବୁଦ୍ଧିରେ ଗୁରୁ ଦ୍ୱାରା ଦିଆଯାଇଥିବା ଜ୍ଞାନ ବିନା ହିଁ Mixture କରି ପିଇ ଯାଏ। ଏହାକୁ ଭଗବାନ ସ୍ୱଚ୍ଛନ୍ଦ ବୋଲି କହିଛନ୍ତି। ଏହି ସ୍ୱଚ୍ଛନ୍ଦ କାରଣରୁ ହିଁ ଅନନ୍ତ ଜନ୍ମମରଣ ହୋଇଯାଇଛି। ତାହା କେବଳ ଗୋଟିଏ ଜନ୍ମର ମୃତ୍ୟୁଥିଲା !!!

## ଅକ୍ରମ ଜ୍ଞାନ ଦ୍ୱାରା ନଗଦ (ତୁରନ୍ତ) ମୋକ୍ଷ

'ଜ୍ଞାନୀପୁରୁଷ' ଏବେ ତୁମ ଆଗରେ ପ୍ରତ୍ୟକ୍ଷରୂପେ ଅଛନ୍ତି ଏଣୁ ମାର୍ଗ ମଧ୍ୟ ମିଳିଯିବ, ଅନ୍ୟଥା ଏହି ଲୋକମାନେ ବହୁତ ଚିନ୍ତା କରୁଛନ୍ତି, କିନ୍ତୁ ମାର୍ଗ ମିଳୁନାହିଁ ଓ ଓଲଟା ରାସ୍ତାରେ ଚାଲିଯାଉଛନ୍ତି। 'ଜ୍ଞାନୀପୁରୁଷ' ପ୍ରାୟତଃ କେବେ ଜଣେ ଅଧେ ପ୍ରକଟ ହୁଅନ୍ତି ଏବଂ ତାଙ୍କରି ପାଖରୁ ଜ୍ଞାନ ମିଳିଲେ ହିଁ ଆତ୍ମାନୁଭବ ହୋଇଥାଏ । ମୋକ୍ଷ ସେଠାରେ ତୁରନ୍ତ ମିଳିବା ଉଚିତ୍। ଏଠାରେ ଦେହ ସହିତ ମୋକ୍ଷ ଅନୁଭବ ହେବା ଦରକାର। ଏହି ଅକ୍ରମ ଜ୍ଞାନରେ ନଗଦ ମୋକ୍ଷ ମିଳେ ଓ ଅନୁଭବ ମଧ୍ୟ ହୋଇଥାଏ।

## ଜ୍ଞାନୀ ହିଁ କରାଇଥାନ୍ତି ଆତ୍ମା ଓ ଅନାତ୍ମାର ଭେଦ

ଯେପରି ମୁଦ୍ରିକାରେ ସୁନା ଓ ତମ୍ବା ମିଶ୍ରିତ ହୋଇଥାଏ ଯଦି ଏହାକୁ ଆମେ ଗାଁ'ରେ ନେଇ କହିବା ଭାଈ ! ଏହାକୁ ଅଲଗା ଅଲଗା କରିଦିଅ, ତେବେ କ'ଣ କେହି ଏହାକୁ ଅଲଗା କରିପାରିବ ? କିଏ କରି ପାରିବ ?

**ପ୍ରଶ୍ନକର୍ତ୍ତା :** ବଣିଆ ହିଁ କରି ପାରିବ।

**ଦାଦାଶ୍ରୀ :** ଯିଏ ଏଥିରେ ପାରଙ୍ଗମ ସିଏ ସୁନା ଆଉ ତମ୍ବାକୁ ଅଲଗା କରିପାରିବ। କାରଣ ସିଏ ଦୁଇଟିର ଗୁଣ ଧର୍ମ ଜାଣିଛି। ଠିକ୍ ସେହିପରି ଜ୍ଞାନୀପୁରୁଷ ଆତ୍ମାର ଗୁଣଧର୍ମ ଓ ଅନାତ୍ମାର ଗୁଣଧର୍ମ ଜାଣନ୍ତି।

ଯେପରି ମୁଦ୍ରିକା ଭିତରେ ଥିବା ସୁନା ଓ ତମ୍ବାର Mixture (ମିଶ୍ରଣ)କୁ ଅଲଗା କରାଯାଇପାରେ ମାତ୍ର ସୁନା ଓ ତମ୍ବା ଦୁଇଟି Compound (ଯୌଗିକ) ସ୍ୱରୂପ ହୋଇଗଲେ ସେଗୁଡ଼ିକୁ ଅଲଗା କରାଯାଇପାରେ ନାହିଁ। କାରଣ ଏଥିରେ ଗୁଣ, ଧର୍ମ ଅଲଗା ପ୍ରକାର ହୋଇଯାଏ। ଠିକ୍ ସେହିପରି ଜୀବ ଭିତରେ ଚେତନ ଓ ଅଚେତନର Mixture ଅଛି, ସେମାନେ Compound ରୂପେ ନାହାନ୍ତି। ଏଇଥିପାଇଁ ସେମାନେ ପୁଣି ନିଜର ସ୍ୱଭାବକୁ ପ୍ରାପ୍ତ କରିପାରନ୍ତି। Compound ହୋଇଯାଇଥିଲେ ଜଣା ପଡ଼ି ନ ଥାଆନ୍ତା। ଚେତନର ଗୁଣଧର୍ମ ଜଣା ପଡ଼ି ନଥାଆନ୍ତା, ଅଚେତନର ଗୁଣଧର୍ମ ମଧ୍ୟ ଜଣା ପଡ଼ି ନ ଥାଆନ୍ତା, ଗୋଟିଏ ତୃତୀୟ ଗୁଣଧର୍ମ ଉତ୍ପନ୍ନ ହୋଇଥାଆନ୍ତା। କିନ୍ତୁ ଏପରି ନୁହେଁ। ଏ ଦୁଇଟିର ତ କେବଳ Mixture ହୋଇରହିଛି।

## ଜ୍ଞାନୀପୁରୁଷ ବିଶ୍ୱର ସବୁଠାରୁ ବଡ଼ ବୈଜ୍ଞାନିକ

'ଜ୍ଞାନୀପୁରୁଷ' ହିଁ ବିଶ୍ୱର ସବୁଠାରୁ ବଡ଼ ବୈଜ୍ଞାନିକ ଅଟନ୍ତି, ସିଏ ହିଁ ଆତ୍ମାକୁ ଜାଣି ପାରନ୍ତି, ସିଏ ହିଁ ଆତ୍ମା ଓ ଅନାତ୍ମାକୁ ଅଲଗା କରି ପାରନ୍ତି। ସିଏ ଆତ୍ମା ଓ ଅନାତ୍ମାକୁ ଅଲଗା କରିପାରନ୍ତି କେବଳ ଏତିକି ନୁହେଁ ତୁମର ପାପକୁ ମଧ୍ୟ ଜାଳି ପୋଡ଼ି ଭସ୍ମ କରିଦିଅନ୍ତି। ଦିବ୍ୟ ଚକ୍ଷୁ ଦିଅନ୍ତି ଓ 'ଏହି ଜଗତ କ'ଣ, କିପରି ଚାଲୁଛି', କିଏ ଚଳାଉଛି', ଇତ୍ୟାଦି ସବୁକିଛି ସ୍ପଷ୍ଟ କରିଦିଅନ୍ତି ତେବେ ଯାଇ ନିଜର କାମ ପୂରା ହୋଇଥାଏ।

କୋଟି କୋଟି ଜନ୍ମର ପୁଣ୍ୟ ଜାଗରିତ ହେଲେ 'ଜ୍ଞାନୀ' ପୁରୁଷଙ୍କ ଦର୍ଶନ ମିଳେ, ଅନ୍ୟଥା ଦର୍ଶନ ଅସମ୍ଭବ। ଜ୍ଞାନ ପାଇବା ପାଇଁ, 'ଜ୍ଞାନୀଙ୍କୁ' ଚିହ୍ନ। ଆଉ କୌଣସି ରାସ୍ତା ନାହିଁ। ଖୋଜିବା ଲୋକଙ୍କୁ ନିଶ୍ଚିତ ରୂପେ ମିଳିଯାଆନ୍ତି।

## ୬. 'ଜ୍ଞାନୀପୁରୁଷ' କିଏ ?

### ସନ୍ଥ ଓ ଜ୍ଞାନୀଙ୍କ ବ୍ୟାଖ୍ୟା

**ପ୍ରଶ୍ନକର୍ତ୍ତା :** ଏମାନେ ଯେଉଁ ସନ୍ଥ ହୋଇଛନ୍ତି, ସେମାନଙ୍କ ଓ ଜ୍ଞାନୀଙ୍କ ମଧ୍ୟରେ ପାର୍ଥକ୍ୟ କ'ଣ ?

**ଦାଦାଶ୍ରୀ :** ସନ୍ଥ ଦୁର୍ବଳତାକୁ ଦୂର କରାଇ ଥାଆନ୍ତି ଆଉ ଭଲ ଶିକ୍ଷା ଦିଅନ୍ତି, ଯିଏ ଖରାପ ଅଭ୍ୟାସ ଦୂର କରାନ୍ତି ଓ ଭଲ ଶିକ୍ଷା ଦିଅନ୍ତି ସେମାନଙ୍କୁ ସନ୍ଥ କୁହାଯାଏ। ଯିଏ ପାପ କର୍ମରୁ ରକ୍ଷା କରନ୍ତି ସେମାନେ ସନ୍ଥ ଆଉ ଯିଏ ପାପ ଓ ପୁଣ୍ୟ ଦୁଇଟିରୁ ରକ୍ଷା କରନ୍ତି ସେମାନେ ଜ୍ଞାନୀପୁରୁଷ ଅଟନ୍ତି। ସନ୍ଥମାନେ ଉଚିତ୍ ମାର୍ଗରେ ନେଇଯାଆନ୍ତି ଆଉ ଜ୍ଞାନୀପୁରୁଷ ମୁକ୍ତି ଦେଇଥାଆନ୍ତି। ଜ୍ଞାନୀପୁରୁଷଙ୍କୁ ଅନ୍ତିମ ବିଶେଷଣ କୁହାଯାଏ ସିଏ ଆମର ମୋକ୍ଷ କରାଇଦିଅନ୍ତି। ବାସ୍ତବିକ ଜ୍ଞାନୀ କିଏ ? ଯାହାଙ୍କ ଠାରେ ଅହଂକାର ଏବଂ ମମତା ନଥାଏ।

ଯାହାର ଆତ୍ମାର ସମ୍ପୂର୍ଣ୍ଣ ଅନୁଭବ ହୋଇସାରିଛି, ସିଏ ହିଁ 'ଜ୍ଞାନୀପୁରୁଷ' ଅଟନ୍ତି। ସିଏ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡର ବର୍ଣ୍ଣନ କରିପାରନ୍ତି। ସବୁ ପ୍ରଶ୍ନର ଉତ୍ତର ଦେଇପାରନ୍ତି। ଜ୍ଞାନୀପୁରୁଷ ଅର୍ଥାତ୍ ବିଶ୍ୱର ଆଶ୍ଚର୍ଯ୍ୟ। ଜ୍ଞାନୀପୁରୁଷ ପ୍ରଜ୍ୱଳିତ ପ୍ରଦୀପ ଅଟନ୍ତି।

### ଜ୍ଞାନୀପୁରୁଷଙ୍କ ପରିଚୟ

**ପ୍ରଶ୍ନକର୍ତ୍ତା :** ଜ୍ଞାନୀପୁରୁଷଙ୍କୁ କିପରି ଚିହ୍ନିବା ?

**ଦାଦାଶ୍ରୀ :** ଜ୍ଞାନୀପୁରୁଷଙ୍କୁ କିଛି ନ କରି ମଧ୍ୟ ଚିହ୍ନି ହୁଏ। ତାଙ୍କର ସୁଗନ୍ଧରୁ ହିଁ ଚିହ୍ନି ହୋଇଯାଏ। ତାଙ୍କର ବାତାବରଣ କିଛିଟା ଅଲଗା ପ୍ରକାର ହୋଇଥାଏ। ତାଙ୍କର ବାଣୀ ବି ଅଲଗା ହୋଇଥାଏ, ତାଙ୍କର ଶବ୍ଦରୁ ହିଁ ଜଣା ପଡ଼ିଯାଏ। ତାଙ୍କର ଆଖିକୁ ଦେଖିଲେ ଜଣା ପଡ଼ିଯାଏ। ଜ୍ଞାନୀଙ୍କ ନିକଟରେ

ବହୁତ ବେଶୀ ବିଶ୍ୱସନୀୟତା ଥାଏ, ଏବଂ ତାଙ୍କର ପ୍ରତ୍ୟେକ ଶବ୍ଦ ଶାସ୍ତ୍ରରୂପ ହୋଇଥାଏ। (ଯଦି ବୁଝି ହୁଏ ତ) ତାଙ୍କର ବାଣୀ-ବର୍ତ୍ତନ ଓ ବିନୟ ମନୋହର ହୋଇଥାଏ। ଏହିପରି ଅନେକ ଲକ୍ଷଣ ଅଛି।

ଜ୍ଞାନୀପୁରୁଷ ଅବୁଦ୍ଧ ଅଟନ୍ତି। ଯିଏ ଆତ୍ମାର ଜ୍ଞାନୀ ଅଟନ୍ତି, ସିଏ ପରମ ସୁଖୀ ଅଟନ୍ତି ଆଉ ତାଙ୍କୁ କିଞ୍ଚିତ୍‌ମାତ୍ର ଦୁଃଖ ହୁଏ ନାହିଁ। ଏଥିପାଇଁ ତାଙ୍କଠାରେ ନିଜର ପରମ କଲ୍ୟାଣ ହୋଇଥାଏ। ଯିଏ ନିଜର କଲ୍ୟାଣ କରିସାରିଛି ସିଏ ଅନ୍ୟର କଲ୍ୟାଣ କରି ପାରିବ। ଯିଏ ନିଜେ ପହଁରି ପାରେ ସିଏ ହିଁ ଆମକୁ କୂଳରେ ପହଁଚାଇ ପାରିବ। ସେଇଠି (ଜ୍ଞାନୀଙ୍କ ନିକଟରେ) ଲକ୍ଷ ଲକ୍ଷ ଲୋକ ପହଁରି ପାରି ହୋଇଯାଆନ୍ତି।

ଶ୍ରୀମଦ୍ ରାଜଚନ୍ଦ୍ର କ'ଣ କହିଛନ୍ତି ଯେ 'ଜ୍ଞାନୀପୁରୁଷ ସିଏ ଯାହାଙ୍କର କିଞ୍ଚିତ୍ ମାତ୍ର ମଧ୍ୟ କୌଣସି ପ୍ରକାର ସ୍ପୃହା ନଥାଏ, ଦୁନିଆରେ କୌଣସି ପ୍ରକାର ଭିକ ନଥାଏ, ଉପଦେଶ ଦେବାର ଭିକ ନଥାଏ, ଶିଷ୍ୟ କରିବାର ଭିକ ନଥାଏ, କାହାରିକୁ ପରିବର୍ତ୍ତନ କରିବାର ଭିକ ନଥାଏ, କୌଣସି ପ୍ରକାର ଗର୍ବ ନଥାଏ, ଗାରବତା ମଧ୍ୟ ନଥାଏ, ମାଲିକଭାବ ନଥାଏ।

## ୭. ଜ୍ଞାନୀପୁରୁଷ - ଏ. ଏମ୍. ପଟେଲ (ଦାଦାଶ୍ରୀ)

'ଦାଦା ଭଗବାନ' ଯିଏ ଚଉଦଲୋକର ନାଥ ଅଟନ୍ତି। ସିଏ ତୁମ ଭିତରେ ଅଛନ୍ତି, କିନ୍ତୁ ପ୍ରକଟ ହୋଇନାହାନ୍ତି। ତୁମ ଭିତରେ ଅବ୍ୟକ୍ତ ରୂପେ ଅଛନ୍ତି କିନ୍ତୁ ଏଠାରେ ବ୍ୟକ୍ତ ହୋଇଛନ୍ତି। ଯିଏ ବ୍ୟକ୍ତ ହୋଇଛନ୍ତି ସିଏ ହିଁ ଫଳ ଦିଅନ୍ତି। ଥରେ ମଧ୍ୟ ତାଙ୍କର ନାମ ନେଲେ କାମ ହୋଇଯାଏ। କିନ୍ତୁ ସଠିକ୍ ପରିଚୟ ପାଇ କହିଲେ କଲ୍ୟାଣ ହୁଏ ତଥା ସାସାଂରିକ ବସ୍ତୁର ଯଦି ସମସ୍ୟା ଥାଏ ତେବେ ମଧ୍ୟ ତାହା ଦୂର ହୋଇଯାଏ।

ଯିଏ ଦେଖାଯାଉଛି ସିଏ 'ଦାଦା ଭଗବାନ' ନୁହଁନ୍ତି। ତୁମକୁ ଯିଏ ଦେଖାଯାଉଛନ୍ତି, ତାଙ୍କୁ ହିଁ 'ଦାଦା ଭଗବାନ' ମନେ କରୁଛ ବୋଧ ହୁଏ କିନ୍ତୁ ଏହି ଦେଖାଯାଉଥିବା ବ୍ୟକ୍ତିଜଣକ ଭାଦ୍ରଣର ପଟେଲ ଅଟନ୍ତି। ମୁଁ 'ଜ୍ଞାନୀପୁରୁଷ' ଅଟେ ଏବଂ ଯିଏ ଭିତରେ ପ୍ରକଟ ହୋଇଛନ୍ତି ସିଏ; ଦାଦା ଭଗବାନ ଅଟନ୍ତି। ମୁଁ ନିଜେ ଭଗବାନ ନୁହେଁ। ମୋ ଭିତରେ ପ୍ରକଟ ହୋଇଥିବା ଦାଦା ଭଗବାନଙ୍କୁ ମୁଁ ମଧ୍ୟ ନମସ୍କାର କରୁଛି। ମୋର ଦାଦା ଭଗବାନଙ୍କ ସହିତ ଭିନ୍ନତାର ବ୍ୟବହାର। କିନ୍ତୁ ଲୋକମାନେ ଭାବନ୍ତି ଯେ ଇଏ ନିଜେ ହିଁ ଦାଦା ଭଗବାନ। ନା, ଦାଦା ଭଗବାନ କିପରି ହୋଇପାରନ୍ତି ? ଇଏ ତ' ପଟେଲ ଅଟନ୍ତି, ଭାଦ୍ରଣର ନିବାସୀ।

(ଏହି ଜ୍ଞାନ ନେବା ପରେ) ଦାଦାଜୀଙ୍କ ଆଜ୍ଞା ପାଳନ କରିବା ଅର୍ଥାତ୍ ତାହା 'ଏ. ଏମ୍. ପଟେଲ' ଙ୍କ ଆଜ୍ଞା ନୁହେଁ। ସ୍ୱୟଂ 'ଦାଦା ଭଗବାନ'ଙ୍କ, ଯିଏ ଚଉଦ ଲୋକର ନାଥ ଅଟନ୍ତି, ତାଙ୍କର ଆଜ୍ଞା ଅଟେ। ଏହାର Guarantee (ପ୍ରତିଶ୍ରୁତି) ଦେଉଛି। ଏହା କେବଳ ମୋ ମାଧ୍ୟମରେ ହେଉଛି। ଏଇଥିପାଇଁ ତୁମକୁ ସେହି ଆଜ୍ଞା ପାଳନ କରିବାକୁ ହେବ। 'ମୋ ଆଜ୍ଞା' ନୁହେଁ, ଏହା 'ଦାଦା ଭଗବାନଙ୍କ' ଆଜ୍ଞା ଅଟେ। ମୁଁ ମଧ୍ୟ ସେହି ଭଗବାନଙ୍କ ଆଜ୍ଞା ପାଳନ କରେ।

## ୮. କ୍ରମିକ ମାର୍ଗ - ଅକ୍ରମ ମାର୍ଗ

ମୋକ୍ଷ ପାଇବାର ଦୁଇଟି ମାର୍ଗ ଅଛି, ପ୍ରଥମଟି ହେଉଛି - 'କ୍ରମିକ ମାର୍ଗ' ଓ ଦ୍ୱିତୀୟଟି ହେଉଛି - 'ଅକ୍ରମ ମାର୍ଗ'। କ୍ରମିକ ଅର୍ଥାତ୍ ସିଢ଼ି ପରେ ଚଢ଼ିବା। ଯେପରି କ୍ରମିକରେ ପରିଗ୍ରହ କମ୍ କରି କରି ଯିବ ସିଏ ତୁମକୁ ମୋକ୍ଷ ଆଡ଼କୁ ନେଇଯିବ, ତାହା ମଧ୍ୟ ଅନେକ ସମୟ ପରେ। ଅକ୍ରମ ମାର୍ଗ କ'ଣ ? ଏଥିରେ ସିଢ଼ି ଚଢ଼ିବାକୁ ପଡ଼ିବ ନାହିଁ, Lift ରେ ବସିଯାଅ ଆଉ ଦ୍ୱାଦଶ ତାଲାରେ ପହଁଚିଯାଅ। Lift ରେ ସ୍ତ୍ରୀ, ପିଲାଙ୍କ ସହିତ ବସି

ଆଉ ପୁଅ-ଝିଅଙ୍କ ବିବାହ ଇତ୍ୟାଦି କରି ମଧ୍ୟ ମୋକ୍ଷରେ ଯାଇପାରିବ। ଏହି ସବୁକିଛି କଲେ ମଧ୍ୟ ତୁମର ମୋକ୍ଷ ଯିବ ନାହିଁ। ଏହି ଅକ୍ରମ ମାର୍ଗକୁ ଅପବାଦ ମାର୍ଗ ମଧ୍ୟ କୁହାଯାଏ। ଏହା ପ୍ରତି ଦଶ ଲକ୍ଷ ବର୍ଷରେ ପ୍ରକଟ ହୁଏ। ଯିଏ ଏହି Lift ରେ ବସିବ ତାହାର କଲ୍ୟାଣ ହୋଇଯିବ। ମୁଁ ତ' କେବଳ ନିମିତ୍ତ ମାତ୍ର। ଯିଏ ଏହି Lift ରେ ବସିଯାଏ ସେମାନଙ୍କ ସମସ୍ୟାର ସମାଧାନ ଆପେ ଆପେ ହୋଇଯାଏ। ଆମେ ମୋକ୍ଷ ପ୍ରାପ୍ତି କରିବୁ, ତେବେ ସେହି Lift ରେ ବସିବାର ପ୍ରମାଣ ରହିବା ଉଚିତ କି ନୁହେଁ? ଏହାର ପ୍ରମାଣ ହେଉଛି କ୍ରୋଧ-ମାନ-ମାୟା-ଲୋଭ ନ ହେବା ଉଚିତ୍ ଆର୍ତ୍ତଧ୍ୟାନ ଓ ରୌଦ୍ରଧ୍ୟାନ ନ ହେବା ଉଚିତ୍। ତେବେ ଯାଇ ପୂରା କାମ ହୋଇଛି ବୋଲି ଜାଣିବ।

## ଅକ୍ରମ ସରଳ ଉପାୟରେ ଆତ୍ମାନୁଭୂତି କରାଇଥାଏ

କ୍ରମିକ ମାର୍ଗରେ ଅତି କଷ୍ଟ କଲା ପରେ ଯାଇ ଆତ୍ମା ଅଛିବୋଲି ଧ୍ୟାନରେ ଆସିଥାଏ, ତାହା ମଧ୍ୟ ଅତ୍ୟନ୍ତ ଅସ୍ପଷ୍ଟ ଓ ଲକ୍ଷ୍ୟ ସ୍ଥିର ରହେ ନାହିଁ। ସର୍ବଦା ଆତ୍ମା ପ୍ରତି ଲକ୍ଷ୍ୟରଖିବାକୁ ପଡ଼ିଥାଏ। କିନ୍ତୁ ଅକ୍ରମ ମାର୍ଗରେ ସିଧାସଳଖ ଆତ୍ମାନୁଭୂତି ହୋଇଯାଏ। ମୁଣ୍ଡ ବିନ୍ଧା ହେବା, ଭୋକ ଲାଗିବା ଇତ୍ୟାଦି ଯେତେ ବି ବାହ୍ୟ ସମସ୍ୟା ଥିଲେ ମଧ୍ୟ ଭିତରେ ସୁଖର ପରିଣାମ ଯାଏ ନାହିଁ, ଏହାକୁ ହିଁ ଆତ୍ମାନୁଭବ କୁହାଯାଏ। ଆତ୍ମାନୁଭବ ଦୁଃଖକୁ ବି ସୁଖରେ ପରିବର୍ତ୍ତନ କରି ଦେଇଥାଏ ଏବଂ ମିଥ୍ୟାତ୍ୱୀକୁ ସୁଖରେ ଦୁଃଖର ବି ଅନୁଭବ ହୋଇଥାଏ।

ଏହା ଅକ୍ରମ ବିଜ୍ଞାନ ଅଟେ ଏଥିପାଇଁ ଏତେ ଶୀଘ୍ର ସମକିତ୍ ହୋଇଯାଅ, ଏହି ବିଜ୍ଞାନ ଅତ୍ୟନ୍ତ ଉଚ୍ଚ କୋଟୀର। ଆତ୍ମା ଓ ଅନାତ୍ମା ମଧ୍ୟରେ ଅର୍ଥାତ୍ ତୁମର ଓ ପରର ଜିନିଷକୁ ବିଭାଜନ କରିଦିଏ, ଯେ ଏହା

ତୁମର ଏବଂ ଏହା ତୁମର ନୁହେଁ। ଦୁହିଁଙ୍କ ମଝିରେ Within one hour (ମାତ୍ର ଏକ ଘଣ୍ଟାରେ) Line of demarcation (ଭେଦରେଖା) ଟାଣିଦିଏ। ତୁମେ ନିଜେ ପରିଶ୍ରମ କରି ଚେଷ୍ଟା କଲେ ମଧ୍ୟ ଲକ୍ଷ ଲକ୍ଷ ଜନ୍ମରେ ବି ସମ୍ଭବ ହେବ ନାହିଁ।

## ମୋତେ ଭେଟିଲା ସିଏ ହିଁ ପାତ୍ର

**ପ୍ରଶ୍ନକର୍ତ୍ତା :** ଏହି ମାର୍ଗ ଏତେ ସରଳ ତେବେ ଏଥିପାଇଁ କୌଣସି ଯୋଗ୍ୟତା କିମ୍ୱା ପାତ୍ରତା ଆବଶ୍ୟକ କି ? ପ୍ରତ୍ୟେକଙ୍କ ପାଇଁ ଏହା କ'ଣ ସମ୍ଭବ ?

**ଦାଦାଶ୍ରୀ :** ମୋତେ ଲୋକମାନେ ପଚାରନ୍ତି, 'ମୁଁ ଯୋଗ୍ୟ ନା ନୁହେଁ ?' ଏହା ଶୁଣି ମୁଁ କହେ, 'ମୋତେ ଭେଟିଲ, ଏହା ହିଁ ତୁମର ପାତ୍ରତା। ମୋ ସହିତ ଭେଟ ହେବା, ଏହା ପଛରେ Scientific circumstantial evidence (ବିଜ୍ଞାନ ସମ୍ବନ୍ଧୀୟ ସବିଶେଷ ପ୍ରମାଣ) ଅଛି। ଏଥିପାଇଁ ଯିଏ ମଧ୍ୟ ମୋ ସଂସ୍ପର୍ଶରେ ଆସେ ସେ ଯୋଗ୍ୟ ଅଟେ। ସିଏ ଯେଉଁ ଆଧାରରେ ସାକ୍ଷାତ କରୁନା କାହିଁକି ସିଏ ଅଧିକାରୀ ଅଟେ, ସେଇଥିପାଇଁ ତ ମୋ ନିକଟକୁ ଆସେ। ମୋତେ ଭେଟିବା ପରେ ବି ଯଦି ତାକୁ ଜ୍ଞାନ ନମିଳେ, ତେବେ ତା'ର ଅନ୍ତରାୟ କର୍ମ ବାଧକ ଅଟେ।

## କ୍ରମରେ 'କରିବାର ଅଛି' ଏବଂ ଅକ୍ରମରେ ...

ଥରେ ଜଣେ ଭାଇ ପ୍ରଶ୍ନ କଲେ କ୍ରମ ଓ ଅକ୍ରମ ମଧ୍ୟରେ କ'ଣ ପାର୍ଥକ୍ୟ ? ମୁଁ ତାଙ୍କୁ କହିଲି, କ୍ରମ ଅର୍ଥାତ୍ ଯେପରି କହନ୍ତି ଯେ ଭୁଲ୍ କୁ ଛାଡ଼ ଓ ଠିକ୍‌କୁ ଆପଣାଅ। ବାରମ୍ୱାର କରିବାର ନାମ କ୍ରମିକମାର୍ଗ। କ୍ରମ ଅର୍ଥାତ୍ ସବୁକିଛି ଛାଡ଼ିବାକୁ କୁହାଯାଏ, କପଟ-ଲୋଭକୁ ଛାଡ଼ ଆଉ ଭଲକାମ କର। ଏହା ହିଁ ତୁମେ ଦେଖିଛ ଆଜି ପର୍ଯ୍ୟନ୍ତ ଏବଂ ଅକ୍ରମମାନେ କରିବାକୁ ପଡ଼େ ନାହିଁ, କରୋମି-କରୋସି-କରୋତି ନୁହେଁ।

ଅକ୍ରମ ବିଜ୍ଞାନ ତ' ବହୁତ ବଡ଼ ଆଶ୍ଚର୍ଯ୍ୟ ଅଟେ। ଏଠାରେ 'ଆତ୍ମଜ୍ଞାନ' ନେବାର ପରଦିନ ଠାରୁ ସେହି ବ୍ୟକ୍ତି ମଧ୍ୟରେ ପରିବର୍ତ୍ତନ ଆସିଯାଏ। ଏହା ଶୁଣିବା ପରେ ଲୋକମାନେ ଏହି ବିଜ୍ଞାନକୁ ସ୍ୱୀକାର କରନ୍ତି ଏବଂ ଟାଣି ହୋଇ ଚାଲିଆସନ୍ତି।

ଅକ୍ରମରେ ମୂଳ ରୂପରେ ଭିତରୁ ଆରମ୍ଭ ହୋଇଥାଏ। କ୍ରମିକମାର୍ଗରେ ଶୁଦ୍ଧତା ମଧ୍ୟ ଭିତରୁ ହୋଇପାରେ ନାହିଁ, ଏହାର କାରଣ ହେଉଛି ଯେ Capacity (ସାମର୍ଥ୍ୟ) ନାହିଁ, ଏପରି କିଛି Machinery (ଯନ୍ତ୍ରପାତି) ନାହିଁ ଏଇଥିପାଇଁ ବାହ୍ୟ ପ୍ରଣାଳୀକୁ ବ୍ୟବହାର କରନ୍ତି, କିନ୍ତୁ ବାହ୍ୟ ଉପାୟ କେବେ ଭିତରେ ପହଁଞ୍ଚିବ ? ମନ-ବଚନ-କାୟାର ଏକତା ହେଲେ, ତେବେ ଯାଇ ଭିତରେ ପହଁଞ୍ଚିବ ଏବଂ ଭିତରୁ ଆରମ୍ଭ ହେବ। ଆଜିକାଲି ମନ-ବଚନ-କାୟାର ଏକତା ହିଁ ନାହିଁ।

## ଏକାତ୍ମଯୋଗ ବିଚ୍ଛିନ୍ନ ହେବା ଦ୍ୱାରା ଅକ୍ରମ ଅପବାଦ ରୂପେ ପ୍ରକଟ ହେଲା

ଜଗତ Step by step (ସିଢ଼ି ପରେ ସିଢ଼ି), କ୍ରମଶଃ ଆଗକୁ ବଢ଼ିବା ପାଇଁ ମୋକ୍ଷର ମାର୍ଗ ଖୋଜି ବାହାର କରିଛି ମାତ୍ର ତାହା ସେତେବେଳେ ପର୍ଯ୍ୟନ୍ତ ସମ୍ଭବ ଥିଲା ଯେତେବେଳେ ପର୍ଯ୍ୟନ୍ତ ଯାହା ମନ ଭିତରେ ଥିଲା, ଠିକ୍ ସେହିପରି ବାଣୀ କୁହାଯାଉଥିଲା ଏବଂ ଠିକ୍ ସେହିପରି ଆଚରଣ ଥିଲା, ସେ ପର୍ଯ୍ୟନ୍ତ ସେହିପରି ମୋକ୍ଷମାର୍ଗ ସମ୍ଭବ, ଅନ୍ୟଥା ସେହି ମାର୍ଗ ବନ୍ଦ ହୋଇଯାଏ। କିନ୍ତୁ ଏବେ ମନ-ବଚନ-କାୟାର ଏକତା ଭାଙ୍ଗିଯାଇଛି ଏଥିପାଇଁ କ୍ରମିକମାର୍ଗ Fracture (ନିଷ୍କ୍ରିୟ) ହୋଇଯାଇଛି। ସେଇଥିପାଇଁ କହୁଛି ଏହି କ୍ରମିକ ମାର୍ଗର Basement (ମୂଳଦୁଆ) ନଷ୍ଟ ହୋଇଯାଇଛି, ଏଣୁ ଏହି ଅକ୍ରମ ମାର୍ଗ ବାହାରିଛି। ଏଠାରେ ସବୁକିଛି Allow (ଅନୁମତି) ଅଛି, ତୁ ଯେପରି ହେଲେ ଚଳିବ, ତୁ ମୋତେ ଏଠାରେ

ସାକ୍ଷାତ କଲୁ ବହୁତ ହୋଇଗଲା ! ଅର୍ଥାତ୍ ଆମକୁ ଆଉ କୌଣସି ଚିନ୍ତା କରିବାର ହିଁ ନାହିଁ ।

## ଜ୍ଞାନୀଙ୍କ କୃପାରୁ 'ପ୍ରାପ୍ତି'

**ପ୍ରଶ୍ନକର୍ତ୍ତା :** ଆପଣ ଯେଉଁ ଅକ୍ରମମାର୍ଗ କହିଲେ, ତାହା ଆପଣଙ୍କ ପରି 'ଜ୍ଞାନୀ' ପାଇଁ ଠିକ୍ ଅଛି, ସରଳ ଅଟେ । କିନ୍ତୁ ଆମପରି ସାମାନ୍ୟ, ସଂସାରରେ ରହୁଥିବା, କାମ କରୁଥିବା ଲୋକମାନଙ୍କ ପାଇଁ ତାହା ଅତ୍ୟନ୍ତ କଠିନ । ଏଥିପାଇଁ ଉପାୟ କ'ଣ ?

**ଦାଦଶ୍ରୀ :** 'ଜ୍ଞାନୀପୁରଷ'ଙ୍କ ଠାରେ ଭଗବାନ ପ୍ରକଟ ହୋଇସାରିଥାଆନ୍ତି, ଚଉଦ ଲୋକର ନାଥ ପ୍ରକଟ ହୋଇସାରିଥାଆନ୍ତି, ଏହିପରି 'ଜ୍ଞାନୀପୁରୁଷ' ମିଳିଗଲେ ଆଉ କ'ଣ ବାକି ରହିଲା ? ତୁମେ ନିଜ ଶକ୍ତିରେ କରିପାରିବ ନାହିଁ, ତାଙ୍କର କୃପାରୁ ହୋଇଥାଏ । କୃପାରୁ ହିଁ ସବୁକିଛି ବଦଳି ଯାଏ । ଏଥିପାଇଁ ଏଠାରେ ତୁମେ ଯାହା କିଛି ମାଗ ତାହା ସବୁକିଛି ହିସାବ ପୂରଣ ହୋଇଥାଏ । ତୁମକୁ କିଛି କରିବା ପାଇଁ ପଡ଼େ ନାହିଁ । ତୁମକୁ କେବଳ 'ଜ୍ଞାନୀପୁରଷ'ଙ୍କ ଆଜ୍ଞାରେ ରହିବାକୁ ହେବ । ଏହା 'ଅକ୍ରମବିଜ୍ଞାନ' ଅଟେ । ଅର୍ଥାତ୍ ପ୍ରତ୍ୟକ୍ଷ ଭଗବାନଙ୍କ ନିକଟରୁ କାର୍ଯ୍ୟ ହାସଲ କରାଇନେବା ପାଇଁ ପଡ଼ିବ ଯାହାକି ତୁମ ସହିତ ସର୍ବଦା ରହିଥାଏ, ଘଣ୍ଟେ ଦି' ଘଣ୍ଟା ପାଇଁ ନୁହେଁ ।

**ପ୍ରଶ୍ନକର୍ତ୍ତା :** ଅର୍ଥାତ୍ ତାଙ୍କୁ (ଜ୍ଞାନୀଙ୍କୁ) ସବୁକିଛି ସମର୍ପି ଦିଆଯାଇଛି ଏଣୁ ସିଏ ସବୁକିଛି କରନ୍ତି ?

**ଦାଦାଶ୍ରୀ :** ସିଏ ହିଁ ସବୁକିଛି କରିବେ, ତୁମକୁ କିଛି କରିବାକୁ ପଡ଼ିବ ନାହିଁ । କରିଲେ ସିନା କର୍ମବନ୍ଧନ ହୋଇଯିବ । ତୁମକୁ କେବଳ Liftରେ ବସିବାକୁ ହେବ । Liftରେ ପାଞ୍ଚଟି ଆଜ୍ଞା ପାଳନ କରିବାକୁ ହେବ । Lift ରେ ବସିବା ପରେ ଡ଼ିଆଁ ଡ଼େଇଁ କରିବ ନାହିଁ, ହାତ ବାହାରକୁ କାଢ଼ିବ

ନାହିଁ, ବାସ୍ ଏତିକି କରିବାକୁ ପଡ଼ିବ । କେବେ କେବେ ଏହି ମାର୍ଗ ପୁଣ୍ୟବାନ ମାନଙ୍କ ପାଇଁ ବାହାରିଥାଏ । World (ବିଶ୍ୱ)ରେ ଏହାକୁ ଏକାଦଶତମ ଆଶ୍ଚର୍ଯ୍ୟ କୁହାଯାଏ । ଅପବାଦରେ ଯାହାକୁ ଟିକେଟ ମିଳିଗଲା, ତା' କାମ ହୋଇଗଲା ଜାଣ ।

## ଅକ୍ରମମାର୍ଗ ଚାଲି ଅଛି

ଏଥିରେ ମୋର ଏତିକି ମାତ୍ର ହେତୁ ଯେ 'ମୁଁ ଯେଉଁ ସୁଖ ପାଇଛି, ତାହାକୁ ସମସ୍ତେ ପ୍ରାପ୍ତ କରନ୍ତୁ' । ଅର୍ଥାତ୍ ଏପରି ଯେଉଁ ବିଜ୍ଞାନ ପ୍ରକଟ ହୋଇଛି, ତାହା କେବେ ମଧ୍ୟ ନଷ୍ଟ ହେବ ନାହିଁ । ମୁଁ ମୋ ପରେ ଜ୍ଞାନୀଙ୍କର ବଂଶାବଳୀ ଛାଡ଼ିଯିବି । ମୋର ଉତ୍ତରାଧିକାରୀ ଛାଡ଼ିଯିବି ଏବଂ ଏହାପରେ ମଧ୍ୟ ଜ୍ଞାନୀଙ୍କର Link ଚାଲୁ ରହିବ । ଏଥିପାଇଁ ସଜୀବନ ମୂର୍ତ୍ତି ଖୋଜିବାକୁ ପଡ଼ିବ । ଏହାଛଡ଼ା ଆଉ କିଛି ସମାଧାନ ନାହିଁ ।

ମୁଁ କିଛି ଲୋକଙ୍କୁ ନିଜ ହାତରେ ସିଦ୍ଧି ପ୍ରଦାନ କରିବି । ପଛରେ କିଏ ଦରକାର କି ନାହିଁ ? ଆଗାମୀ ପିଢ଼ି ପାଇଁ କ'ଣ ମାର୍ଗ ଦରକାର ନାହିଁ ?

## ୯. ଜ୍ଞାନବିଧି କ'ଣ ?

**ପ୍ରଶ୍ନକର୍ତ୍ତା :** ଆପଣଙ୍କ ଜ୍ଞାନବିଧି କ'ଣ ?

**ଦାଦାଶ୍ରୀ :** ଜ୍ଞାନବିଧି, ଅନାତ୍ମା ଓ ଆତ୍ମାକୁ Separation (ଅଲଗା) କରେ, ଶୁଦ୍ଧ ଚେତନ ଏବଂ ପୁଦ୍‌ଗଲ୍ (ଶରୀର) ଦୁହିଁଙ୍କର Separation ।

**ପ୍ରଶ୍ନକର୍ତ୍ତା :** ଏହି ସିଦ୍ଧାନ୍ତ ତ ଠିକ୍ ଅଛି; କିନ୍ତୁ ଏହାର ପଦ୍ଧତି କ'ଣ ? ଏହା ଜାଣିବାକୁ ଚାହୁଁଛି ।

**ଦାଦାଶ୍ରୀ :** ଏଥିରେ ଦିଆ-ନିଆ କିଛି ହୁଏ ନାହିଁ, କେବଳ ଏଠାରେ ବସି ଏହା ଯେପରି ଅଟେ ସେହିପରି କହିବାକୁ ହେବ । (ମୁଁ କିଏ'ଏହାର

ପରିଚୟର ଜ୍ଞାନ କରାଇବା ପାଇଁ, ଦୁଇ ଘଣ୍ଟାର ଜ୍ଞାନ ପ୍ରୟୋଗ ହୋଇଥାଏ । ଏଥିରେ ଅଢ଼ଚାଳିଶ ମିନିଟ ଆତ୍ମା-ଅନାତ୍ମାର ଭେଦ କରୁଥିବା ଭେଦବିଜ୍ଞାନର ବାକ୍ୟ ଉଚ୍ଚାରଣ କରାଯାଇଥାଏ । ଯାହାକୁ ସାମୂହିକ ରୂପେ କହିବାକୁ ପଡ଼ିଥାଏ । ଏହାପରେ ଗୋଟିଏ ଘଣ୍ଟାରେ ପାଞ୍ଚଟି ଆଜ୍ଞା ଉଦାହରଣ ଦେଇ ବିସ୍ତାର ପୂର୍ବକ ବୁଝାଇ ଦିଆଯାଏ, ଯେ ଏବେ ବାକି ଜୀବନ କିପରି ବ୍ୟତୀତ କରିବ ଯାହାଦ୍ୱାରା ନୂଆ କର୍ମ ବାନ୍ଧିବ ନାହିଁ ଓ ପୁରୁଣା କର୍ମ ସମ୍ପୂର୍ଣ୍ଣ ରୂପେ ଶେଷ ହୋଇଯିବ, ଏବଂ ତା' ସହିତ 'ମୁଁ ଶୁଦ୍ଧାତ୍ମା'ର ଲକ୍ଷ୍ୟ ସର୍ବଦା ରହିବ ।)

## ୧୦. ଜ୍ଞାନବିଧିରେ କ'ଣ ହୋଇଥାଏ ?

ମୁଁ ଜ୍ଞାନ ଦିଏ, ଏହାଦ୍ୱାରା କର୍ମ ଭସ୍ମୀଭୂତ ହେବା ସଙ୍ଗେ ସଙ୍ଗେ ଅନେକ ଆବରଣ ମଧ୍ୟ ନଷ୍ଟ ହୋଇଯାଏ । ତେବେ ଯାଇ ଭଗବାନଙ୍କ କୃପା ହୁଏ ଓ ସିଏ ନିଜେ ମଧ୍ୟ ଜାଗୃତ ହୋଇଯାନ୍ତି । ଜାଗୃତ ହେବା ପରେ ସେହି ଜାଗୃତି ଯାଏ ନାହିଁ । ନିରନ୍ତର ଜାଗୃତ ରହିପାରିବ । ଅର୍ଥାତ୍ ନିରନ୍ତର ପ୍ରତୀତି ରହିବ ହିଁ ରହିବ । ଆତ୍ମାର ଅନୁଭବ ହେବା ମାତ୍ରେ ଦେହାଧ୍ୟାସ ଛାଡ଼ି ଚାଲିଯାଏ । ଦେହାଧ୍ୟାସ ଚାଲିଗଲେ କର୍ମବନ୍ଧନ ମଧ୍ୟ ବନ୍ଦ ହୋଇଯାଏ । ପ୍ରଥମେ ମୁକ୍ତି ଅଜ୍ଞାନତାରୁ ହୁଏ । ପୁଣି ଗୋଟିଏ ଦୁଇଟି ଜନ୍ମରେ ଅନ୍ତିମ ମୁକ୍ତି ମିଳିଯାଏ ।

## ଜ୍ଞାନାଗ୍ନି ଦ୍ୱାରା କର୍ମ ଭସ୍ମୀଭୂତ ହୋଇଯାଏ

ଯେଉଁ ଦିନ ଏହି 'ଜ୍ଞାନ' ଦିଆଯାଏ ସେହି ଦିନ କ'ଣ ହୁଏ ? ଜ୍ଞାନାଗ୍ନି ଦ୍ୱାରା ତାହାର ଯେଉଁ କର୍ମ ଅଛି, ସେଗୁଡ଼ିକ ଭସ୍ମୀଭୂତ ହୋଇଯାଏ । ଦୁଇ ପ୍ରକାର କର୍ମ ଭସ୍ମୀଭୂତ ହୋଇଯାଏ ଓ ଗୋଟିଏ ପ୍ରକାର କର୍ମ ବାକି ରହିଯାଏ । ଯେଉଁ କର୍ମ ଗୁଡ଼ିକ ବାଷ୍ପଭଳି ସେଗୁଡ଼ିକ ନାଶ ହୋଇଯାଏ ଆଉ ଯେଉଁ ଗୁଡ଼ିକ ପାଣି ଭଳି ତାହାବି ନଷ୍ଟ ହୋଇଯାଏ କିନ୍ତୁ ଯେଉଁ ଗୁଡ଼ିକ

ବରଫ ଭଳି ତାହା ନଷ୍ଟ ହୁଏ ନାହିଁ, କାରଣ ସେଗୁଡ଼ିକ ଜମାଟ ବାନ୍ଧି ଯାଇଛି । ଯେଉଁ ଗୁଡ଼ିକ କର୍ମଫଳ ଦେବା ପାଇଁ ପ୍ରସ୍ତୁତ ହୋଇଯାଇଛି, ତାହା କେବେ ବି ଛାଡ଼େ ନାହିଁ । କିନ୍ତୁ ପାଣି ଓ ବାଷ୍ପ ସ୍ୱରୂପ ଯେଉଁ କର୍ମ, ତାହା ଜ୍ଞାନାଗ୍ନି ନଷ୍ଟ କରିଦିଏ । ଏଇଥିପାଇଁ ଜ୍ଞାନ ପାଇବା ମାତ୍ରେ ଲୋକମାନେ ହାଲୁକା ହୋଇଯାଆନ୍ତି । ସେମାନଙ୍କ ଜାଗୃତି ବଢ଼ିଯାଏ । କାରଣ ଯେ ପର୍ଯ୍ୟନ୍ତ କର୍ମ ଭସ୍ମୀଭୂତ ନ ହୋଇଛି, ସେ ପର୍ଯ୍ୟନ୍ତ ମନୁଷ୍ୟର ଜାଗୃତି ବଢ଼େ ନାହିଁ । ଯେଉଁ କର୍ମ ଗୁଡ଼ିକ ବରଫ ଭଳି ଜମାଟ ବାନ୍ଧି ଯାଇଛି ତାହାକୁ ଭୋଗିବାକୁ ପଡ଼ିବ । ସେଗୁଡ଼ିକ କିପରି ସରଳତାର ସହିତ ଭୋଗିବାକୁ ପଡ଼ିବ ତା'ର ମଧ ରାସ୍ତା ମୁଁ କହିଛି, ଭାଇ ! 'ଦାଦା ଭଗବାନଙ୍କ ଅସୀମ ଜୟ ଜୟକାର ହେଉ' ବୋଲିବ, ତ୍ରିମନ୍ତ୍ର କହିବ, ନବ କଲମ ପଢ଼ିବ ।'

ସଂସାରୀ ଦୁଃଖର ଅଭାବ, ଏହା ହେଉଛି ମୁକ୍ତିର ପ୍ରଥମ ଅନୁଭବ । ଯେତେବେଳେ ମୁଁ ତୁମକୁ 'ଜ୍ଞାନ' ଦିଏ, ସେତେବେଳେ ତୁମକୁ ତା' ପରଦିନ ଠାରୁ ହିଁ ଅନୁଭବ ଆରମ୍ଭ ହୋଇଯାଏ । ତା'ପରେ ଏହି ଶରୀରର ବୋଝ, କର୍ମଗୁଡ଼ିକର ବୋଝ ସବୁକିଛି ନଷ୍ଟ ହୋଇଯାଏ, ଏହା ହେଉଛି ଦ୍ୱିତୀୟ ଅନୁଭବ । ତା'ପରେ ଏତେ ପରିମାଣରେ ଆନନ୍ଦ ମିଳେ ଯେ ଯାହା ବର୍ଣ୍ଣନା କରାଯାଇ ନପାରେ ।

**ପ୍ରଶ୍ନକର୍ତ୍ତା :** ଆପଣଙ୍କ ଠାରୁ ଯେଉଁ ଜ୍ଞାନ ମିଳିଲା, ତାହା କ'ଣ ଆତ୍ମଜ୍ଞାନ ?

**ଦାଦାଶ୍ରୀ :** ଯାହା ମିଳିଲା, ତାହା ଆତ୍ମଜ୍ଞାନ ନୁହେଁ । ଭିତରେ ଯାହା ପ୍ରକଟ ହେଲା ତାହା ଆତ୍ମଜ୍ଞାନ ଅଟେ । ମୁଁ ଯେଉଁ ଉଚ୍ଚାରଣ କରାଏ ଆଉ ତୁମେ କହିବା ସଙ୍ଗେ ସଙ୍ଗେ ପାପ ଭସ୍ମୀଭୂତ ହୋଇଯାଏ ଏବଂ ଜ୍ଞାନ ଭିତରେ ପ୍ରକଟ ହୋଇଯାଏ । ତାହା ତୁମ ଭିତରେ ପ୍ରକଟ ହୋଇଗଲା ନା ?

**ମହାତ୍ମା :** ହଁ, ହୋଇଗଲା ।

**ଦାଦାଶ୍ରୀ :** ଆତ୍ମା ପ୍ରାପ୍ତ କରିବା କ'ଣ ସରଳ ? ଏହା ପଛରେ (ଜ୍ଞାନବିଧିରେ) ଜ୍ଞାନାଗ୍ନି ଦ୍ୱାରା ପାପ ଭସ୍ମୀଭୂତ ହୋଇଯାଏ । ଆଉ କ'ଣ

ହୁଏ ? ଆତ୍ମା ଓ ଦେହ ଅଲଗା ହୋଇଯାଆନ୍ତି । ତୃତୀୟରେ ଭଗବାନଙ୍କ କୃପା ବରଷି ଥାଏ, ଯାହା ଦ୍ୱାରା ନିରନ୍ତର ଜାଗୃତି ଉତ୍ପନ୍ନ ହୋଇଥାଏ ଓ ଏଥିରୁ ପ୍ରଜ୍ଞାର ପ୍ରାରମ୍ଭ ହୋଇଯାଏ ।

## ଦ୍ୱିତୀୟା ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ

ଯେତେବେଳେ ମୁଁ ଜ୍ଞାନ ଦିଏ, ଏହା ଦ୍ୱାରା ଅନାଦିକାଳରୁ ଅର୍ଥାତ୍ ଲକ୍ଷ ଲକ୍ଷ ଜନ୍ମର ଯେଉଁ ଅମାବାସ୍ୟା ଥିଲା, ଅମାବାସ୍ୟା କ'ଣ ବୁଝିଲ ? "No Moon" (ବିନା ଚନ୍ଦ୍ରମା) ଅନାଦି କାଳରୁ 'Darkness' (ଅନ୍ଧାର)ରେ ସମସ୍ତେ ବଞ୍ଚିଛନ୍ତି । ପ୍ରକାଶ ହିଁ ଦେଖିନାହାନ୍ତି । ଚନ୍ଦ୍ର ଦେଖିନଥିଲେ, ଯେତେବେଳେ ମୁଁ ଜ୍ଞାନ ଦିଏ ସେତେବେଳେ Moon (ଚନ୍ଦ୍ର) ପ୍ରକଟ ହୋଇଯାଏ । ପ୍ରଥମେ ତାହା ଦ୍ୱିତୀୟାର ଚନ୍ଦ୍ର ପରି ପ୍ରକାଶ ଦିଏ । ସମ୍ପୂର୍ଣ୍ଣ ଜ୍ଞାନ ଦେବା ପରେ ମଧ୍ୟ ଭିତରେ କେତେ ପ୍ରକଟ ହୁଏ ? ଦ୍ୱିତୀୟାର ଚନ୍ଦ୍ରମା ପରି । ଯେ ପର୍ଯ୍ୟନ୍ତ ଏହି ଜନ୍ମରେ ପୂର୍ଣ୍ଣିମା ନ ହୋଇଛି ସେ ପର୍ଯ୍ୟନ୍ତ କରିବାକୁ ପଡ଼ିବ । ଦ୍ୱିତୀୟାରୁ ତୃତୀୟା ହେବ, ଚତୁର୍ଥୀ ହେବ, ଚତୁର୍ଥୀରୁ ପଞ୍ଚମ ହେବ... ପୁଣି ପୂର୍ଣ୍ଣିମା ହୋଇଯିବ ତା'ପରେ ଶେଷ ହୋଇଯିବ ଅର୍ଥାତ୍ କେବଳଜ୍ଞାନ ହୋଇଯିବ । କର୍ମ ବାନ୍ଧିବ ନାହିଁ । କର୍ମ-ବନ୍ଧନ ଅଟକି ଯିବ । କ୍ରୋଧ-ମାନ-ମାୟା-ଲୋଭ ବନ୍ଦ ହୋଇଯିବ । ପ୍ରଥମେ ବାସ୍ତବରେ ମୁଁ ନିଜକୁ ନିଜେ ଚନ୍ଦୁଭାଇ ମାନୁଥିଲି, ତାହା ଭ୍ରମ ଥିଲା, ବାସ୍ତବରେ 'ମୁଁ ଚନ୍ଦୁଭାଇ ଅଟେ' ତାହା ଚାଲିଗଲା । ସେହି ଭ୍ରାନ୍ତି ଚାଲିଗଲା । ଏବେ ଯେଉଁ ଆଜ୍ଞା ତୁମକୁ ଦେଲି, ସେହି ଆଜ୍ଞାନୁସାରେ ରହିବାକୁ ହେବ ।

ଏଠାରେ ଜ୍ଞାନବିଧିରେ ବସିଲେ ମୁଁ ତୁମର ସବୁ ପାପ ଧୋଇଦେବି, ତା'ପରେ ତୁମକୁ ନିଜର ଦୋଷ ଦେଖାଦେବ ଆଉ ସେହିଠାରୁ ଜାଣିବ ମୋକ୍ଷ ଆଡ଼କୁ ଯିବାର ପ୍ରସ୍ତୁତି ଆରମ୍ଭ ହେଲା ।

# ୧୧. ଆତ୍ମଜ୍ଞାନ ପ୍ରାପ୍ତି ପରେ ଆଜ୍ଞା ପାଳନର ମହତ୍ୱ

## ଆଜ୍ଞା, ଜ୍ଞାନର PROTECTION (ସୁରକ୍ଷା) ପାଇଁ

ମୁଁ ଜ୍ଞାନ ଦେବା ପରେ ତୁମକୁ ଆତ୍ମା ଅନୁଭବ ହେଲାପରେ ଆଉ କେଉଁ କାମ ବାକି ରହିଥାଏ ? ଜ୍ଞାନୀପୁରୁଷଙ୍କ 'ଆଜ୍ଞା' ପାଳନ। 'ଆଜ୍ଞା' ହିଁ ଧର୍ମ ଓ 'ଆଜ୍ଞା' ହିଁ ତପ। ଆଉ ଏହି ଆଜ୍ଞା ସଂସାର ବ୍ୟବହାରରେ ଆଦୌ ବାଧକ ନୁହେଁ। ଅକ୍ରମ ବିଜ୍ଞାନ ଏପରି ଯେ ସଂସାରରେ ରହିଲେ ମଧ୍ୟ ସଂସାରର ପ୍ରଭାବ ପଡ଼େ ନାହିଁ।

ଏହି ଯୁଗ ଏପରି ଯେ ସର୍ବତ୍ର କୁସଙ୍ଗ। ରୋଷେଇ ଘରୁ ଆରମ୍ଭ କରି ଅଫିସ୍‌ରେ, ଘରେ, ରାସ୍ତାରେ, ବାହାରେ, ଗାଡ଼ିରେ, ଟ୍ରେନ୍‌ରେ ଏହିପରି ସର୍ବତ୍ର କୁସଙ୍ଗ। ତୁମକୁ ଦୁଇ ଘଣ୍ଟାରେ ଦିଆଯାଇଥିବା ଜ୍ଞାନ ଏହି କୁସଙ୍ଗ ହିଁ ନଷ୍ଟ କରିଦିଏ। ଏଇଥିପାଇଁ ପାଞ୍ଚଟି ଆଜ୍ଞାର ବାଡ଼ ଦିଆ ଯାଇଛି ଯାହାକି Protection ଦେବ, ଯାହାଦ୍ୱାରା ଭିତରେ ଆଦୌ କୌଣସି ପ୍ରଭାବ ପଡ଼ିବ ନାହିଁ। ଯଦି ବାଡ଼ ଭାଙ୍ଗିଯାଏ ତେବେ ଜ୍ଞାନକୁ ଶେଷ କରିଦେବ, ସବୁକିଛି ଧୂଳିରେ ମିଶିଯିବ।

ଯେଉଁ ଜ୍ଞାନ ମୁଁ ତୁମକୁ ଦେଇଛି ତାହା ଭେଦ ଜ୍ଞାନ ଅଟେ ଏବଂ ଅଲଗା ମଧ୍ୟ କରିଦେଇଛି ମାତ୍ର ଏବେ ତାହା ଅଲଗା ରହିବା ପାଇଁ,ଏହି ପାଞ୍ଚଟି ବାକ୍ୟ ତୁମକୁ Protection (ସୁରକ୍ଷା) ପାଇଁ ଦେଉଛି କାରଣ ଏ ଯେଉଁ କଳି ଯୁଗ ଏଠାରେ ଲୁଟି ନିଆନ୍ୟାଉ। ମଞ୍ଜିରୁ ଗଛ ହେବା ପାଇଁ ପାଣି ଓ ବାଡ଼ ଦେବା ପାଇଁ ପଡିବ କି ନାହିଁ ?

## 'ଜ୍ଞାନ' ପରେ କେଉଁ ସାଧନା ?

**ପ୍ରଶ୍ନକର୍ତ୍ତା :** ଏହି ଜ୍ଞାନ ପରେ କେଉଁ ପ୍ରକାର ସାଧନା କରିବା ପାଇଁ ପଡ଼ିବ ?

**ଦାଦାଶ୍ରୀ :** ପାଞ୍ଚଟି ଆଜ୍ଞା ପାଳନ କରିବା ହିଁ ସାଧନା। ଆଉ କୌଣସି

ସାଧନା ନାହିଁ । ବାକି ସବୁ ସାଧନା ବନ୍ଧନ କାରକ ଅଟେ କିନ୍ତୁ ଏହି ପାଞ୍ଚଟି ଆଜ୍ଞା ମୁକ୍ତ କରାଇବ ।

**ପ୍ରଶ୍ନକର୍ତ୍ତା :** ଏହି ଯେଉଁ ପାଞ୍ଚଟି ଆଜ୍ଞା ଏଥିରେ କଣ ଅଛି ?

**ଦାଦାଶ୍ରୀ :** ପାଞ୍ଚଟି ଆଜ୍ଞା ହେଉଛି ଗୋଟିଏ ବାଡ଼ ପରି, ଏହା ଭିତରେ ଥିବା ତୁମର ମାଲକୁ ଚୋରଙ୍କ ଠାରୁ ରକ୍ଷା କରେ ଯଦି ବାଡ଼ ଢ଼ିଲା ହୋଇଯାଏ ତା'ହେଲେ କେହି ବି ଏହା ଭିତରକୁ ଆସି ନଷ୍ଟ କରିଦେବ । ପୁଣି ଏହାକୁ ମରାମତି କରିବା ପାଇଁ ମୋ ନିକଟକୁ ଆସିବାକୁ ହେବ । ଯେ ପର୍ଯ୍ୟନ୍ତ ଏହି ପାଞ୍ଚଟି ଆଜ୍ଞାରେ ରହିବ ସେ ପର୍ଯ୍ୟନ୍ତ ନିରନ୍ତର ସମାଧିର ଗ୍ୟାରେଣ୍ଟି ଦେଉଛି ।

## ଆଜ୍ଞା ଦ୍ୱାରା ତୀବ୍ର ପ୍ରଗତି

**ପ୍ରଶ୍ନକର୍ତ୍ତା :** ଆପଣଙ୍କ ଜ୍ଞାନ ପାଇବା ପରେ ମହାତ୍ମାମାନଙ୍କର ଯେଉଁ ପ୍ରଗତି ହୁଏ ସେହି ପ୍ରଗତିର Speed (ବେଗ) କାହା ଉପରେ ଆଧାରିତ ? କ'ଣ କଲେ ଅତିଶୀଘ୍ର ପ୍ରଗତି ହେବ ?

**ଦାଦାଶ୍ରୀ :** ପାଞ୍ଚଟି ଆଜ୍ଞା ପାଳନ କଲେ ସବୁକିଛି ଅତିଶୀଘ୍ର ହେବ । ଏହା ଦ୍ୱାରା ସମସ୍ତ ଆବରଣ ନଷ୍ଟ ହୋଇଯାଏ । ଶକ୍ତି ପ୍ରକଟ ହୁଏ । ଅବ୍ୟକ୍ତ ଶକ୍ତିଗୁଡ଼ିକ ବ୍ୟକ୍ତ ହୁଏ । ପାଞ୍ଚଟି ଆଜ୍ଞା ପାଳନ କଲେ ଐଶ୍ୱର୍ଯ୍ୟ ବ୍ୟକ୍ତ ହୁଏ । ସବୁ ଶକ୍ତି ପ୍ରକଟ ହୁଏ । ଏସବୁ ଆଜ୍ଞାପାଳନ ଉପରେ ନିର୍ଭର କରେ ।

ମୋ ଆଜ୍ଞାପ୍ରତି Sincere (ଜାଗୃତ) ରହିବା ହିଁ ସବୁଠାରୁ ମୁଖ୍ୟ ଗୁଣ ଅଟେ । ଆଜ୍ଞା ପାଳନରେ ଯିଏ ଅବୁଦ୍ଧ ହୋଇଯିବ ସିଏ ମୋ ପରି ହୋଇଯିବ । କିନ୍ତୁ ଯେ ପର୍ଯ୍ୟନ୍ତ ଆଜ୍ଞା ପାଳନ କରୁଛ, ସେ ପର୍ଯ୍ୟନ୍ତ ଆଜ୍ଞାରେ କୌଣସି ବଦଳି ନହେବା ଉଚିତ୍ । ତେବେ କୌଣସି ଅସୁବିଧା ହେବ ନାହିଁ ।

## ଦୃଢ଼ ନିଶ୍ଚୟ ଦ୍ୱାରା ହିଁ ଆଜ୍ଞା ପାଳନ

ଦାଦାଙ୍କ ଆଜ୍ଞା ପାଳନ କରିବାର ଅଛି ଏହା ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଆଜ୍ଞା ପାଳନ କରିବାର ଅଛି ଏପରି ନିଶ୍ଚୟ କରିବା ଉଚିତ୍ । ଆଜ୍ଞା ପାଳନ

ହୋଇପାରୁଛି ନା ନାହିଁ ତାହା ତୁମକୁ ଦେଖିବା ଦରକାର ନାହିଁ। ଆଜ୍ଞା ଯେତିକି ପାଳନ ହୋଇପାରିବ ସେତିକି ଠିକ୍, କିନ୍ତୁ ତୁମକୁ ଆଜ୍ଞା ପାଳନ କରିବା ପାଇଁ ନିଶ୍ଚିତ କରିବା ଉଚିତ୍।

**ପ୍ରଶ୍ନକର୍ତ୍ତା :** ଆଜ୍ଞା ପାଳନ କମ୍ ବା ବେଶୀ ହେଲେ ସେଥିରେ କ'ଣ କିଛି ଅସୁବିଧା ଅଛି ?

**ଦାଦାଶ୍ରୀ :** ଅସୁବିଧା ନାହିଁ, ଏପରି ନୁହେଁ। ତୁମକୁ ନିଶ୍ଚିତ କରିବାକୁ ପଡ଼ିବ ଯେ "ଯେମିତି ହେଲେ ମଧ ମୁଁ ଆଜ୍ଞା ପାଳନ କରିବି"। ସକାଳ ଠାରୁ ନିଶ୍ଚିତ କରିବ ଯେ, ମୋତେ ପାଞ୍ଚ ଆଜ୍ଞାରେ ରହିବାର ଅଛି, ଆଜ୍ଞା ପାଳନ କରିବାର ଅଛି। ନିଶ୍ଚିତ କରିବା ମାତ୍ରେ ମୋ ଆଜ୍ଞା ପାଳନ ହୋଇଯାଏ, ମୋତେ ଏତିକି ମାତ୍ର ଦରକାର।

ଆଜ୍ଞା ପାଳନ କରିବା ଭୁଲିଗଲେ ପ୍ରତିକ୍ରମଣ କରିବ ଯେ, 'ହେ ଦାଦା ଦୁଇ ଘଣ୍ଟା ପାଇଁ ମୁଁ ଭୁଲିଯାଇଥିଲି, ଆପଣଙ୍କ ଆଜ୍ଞା ଭୁଲିଯାଇଥିଲି କିନ୍ତୁ ମୋତେ ତ ଆଜ୍ଞା ପାଳନ କରିବାର ଅଛି। ମୋତେ କ୍ଷମା କରିଦିଅନ୍ତୁ।' ତେବେ ଆଗରୁ ହୋଇଥିବା ସବୁ ପରୀକ୍ଷାରୁ Pass (ଉତ୍ତୀର୍ଣ୍ଣ)। ଶହେରୁ ଶହେ ନମ୍ବର ମିଳିବ। ଏହାଦ୍ୱାରା କୌଣସି ବିପଦ ରହେ ନାହିଁ। ଯଦି ଆଜ୍ଞା ପାଳନ କଲ ସଂସାର ସ୍ପର୍ଶ କରିବ ନାହିଁ। ମୋର ଆଜ୍ଞା ପାଳନ କଲେ ତୁମକୁ କିଛି ବି ସ୍ପର୍ଶ କରିବ ନାହିଁ।

## ଆଜ୍ଞା ପାଳନକଲେ ବାସ୍ତବିକ ପୁରୁଷାର୍ଥର ପ୍ରାରମ୍ଭ ହୋଇଥାଏ

ମୁଁ ତୁମକୁ ଜ୍ଞାନ ଦେଇ ପ୍ରକୃତିରୁ ଅଲଗା କରିଦେଲି। "ମୁଁ ଶୁଦ୍ଧାତ୍ମା" ଅର୍ଥାତ୍ ପୁରୁଷ ଏବଂ ଏହା ପରେ ବାସ୍ତବିକ ପୁରୁଷାର୍ଥ ହୋଇଥାଏ, ଏହା ହିଁ Real (ବାସ୍ତବିକ) ପୁରୁଷାର୍ଥ।

**ପ୍ରଶ୍ନକର୍ତ୍ତା :** Real ପୁରୁଷାର୍ଥ Relative (ଆପେକ୍ଷିକ) ପୁରୁଷାର୍ଥ ଏ ଦୁଇଟି ମଧ୍ୟରେ କ'ଣ ପାର୍ଥକ୍ୟ ?

**ଦାଦାଶ୍ରୀ :** Real ପୁରୁଷାର୍ଥରେ କିଛି କରିବା ପାଇଁ ପଡ଼େ ନାହିଁ। ଦୁହିଁଙ୍କ ମଧ୍ୟରେ ପାର୍ଥକ୍ୟ ଏହା ଯେ Real ପୁରୁଷାର୍ଥ ଅର୍ଥାତ 'ଦେଖିବା' ଓ 'ଜାଣିବା', Relative ପୁରୁଷାର୍ଥ ଅର୍ଥାତ୍ କ'ଣ ? ଭାବ କରିବା। ମୁଁ ଏପରି କରିବି।

ତୁମେ ଚନ୍ଦୁଭାଇ ଥିଲ ଆଉ ପୁରୁଷାର୍ଥ କରୁଥିଲ କିନ୍ତୁ ତାହା ଭ୍ରାନ୍ତିର ପୁରୁଷାର୍ଥ ଥିଲା କିନ୍ତୁ ଯେତେବେଳେ 'ମୁଁ ଶୁଦ୍ଧତ୍ମା' ଏହି ପଦ ମିଳିଗଲା ଏବଂ ତାହା ପରେ ପୁରୁଷାର୍ଥ କଲେ, ଦାଦାଙ୍କ ପାଞ୍ଚଟି ଆଜ୍ଞାରେ ରହିଲେ, ତେବେ ଏହାକୁ Real ପୁରୁଷାର୍ଥ କୁହାଯାଏ। ପୁରୁଷ (ପଦ)ର ପ୍ରାପ୍ତି ହେବା ପରେ ପୁରୁଷାର୍ଥ କଲା ବୋଲି କୁହାଯାଏ।

**ପ୍ରଶ୍ନକର୍ତ୍ତା :** ଏହି ଯେଉଁ ଜ୍ଞାନ ମଞ୍ଜି ପୋତାଗଲା ତାହା କ'ଣ ପ୍ରକାଶ, ଜ୍ୟୋତି ଅଟେ ?

**ଦାଦାଶ୍ରୀ :** ହଁ, କିନ୍ତୁ ବୀଜ ରୂପେ। ଏବେ ଧୀରେ ଧୀରେ ପୂର୍ଣ୍ଣିମା ହେବ। ପୁଦ୍‌ଗଲ୍ ଓ ପୁରୁଷ ଦୁହେଁ ଅଲଗା ହେଲେ, ସେହି ଦିନଠାରୁ ହି ବାସ୍ତବିକ ପରୁଷାର୍ଥ ଆରମ୍ଭ ହୋଇଥାଏ। ଯେଉଁଠାରୁ ପୁରୁଷାର୍ଥ ଆରମ୍ଭ ହେଲା, ତାହା ଦ୍ୱିତୀୟାରୁ ପୂର୍ଣ୍ଣିମା କରିଦେବ। ହଁ! ଏହି ଆଜ୍ଞାଗୁଡ଼ିକ ପାଳନ କଲେ, ସେହିପରି ହେବ। କିଛି କରିବାକୁ ପଡ଼ିବ ନାହିଁ କେବଳ ଆଜ୍ଞା ପାଳନ କରିବାକୁ ପଡ଼ିବ।

**ପ୍ରଶ୍ନକର୍ତ୍ତା :** ଦାଦା, ପୁରୁଷ ହୋଇଯିବା ପରେ ପୁରୁଷାର୍ଥର ଟିକିଏ ବର୍ଣ୍ଣନ କରନ୍ତୁ। ସେହି ବ୍ୟକ୍ତିର ବ୍ୟବହାର କିପରି ହୋଇଥାଏ।

**ଦାଦାଶ୍ରୀ :** ଏମାନେ ସମସ୍ତେ, ଏ ଆମର ସବୁ ମହାତ୍ମା ପାଞ୍ଚଟି ଆଜ୍ଞାରେ ରୁହନ୍ତି ! ପାଞ୍ଚଟି ଆଜ୍ଞା, ତାହାହିଁ ଦାଦା, ଆଉ ଏହା Real ପୁରୁଷାର୍ଥ।

ପାଞ୍ଚଟି ଆଜ୍ଞା ପାଳନ କରିବା ହିଁ ପୁରୁଷାର୍ଥ ଅଟେ ଏବଂ ପାଞ୍ଚ ଆଜ୍ଞାର ପରିଣାମସ୍ୱରୂପ କ'ଣ ? ଜ୍ଞାତା-ଦ୍ରଷ୍ଟା ପଦରେ ରୁହା ଯାଇପାରେ

ଆଉ ମୋତେ ଯଦି କେହି ପଚାରେ, ଉଚ୍ଚ ପୁରୁଷାର୍ଥ କ'ଣ ? ତେବେ ମୁଁ କହିବି, 'ଜ୍ଞାତା-ଦ୍ରଷ୍ଟା' ରହିବା, ତାହା ତ'ଏହି ପାଞ୍ଚ ଆଜ୍ଞାଗୁଡ଼ିକ ଜ୍ଞାତା-ଦୃଷ୍ଟା ରହିବା ଶିଖାଇଥାଏ ? ମୁଁ ଦେଖେ ଯେ, ଯେଉଁଠି ଯେଉଁମାନେ ସ୍ୱଚ୍ଛ ହୃଦୟରେ ପୁରୁଷାର୍ଥ ଆରମ୍ଭ କରନ୍ତି, ସେମାନଙ୍କ ଉପରେ କୃପା ଅବଶ୍ୟ ବୃଷ୍ଟି ହୋଇଥାଏ।

## ୧୨. ଆତ୍ମାନୁଭବ ତିନୋଟି STAGE (ସ୍ତର)ରେ ହୋଇଥାଏ, ଅନୁଭବ, ଲକ୍ଷ୍ୟ, ପ୍ରତୀତି

**ପ୍ରଶ୍ନକର୍ତ୍ତା :** ଆତ୍ମାର ଅନୁଭବ ହୋଇଗଲେ କ'ଣ ହୁଏ ?

**ଦାଦାଶ୍ରୀ :** ଆତ୍ମାର ଅନୁଭବ ହେବା ମାତ୍ରେ ଦେହା ଧ୍ୟାସ ଚାଲିଯାଏ। ଦେହା ଧ୍ୟାସ ଯିବା ଅର୍ଥାତ୍ କର୍ମ ବନ୍ଧନ ବନ୍ଦ ହୋଇଯାଏ। ଏହା ଠାରୁ ଆଉ ଅଧିକ କ'ଣ ଦରକାର ?

ଆଗରୁ ଚନ୍ଦୁଭାଇ କ'ଣ ଥିଲେ ଆଉ ଆଜି ଚନ୍ଦୁଭାଇ କ'ଣ ହୋଇଛନ୍ତି, ତାହା ବୁଝି ପାରୁଛ ତ ! ତେବେ ଏହି ପରିବର୍ତ୍ତନ କିପରି ? ଆତ୍ମା-ଅନୁଭବ ଦ୍ୱାରା ପ୍ରଥମେ ଯେଉଁ ଦେହାଧ୍ୟାସର ଅନୁଭବ ଥିଲା ଏବଂ ଏହା ଏବେ ଆତ୍ମ-ଅନୁଭବ।

ଏହି ପ୍ରତୀତି ଅର୍ଥାତ ସମ୍ପୂର୍ଣ୍ଣ ମାନ୍ୟତା ଶତପ୍ରତିଶତ ବଦଳିଗଲା ଓ 'ମୁଁ ଶୁଦ୍ଧାତ୍ମା' ଏହା ସମ୍ପୂର୍ଣ୍ଣ ରୂପେ ନିଶ୍ଚିତ ହୋଇଗଲା। 'ମୁଁ ଶୁଦ୍ଧତ୍ମା' ଏହା ସ୍ଥିର ହୁଏ କିନ୍ତୁ ପୁନର୍ବାର ଚାଲିଯାଏ, ଆଉ ପ୍ରତୀତି ଯାଏ ନାହିଁ। ଶ୍ରଦ୍ଧା ବଦଳିଯାଏ, କିନ୍ତୁ ପ୍ରତୀତି ବଦଳେ ନାହିଁ।

ଏହି ପ୍ରତୀତି ଅର୍ଥାତ୍ ମନେକର ଆମେ ଏଠି ଏହି କାଠଟିକୁ ରଖିଲୁ ଏବେ ତା'ଉପରେ ଚାପ ପଡ଼ିଲେ ସିଏ ଟିକିଏ ବାଙ୍କି ଯିବ ସିନା ସ୍ଥାନ ଛାଡ଼େନାହିଁ। ଯେତେ କର୍ମ ଆସୁ ଅବା ଖରାପ ଉଦୟ ଆସୁ ତଥାପି ସ୍ଥାନ ଛାଡ଼ିବ ନାହିଁ। 'ମୁଁ ଶୁଦ୍ଧାତ୍ମା' ତାହା କେବେ ଯିବ ନାହିଁ।

ଅନୁଭବ, ଲକ୍ଷ୍ୟ ଓ ପ୍ରତୀତ ଏହି ତିନୋଟି ରହିବ । ପ୍ରତୀତି ସର୍ବଦା ରହିବ । ଲକ୍ଷ୍ୟ କେବେ କେବେ ରହିବ । ବ୍ୟବସାୟ ଅବା କୌଣସି କାର୍ଯ୍ୟରେ ବ୍ୟସ୍ତ ରହି ଲକ୍ଷ୍ୟହରା ହୋଇଗଲା କାର୍ଯ୍ୟ ସରିବା ପରେ ପୁଣି ଲକ୍ଷ୍ୟ ଆସିଯାଏ । ଆଉ ଅନୁଭବର ସ୍ୱାଦ ସେତେବେଳେ ଆସିବ ଯେତେବେଳେ ତୁମେ ସବୁ କାର୍ଯ୍ୟରୁ ନିବୃତ୍ତ ହୋଇ ଏକାନ୍ତରେ ବସିଥିବ । ତଥାପି ଅନୁଭବ ବଢ଼ି ବଢ଼ି ଚାଲେ ।

ଅନୁଭବ, ଲକ୍ଷ୍ୟ ଓ ପ୍ରତୀତି । ପ୍ରତୀତି ମୁଖ୍ୟ, ଏହା ଆଧାର ଅଟେ । ଏହା ଆଧାର ହେବା ପରେ ଲକ୍ଷ୍ୟ ଉତ୍ପନ୍ନ ହୁଏ । ଏହା ପରେ 'ମୁଁ ଶୁଦ୍ଧାତ୍ମା' ଏହା ନିରନ୍ତର ଲକ୍ଷ୍ୟରେ ରହିଥାଏ ଓ ଆରାମରେ ବସିଥିବା ସମୟରେ ଜ୍ଞାତା ଦ୍ରଷ୍ଟା ରହିଲେ ତାହା ଅନୁଭବରେ ଆସିଥାଏ ।

## ୧୩. ପ୍ରତ୍ୟକ୍ଷ ସତ୍‌ସଙ୍ଗର ମହତ୍ୱ

### ସମସ୍ୟାର ସମାଧାନ ପାଇଁ ସତ୍‌ସଙ୍ଗର ଆବଶ୍ୟକତା

ଏହି 'ଅକ୍ରମ ବିଜ୍ଞାନ' ମାଧ୍ୟମରେ ତୁମକୁ ଆତ୍ମାନୁଭବ ପ୍ରାପ୍ତ ହୋଇଛି । କିନ୍ତୁ ତାହା ତୁମକୁ ଅତି ସହଜରେ ମିଳିଗଲା, ଏଣୁ ତୁମର ନିଜର ଲାଭ ହୁଏ, ପ୍ରଗତି ହୋଇପାରେ । ବିଶେଷ ରୂପେ, 'ଜ୍ଞାନୀ'ଙ୍କ ପରିଚୟରେ ରହି ବୁଝିନେବା ଉଚିତ୍ ।

ଏହି ଜ୍ଞାନ ଭଲଭାବରେ ବୁଝିବାକୁ ହେବ । କାରଣ ଏହି ଜ୍ଞାନ ଗୋଟିଏ ଘଣ୍ଟାରେ ଦିଆଯାଇଛି । କେତେ ବଡ଼ ଜ୍ଞାନ ! ଯାହା କୋଟି ଜନ୍ମରେ ହୋଇପାରେ ନାହିଁ ସେହି ଜ୍ଞାନ ଗୋଟିଏ ଘଣ୍ଟାରେ ହୋଇଯାଉଛି, କିନ୍ତୁ Basic (ମୌଳିକ) ରୂପେ ହୋଇଥାଏ । ପୁଣି ବିସ୍ତୃତଭାବରେ ବୁଝିନେବାକୁ ହେବ । ଏହାକୁ ସମ୍ପୂର୍ଣ୍ଣ ଭାବରେ ବୁଝିବାକୁ ହେଲେ ତୁମେ ମୋ ନିକଟରେ ବସି ପଚାରିଲେ ମୁଁ ତୁମକୁ ବୁଝାଇ ଦେବି । ଏଥିପାଇଁ ମୁଁ କୁହେ ଯେ ସତ୍‌ସଙ୍ଗର ବହୁତ ଆବଶ୍ୟକତା ଅଛି । ତୁମେ ଯେତେ ଗହନ କଥା ପଚାରିବ

ସେତେ ଗଭୀର ତଥ୍ୟ ଉଦଘାଟନ ହେବ । ଯାହାକୁ କିଛି କଷ୍ଟ ହେଉଛି ତାକୁ ନିଶ୍ଚିତ ଭାବେ ପଚାରି ନେବା ଉଚିତ୍ ।

## ମଞ୍ଜି ପୋତିବା ପରେ ପାଣି ଦେବା ଅତ୍ୟନ୍ତ ଆବଶ୍ୟକ

**ପ୍ରଶ୍ନକର୍ତ୍ତା :** ଜ୍ଞାନ ପାଇବା ପରେ ମଧ୍ୟ 'ମୁଁ ଶୁଦ୍ଧାତ୍ମା' ଏହା ଧ୍ୟାନରେ ଆଣିବାକୁ ପଡ଼ିଥାଏ, ତାହା କଠିନ ଅଟେ ।

**ଦାଦାଶ୍ରୀ :** ନା, ଏପରି ହେବା ଉଚିତ ନୁହେଁ । ଧ୍ୟାନ ରଖିବାକୁ ପଡ଼ିବ ନାହିଁ ଆପେ ଆପେ ରହିବ । ଏଥିପାଇଁ କ'ଣ କରିବାକୁ ପଡ଼ିବ ? ଏଥିପାଇଁ ମୋ ନିକଟକୁ ଆସିବାକୁ ପଡ଼ିବ । ଯେଉଁ ପାଣି ସିଞ୍ଚନ କରିବା କଥା ତାହା ହୋଇପାରୁ ନାହିଁ ସେଥିପାଇଁ ଏହା କଠିନ ଲାଗୁଛି । ଯଦି ତୁମେ ବ୍ୟବସାୟରେ ଧ୍ୟାନ ନ ଦିଅ ତେବେ କ'ଣ ହେବ ?

**ପ୍ରଶ୍ନକର୍ତ୍ତା :** Down (ଧୀମା) ହୋଇଯିବ ।

**ଦାଦାଶ୍ରୀ :** ହଁ, ଠିକ୍ ସେହିପରି ଏଥିରେ ମଧ୍ୟ । ଯଦି ଜ୍ଞାନ ପ୍ରାପ୍ତ କରିଛ ସେଥିରେ ଜଳ ସିଞ୍ଚନ କରିବାକୁ ପଡ଼ିବ, ତେବେ ଯାଇ ଚାରାଟି ଧିରେ ଧିରେ ବଡ଼ ହେବ । ଛୋଟ ଗଛରେ ମଧ୍ୟ ପାଣି ଦେବାକୁ ପଡ଼ିଥାଏ । କେବେକେବେ ମାସେ ଦୁଇମାସରେ ଥରେ ଦି ଥର କିଛି ପାଣି ଦେବାକୁ ହେବ ନା' ।

**ପ୍ରଶ୍ନକର୍ତ୍ତା :** ଘରେ ସିଞ୍ଚନ କରୁଛୁ ।

**ଦାଦାଶ୍ରୀ :** ନା, କିନ୍ତୁ ଘରେ ହୋଇପାରିବ, ଏପରି ନୁହେଁ । ଏହା କେବଳ ସାମ୍ନା ସାମ୍ନି ହୋଇଥାଏ । ଜ୍ଞାନୀ ଏଠାକୁ ଆସିଛନ୍ତି ଆଉ ତୁମେ ଏହାର ମୂଲ୍ୟ ବୁଝିପାରୁ ନାହଁ । ସ୍କୁଲ ଯାଇଥିଲ ନା ନାହିଁ ? କେତେ ବର୍ଷ ଯାଇଥିଲ ?

**ପ୍ରଶ୍ନକର୍ତ୍ତା :** ଦଶ ବର୍ଷ ।

**ଦାଦାଶ୍ରୀ :** ତୁମେ ସେଠାରେ କ'ଣ ଶିଖିଲ ? ଭାଷା ! ଏହି ଇଂରାଜୀ ଭାଷା ପାଇଁ ଦଶ ବର୍ଷ ଚାଲିଗଲା କିନ୍ତୁ ଏଠାରେ ମାତ୍ର ଛଅ ମାସ ଲାଗିବ । ଯଦି ଛଅମାସ ମୋର ଅନୁଗମନ କରିବ ତେବେ ସବୁକାମ ହୋଇଯିବ ।

## ନିଶ୍ଚୟ STRONG (ପକ୍କା)ତ ଅନ୍ତରାୟ BREAK

**ପ୍ରଶ୍ନକର୍ତ୍ତା :** ବାହାରେ Programme (କର୍ମସୂଚୀ) ହୋଇଗଲା, ଏଥିପାଇଁ ଆସିବାରେ ସମସ୍ୟା ହେଲା ।

**ଦାଦାଶ୍ରୀ :** ଯଦି ତୁମର ଭାବ Strong ଥିବ ତେବେ ତାହା ମଧ୍ୟ ନଷ୍ଟ ହୋଇଯିବ । ଭିତରେ ନିଜର ଭାବ Strong ଅଛି ନା ଢ଼ିଲା ଅଛି ଦେଖି ନେବାକୁ ହେବ ।

## ସଂସାରରେ ଲାଭପାଇଁ
## ସତ୍ସଙ୍ଗର GUARANTEE (ପ୍ରତିଶ୍ରୁତି)

ମୋ ନିକଟକୁ ଏପରି ବ୍ୟବସାୟୀ ଆସନ୍ତି ଯେଉଁମାନେ କି ଯଦି ତାଙ୍କ ବ୍ୟବସାୟକୁ ଘଣ୍ଟାଏ ବା ଦୁଇ ଘଣ୍ଟା ଡ଼େରିରେ ଯାଆନ୍ତି ତା'ହେଲେ ତାଙ୍କର ହଜାର ହଜାର ଟଙ୍କା କ୍ଷତି ହୋଇଯାଏ । ମୁଁ ସେମାନଙ୍କୁ କୁହେ ଏଠାକୁ ଯେତେ ସମୟ ପାଇଁ ଆସୁଛ ଏଥିରେ କିଛି କ୍ଷତି ହେବ ନାହିଁ କିନ୍ତୁ ଯଦି ରାସ୍ତାରେ କୌଣସି ଦୋକାନରେ ଠିଆହେବ ତେବେ ତୁମର କ୍ଷତି ହେବ । କିନ୍ତୁ ଏଠାକୁ ଆସିଲେ ସାବଧାନ ଏଥିରେ ମୋର କୌଣସି ନେବା ଦେବାର ନାହିଁ । ମାନେ ତୁମେ ନିଜର ଆତ୍ମା ପାଇଁ ଆସିଛ ଏଇଥିପାଇଁ କହୁଛି, ଏଠାକୁ ଆସିଲେ ତୁମର କୌଣସି ପ୍ରକାର କ୍ଷତି ହେବ ନାହିଁ ।

## ଦାଦାଙ୍କ ସତ୍ସଙ୍ଗର ଅଲୌକିକତା

ଯଦି କର୍ମର ଉଦୟ ଅତ୍ୟନ୍ତ କଠିନ ହେଉଛି ତେବେ ତୁମକୁ ବୁଝିନେବାକୁ ହେବ ଯେ ଉଦୟ ଭାରୀ ଅଛି ଏଣୁ ଶାନ୍ତ ରହିବାର ଅଛି

ଏବଂ ଏହାକୁ ଥଣ୍ଡାକରି ସତ୍‌ସଙ୍ଗରେ ବସିବାକୁ ହେବ। ଏହିପରି ଚାଲିବ। କେଉଁ ପ୍ରକାରର କର୍ମ ଉଦୟ ହେବ ତାହା କହି ହେବ ନାହିଁ।

**ପ୍ରଶ୍ନକର୍ତ୍ତା :** ଜାଗୃତି ବିଶେଷ ରୂପେ କିପରି ବଢ଼ିବ ଏହାର ଉପାୟ କ'ଣ ?

**ଦାଦଶ୍ରୀ :** ଏହା କେବଳ ସତ୍‌ସଙ୍ଗ ଦ୍ୱାରା ସମ୍ଭବ।

**ପ୍ରଶ୍ନକର୍ତ୍ତା :** ଆପଣଙ୍କ ପାଖରେ ଛଅ ମାସ ବସିଲେ ଏଥିରେ ସ୍ଥୁଳ ପରିବର୍ତ୍ତନ ହେବ ପୁଣି ସୂକ୍ଷ୍ମ ପରିବର୍ତ୍ତନ ହେବ, ଏମିତି କହୁଛନ୍ତି ?

**ଦାଦାଶ୍ରୀ :** ହଁ, କେବଳ ବସି ରହିଲେ ହିଁ ପରିବର୍ତ୍ତନ ହୋଇଯିବ। ଏଣୁ ଏଠାରେ ପରିଚୟରେ ରହିବାକୁ ହେବ। ଦୁଇ ଘଣ୍ଟା, ତିନି ଘଣ୍ଟା, ପାଞ୍ଚ ଘଣ୍ଟା ଯେତେ ଜମା କରିବ ସେତେ ଭଲ। ଲୋକମାନେ ଜ୍ଞାନ ନେବା ପରେ ଭାବନ୍ତି ଯେ 'ଆମକୁ ଏବେ କିଛି କରିବାକୁ ହେବନାହିଁ! କିନ୍ତୁ ଏପରି ନୁହେଁ, କାରଣ ଏ ପର୍ଯ୍ୟନ୍ତ ପରିବର୍ତ୍ତନ ତ ହୋଇନାହିଁ।

## ରୁହ ଜ୍ଞାନୀଙ୍କ ସାମୀପ୍ୟରେ

**ପ୍ରଶ୍ନକର୍ତ୍ତା :** ପୂର୍ଣ୍ଣ ପଦ ପାଇଁ ମହାତ୍ମାମାନଙ୍କୁ କ'ଣ ସ୍ୱଇଚ୍ଛା ରଖିବା ଉଚିତ୍ ?

**ଦାଦାଶ୍ରୀ :** ଯେତେଟା ସମ୍ଭବ ଜ୍ଞାନୀଙ୍କ ନିକଟରେ ଜୀବନ ଅତିବାହିତ କରିବା ଉଚିତ୍ ତାହା ହିଁ ସ୍ୱଇଚ୍ଛା, ଆଉ କୌଣସି ସ୍ୱଇଚ୍ଛା ଦରକାର ନାହିଁ। ରାତି-ଦିନ, ଯେଉଁଠି ରହୁଛ ନା କାହିଁକି ଦାଦାଙ୍କ ନିକଟରେ ରୁହ। ତାଙ୍କ (ଆତ୍ମଜ୍ଞାନୀଙ୍କ) ସାମିପ୍ୟରେ ରହିବା ଉଚିତ୍।

ଏଠାରେ 'ସତ୍‌ସଙ୍ଗ'ରେ ବସି ରହିଲେ କର୍ମର ବୋଝ କମିଯାଏ କିନ୍ତୁ ବାହାରେ କେବଳ କର୍ମର ବୋଝ ପ୍ରତିକ୍ଷଣ ବଢ଼ି ବଢ଼ି ଯାଏ। ସେଠି ସର୍ବଦା କେବଳ ସମସ୍ୟା ହିଁ ଅଛି। ମୁଁ ତୁମକୁ Guarantee ଦେଉଛି ଯେ ଯେତେ ସମୟ ଏଠାରେ ସତ୍‌ସଙ୍ଗରେ ବସିବ ସେତେ ସମୟ ପର୍ଯ୍ୟନ୍ତ ତୁମର ବ୍ୟବସାୟରେ ବା କାମଧନ୍ଦାରେ କୌଣସି କ୍ଷତି ହେବ ନାହିଁ । ଆଉ

ହିସାବ କରି ଦେଖିବ ଯେ ଲାଭ ହିଁ ହୋଇଛି । ଏହି ସତ୍‌ସଙ୍ଗ, ଏହା କ'ଣ କୌଣସି ସାଧାରଣ ସତ୍‌ସଙ୍ଗ ? କେବଳ ଆତ୍ମା ପାଇଁ ଯେଉଁ ସମୟ ବାହାର କରିବ ତାକୁ କେବେ ମଧ୍ୟ ସଂସାରରେ କିଛି କ୍ଷତି ହେବ ନାହିଁ । କେବଳ ଲାଭ ହିଁ ହେବ । କିନ୍ତୁ ଏହା ବୁଝିପାରିଲେ ତ, ଏହି ସତ୍‌ସଙ୍ଗରେ ଆସିବା ଏମିତି ବେକାର ଯିବ ନାହିଁ । ଏବେ ତ'ବହୁତ ସୁନ୍ଦର ସମୟ ଆସିଛି ! ଭଗବାନଙ୍କ ସମୟରେ ସତ୍‌ସଙ୍ଗକୁ ଯିବାକୁ ହେଲେ ପାଦରେ ଚାଲି ଚାଲି ଯିବାକୁ ପଡୁଥିଲା ! ଆଉ ଆଜି ବସ ବା ଟ୍ରେନରେ ବସି ଅତିଶୀଘ୍ର ସତ୍‌ସଙ୍ଗକୁ ଯାଇପାରୁଛ ! !

## ପ୍ରତ୍ୟକ୍ଷ ସତ୍‌ସଙ୍ଗ ତାହା ସର୍ବଶ୍ରେଷ୍ଠ

ଏଠାରେ ଯଦି କିଛି ନ କର ତଥାପି ଭିତରେ ପରିବର୍ତ୍ତନ ହେଉଥାଏ । କାରଣ ଏହା ସତ୍ ଅର୍ଥାତ୍ ଆତ୍ମାର ସଙ୍ଗ । ଏହି ସତ୍ ପ୍ରକଟ ହୋଇ ସାରିଛି ଓ ଆମେ ତାଙ୍କରି ସଙ୍ଗରେ ବସିଛୁ । ଏହାକୁ ଅନ୍ତିମ ପ୍ରକାରର ସତ୍‌ସଙ୍ଗ କୁହାଯାଏ ।

ସତ୍‌ସଙ୍ଗରେ ପଡ଼ି ରହିଲେ ଏସବୁ ଖାଲି ହୋଇଯିବ କାରଣ ସାଥିରେ ଆମକୁ (ଜ୍ଞାନୀଙ୍କୁ) ଦେଖିବାରେ Direcet (ସିଧାସଳଖ) ଶକ୍ତି ପ୍ରାପ୍ତ ହୋଇଥାଏ, ଏହା ଦ୍ୱାରା ଜାଗୃତି ସମ୍ପୂର୍ଣ୍ଣ ରୂପେ ବଢ଼ିଯାଏ । ତୁମକୁ ଏମିତି କିଛି ବାଟ କରିବା ପାଇଁ ପଡିବ ଯାହା ଦ୍ୱାରା ସତ୍‌ସଙ୍ଗରେ ରହିପାରିବ । ଏହି ସତ୍‌ସଙ୍ଗର ସାଥିରେ ରହିଲେ ସବୁ ସମସ୍ୟାର ସମାଧାନ ହୋଇଯିବ ।

କାର୍ଯ୍ୟ ହାସଲ ମାନେ କ'ଣ ? ଯେତେ ଅଧିକ ସମ୍ଭବ ଦର୍ଶନ କରିବା ଉଚିତ୍ । ଯେତେ ସମ୍ଭବ ସାମ୍‌ନା ସାମ୍‌ନି ଲାଭ ନିଅ, ପ୍ରତ୍ୟକ୍ଷ ସତ୍‌ସଙ୍ଗ ହୋଇ ନ ପାରିଲେ ଶେଷରେ ସେତିକି ଦୁଃଖୀ ହେବା ଉଚିତ୍ ! ଜ୍ଞାନୀପୁରୁଷଙ୍କ ଦର୍ଶନ କରିବ ଓ ତାଙ୍କ ପାଖରେ ସତ୍‌ସଙ୍ଗରେ ବସି ରହିବ ।

## ୧୪. ଦାଦାଙ୍କ ପୁସ୍ତକ ତଥା MAGAZINE (ପତ୍ରିକା)ର ମହତ୍ତ୍ୱ ଆପ୍ତବାଣୀ, କିପରି କ୍ରିୟାକାରୀ !

ଏହା 'ଜ୍ଞାନୀ ପୁରୁଷ'ଙ୍କ ବାଣୀ ଅଟେ ଆଉ ସତେଜ ମଧ୍ୟ। ଏହା ବର୍ତ୍ତମାନର ପର୍ଯ୍ୟାୟ, ଏଣୁ ଏହାକୁ ପଢ଼ିବା ମାତ୍ରେ ହିଁ ନିଜର ସମସ୍ତ ପର୍ଯ୍ୟାୟ ବଦଳି ଯାଏ, ଆଉ ଠିକ୍ ସେହି ଅନୁସାରେ ଆନନ୍ଦ ଉତ୍ପନ୍ନ ହେବାକୁ ଲାଗେ। କାରଣ ଏହା ବୀତରାଗ ବାଣୀ ଅଟେ। ରାଗ-ଦ୍ୱେଷ ରହିତ ବାଣୀ ହେଲେ ହିଁ କାମରେ ଆସେ ଅନ୍ୟଥା କୌଣସି କାମରେ ଲାଗେ ନାହିଁ। ଭଗବାନଙ୍କ ବାଣୀ ବୀତରାଗ ଥିଲା, ଏଥିପାଇଁ ତାହାର ପ୍ରଭାବ ଏବେ ସୁଦ୍ଧା ଚାଲୁଛି। ଏଣୁ 'ଜ୍ଞାନୀପୁରୁଷ'ଙ୍କ ବାଣୀର ମଧ୍ୟ ପ୍ରଭାବ ପଡ଼େ। ବୀତରାଗ ବାଣୀ ବ୍ୟତୀତ ଅନ୍ୟ ଉପାୟ ନାହିଁ।

### ଯଦି ପ୍ରତ୍ୟକ୍ଷ ପରିଚୟ ନ ମିଳେ

**ପ୍ରଶ୍ନକର୍ତ୍ତା :** ଦାଦା ପରିଚୟରେ ଯଦି ନ ରହି ପାରୁ ତେବେ ପୁସ୍ତକ କେତେ ସହାୟତା କରେ ?

**ଦାଦାଶ୍ରୀ :** ସବୁକିଛି ସହାୟତା କରେ। ଏପରିକି, ଦାଦାଙ୍କ ପ୍ରତ୍ୟେକ ଜିନିଷ ତାଙ୍କର ପ୍ରତ୍ୟେକ ଶବ୍ଦ (ପୁସ୍ତକର), ଦାଦାଙ୍କର ସବୁ ସାଧନ, ଅର୍ଥାତ୍ ସବୁକିଛି Help (ସାହାଯ୍ୟ କରେ)।

**ପ୍ରଶ୍ନକର୍ତ୍ତା :** କିନ୍ତୁ ସାକ୍ଷାତ ପରିଚୟ ଆଉ ଏଥିରେ ପ୍ରଭେଦ ରହିବ ନା ?

**ଦାଦାଶ୍ରୀ :** ଯଦି ପ୍ରଭେଦ ଦେଖିବା ପାଇଁ ଯିବ ତେବେ ସବୁଥିରେ ପ୍ରଭେଦ ଅଛି। ଏଣୁ ତୁମକୁ ଯେଉଁ ସମୟରେ ଯେଉଁ ସାଧନ ମିଳିବ, ସେଥିରେ କାମ ଉପଯୋଗ କରାଇନେବାକୁ ପଡ଼ିବ। 'ଦାଦା' ନ ଥିଲେ କ'ଣ କରିବ ? ଦାଦାଙ୍କର ପୁସ୍ତକଗୁଡ଼ିକୁ ପଢ଼ିବାକୁ ହେବ। ପୁସ୍ତକରେ ଦାଦା ହିଁ ଅଛନ୍ତି ନା ? ଅନ୍ୟଥା ଆଖି ବନ୍ଦ କରିବା ମାତ୍ରେ ଦାଦାଜୀ ହିଁ ଦେଖା ଯିବେ।

## ୧୫. ପାଞ୍ଚଆଜ୍ଞା ଦ୍ୱାରା ଜଗତ ନିର୍ଦ୍ଦୋଷ

'ସ୍ୱରୂପଜ୍ଞାନ' ବିନା ତ ଭୁଲ୍ ଦେଖା ଯାଏ ନାହିଁ। କାରଣ 'ମୁଁ ହିଁ ଚନ୍ଦୁଭାଇ ଆଉ ମୋଠାରେ କୌଣସି ଦୋଷ ନାହିଁ, ମୁଁ ଚାଲାକ୍ ଓ ବୁଦ୍ଧିମାନ ଅଟେ' ଏହା ନିରନ୍ତର ଥାଏ ଓ 'ସ୍ୱରୂପଜ୍ଞାନ ପ୍ରାପ୍ତି ପରେ ତୁମେ ନିଷ୍ପକ୍ଷପାତୀ ହେଲ, ମନ-ବଚନ-କାୟା ଉପରେ ତୁମର ପକ୍ଷପାତ ରହିଲା ନାହିଁ। ଏଣୁ ନିଜର ଭୁଲଗୁଡ଼ିକ ନିଜକୁ ଦେଖାଯାଏ।

ଯାହାକୁ ନିଜର ଭୁଲ୍ ଗୁଡ଼ିକ ଜଣା ପଡ଼ିଯାଏ, ଯାହାକୁ ପ୍ରତିକ୍ଷଣ ନିଜର ଭୁଲ୍ ଦେଖାଯାଏ, ଯେଉଁ ଠାରେ ଦୋଷ ଥାଏ ସେଠାରେ ଭୁଲ୍ ଦେଖାଯାଏ ଓ ଯେଉଁଠି ନଥାଏ ସେଠି ଦେଖାଯାଏ ନାହିଁ, ସେ ନିଜେ 'ପରମାତ୍ମା' ସ୍ୱରୂପ ହୋଇଯାଏ। 'ମୁଁ ଚନ୍ଦୁଭାଇ ନୁହେଁ, ମୁଁ ଶୁଦ୍ଧାତ୍ମା ଅଟେ' ଏହା ବୁଝିପାରିଲେ ହିଁ ନିଷ୍ପକ୍ଷପାତି ହୋଇପାରିବ। କାହାର ଟିକିଏ ମଧ୍ୟ ଦୋଷ ଦେଖାଯାଏ ନାହିଁ ଏବଂ ନିଜର ସବୁଦୋଷ ଦେଖାଯାଏ, ତେବେ ଯାଇ ନିଜର କାମ ପୁରା ହେଲା ବୋଲି ଜାଣ। ଯେବେ ନିଜର ଦୋଷ ଦେଖିବା ଆରମ୍ଭ ହୁଏ, ସେହି ଦିନଠାରୁ ମୋ ଦ୍ୱାରା ଦିଆ ଯାଇଥିବା 'ଜ୍ଞାନ' ଫଳୀଭୂତ ହେବା ଆରମ୍ଭ ହୋଇଯାଏ। ଯେତେବେଳ ନିଜର ଦୋଷ ଦେଖାଯାଏ, ସେତେବେଳେ ଅନ୍ୟର ଦୋଷ ଦେଖାଯାଏ ନାହିଁ। ଅନ୍ୟର ଦୋଷ ଦେଖିବା ତ ବହୁତ ବଡ଼ ଅପରାଧ କୁହାଯାଏ।

ଏହି ନିର୍ଦ୍ଦୋଷ ଜଗତରେ ଯେଉଁଠି କେହି ଦୋଷୀ ନୁହେଁ, ସେଠାରେ କାହାକୁ ଦୋଷ ଦେବା ? ଯେ ପର୍ଯ୍ୟନ୍ତ ଦୋଷ ଅଛି, ସେ ପର୍ଯ୍ୟନ୍ତ ସବୁ ଦୋଷ ବାହାରିବ ନାହିଁ, ଏବଂ ଅହଂକାର ମଧ୍ୟ ନିର୍ମୂଳ ହେବ ନାହିଁ। ଯେ ପର୍ଯ୍ୟନ୍ତ ଅହଂକାର ନିର୍ମୂଳ ହେବ ନାହିଁ, ସେ ପର୍ଯ୍ୟନ୍ତ ଦୋଷ ଧୋଇବାକୁ ହେବ।

ଏବେ ମଧ୍ୟ ଯଦି କେହି ଦୋଷିତ ଦେଖାଯାଏ ତା'ହେଲେ ତାହା ନିଜର ଭୁଲ୍। କେବେ ନା କେବେ ତ ନିର୍ଦ୍ଦୋଷ ଦେଖିବାକୁ ହେବ? ଏଗୁଡ଼ିକ ସବୁ ଆମର ହିଁ ହିସାବ ଅଟେ। ଏତିକି ବୁଝିଗଲେ ବି ବହୁତ କାମ ହୋଇଯିବ।

## ଆଜ୍ଞାପାଳନ କଲେ ନିର୍ଦ୍ଦୋଷ ଦୃଷ୍ଟି ବଢ଼ିଥାଏ

ମୋତେ ଜଗତ ନିର୍ଦୋଷ ଦେଖାଯାଏ। ତୁମର ମଧ୍ୟ ଏହି ଦୃଷ୍ଟି ଆସିବ; ତେବେ ଯାଇ ଏହି Puzzle (ସମସ୍ୟା)ର ସମାଧାନ ହେବ। ମୁଁ ତୁମକୁ ଏପରି ପ୍ରକାଶ ଦେବି ଏବଂ ଏତେ ପାପ ଧୋଇ ଦେବି ଯାହା ଦ୍ୱାରା ତୁମର ପ୍ରକାଶ ରହିବ ଓ ତୁମକୁ ନିର୍ଦୋଷ ଦେଖାଯିବ। ଏହା ସହିତ ପାଞ୍ଚଟି ଆଜ୍ଞା ଦେବି। ସେହି ପାଞ୍ଚଟି ଆଜ୍ଞାରେ ରହିଲେ ଦିଆ ଯାଇଥିବା ଜ୍ଞାନ ତାହା ତିଳେମାତ୍ର ମଧ୍ୟ ନଷ୍ଟ ହେବ ନାହିଁ।

## ସେହି ଦିନ ଠାରୁ ହେଲା ସମକିତ

ନିଜର ଦୋଷ ଦେଖାଗଲେ, ସେହି ଦିନଠାରୁ ସମ୍‌କିତ ହେଲା ବୋଲି କୁହାଯାଏ। ନିଜର ଦୋଷ ଦେଖାଗଲେ ତେବେ ଠାରୁ ଜାଣିବ ଯେ ସ୍ୱୟଂ ଜାଗୃତ ହୋଇଛି। ତା' ନହେଲେ ସବୁକିଛି ନିଦରେ ଚାଲିଛି। ଦୋଷ ଶେଷ ହୋଇଛି କି ନା ସେ ବିଷୟରେ ଅନେକ ଚିନ୍ତା କରିବା ଦରକାର ନାହିଁ କିନ୍ତୁ ମୁଖ୍ୟ ଆବଶ୍ୟକତା ହେଉଛି ଜାଗୃତି। ଜାଗୃତି ହେବା ପରେ ନୂଆ ଦୋଷ ଆରମ୍ଭ ହୁଏ ନାହିଁ ଆଉ ଯାହା ପୁରୁଣା ଦୋଷଗୁଡ଼ିକ ଅଛି ତାହା ସବୁ ବାହାରିଥାଏ। ତୁମକୁ ସେହି ଦୋଷଗୁଡ଼ିକୁ ଦେଖିବାକୁ ହେବ ଯେ ତାହା କିପରି ଦୋଷ ହେଉଛି।

## ଯେତେ ଦୋଷ, ସେତେ ପ୍ରତିକ୍ରମଣ ଦରକାର

ତୁମେ ଅନନ୍ତ ଦୋଷର ଭାଗୀଦାରୀ ଅର୍ଥାତ୍ ସେତିକି ପ୍ରତିକ୍ରମଣ କରିବାକୁ ପଡ଼ିବ। ଯେତେ ଦୋଷ ନେଇ ଆସିଛ ତାହା ତୁମକୁ ଦେଖାଯିବ। ଜ୍ଞାନୀପୁରୁଷ ଜ୍ଞାନ ଦେବା ପରେ ଦୋଷ ଦେଖାଯାଏ ଅନ୍ୟଥା ନିଜର ଦୋଷ ଦେଖାଯାଏ ନାହିଁ, ଏହାର ନାମ ହିଁ ଅଜ୍ଞାନତା। ନିଜର ଗୋଟିଏ ବି ଦୋଷ ଦେଖାଯାଏ ନାହିଁ ଏବଂ ଆଉ କାହାର ଦେଖିବାର ଅଛି ତ ବହୁତ ଗୁଡ଼ିଏ ଦେଖାଯାଏ, ଏହାର ନାମ ମିଥ୍ୟାତ୍ୱ।

## ଦୃଷ୍ଟି ନିଜର ଦୋଷଗୁଡ଼ିକ ପ୍ରତି

ଏହି ଜ୍ଞାନ ନେବା ପରେ ଭିତରେ ଖରାପ ବିଚାର ଆସିଲେ, ସେଗୁଡ଼ିକୁ ଦେଖ ଆଉ ଭଲ ବିଚାର ଆସିଲେ ମଧ୍ୟ ସେଗୁଡ଼ିକୁ ଦେଖ। ଭଲ ପ୍ରତି ରାଗ କିମ୍ବା ଖରାପ ପ୍ରତି ଦ୍ୱେଷ ନ ହେବା ଉଚିତ୍। ଭଲ-ଖରାପ ଦେଖିବା ଆମର ଦରକାର ନାହିଁ। କାରଣ ମୂଳତଃ ସତ୍ତା ହିଁ ନିଜ ଅଧୀନରେ ନାହିଁ। ତେଣୁ ଜ୍ଞାନୀ କ'ଣ ଦେଖନ୍ତି ? ସମସ୍ତ ଜଗତକୁ ନିର୍ଦ୍ଦୋଷ ଦେଖନ୍ତି। ଏଣୁ ଏଗୁଡ଼ିକ ସବୁ 'Discharge' ଅଟେ। ଏଥିରେ ବିଚରା ସେମାନଙ୍କର କ'ଣ ଦୋଷ ? ତୁମକୁ କେହି ଗାଳି ଦେଲେ ତାହା Discharge। Boss (ଉପର ଅଧିକାରୀ) ତୁମକୁ ସମସ୍ୟାରେ ପକାଇବା ମଧ୍ୟ Discharge ଅଟେ। 'Boss' ତ କେବଳ ନିମିତ୍ତ ମାତ୍ର। ଜଗତରେ କାହାରି ଦୋଷ ନାହିଁ। ଯେଉଁ ଦୋଷ ଦେଖାଯାଉଛି ତାହା ନିଜର ହିଁ ଭୁଲ୍ ଅଟେ, ଆଉ ତାହା ହିଁ 'Blunders' (ଗୁରୁତର ଭୁଲ୍) ଅଟେ ଏବଂ ଏହା ଦ୍ୱାରା ଏହି ଜଗତ ସ୍ଥିତ। ଦୋଷ ଦେଖିଲେ ହିଁ, ଓଲଟା ଦେଖିଲେ ହିଁ ଶତ୍ରୁତା ବଢ଼ିଥାଏ।

❖❖❖

# ADJUST EVERYWHERE
## ଗୋଟିଏ ଶବ୍ଦକୁ ହଜମ କର

'Adjust Everywhere' ଏହି ଗୋଟିଏ ଶବ୍ଦକୁ ଯଦି ତୁମେ ନିଜ ଜୀବନରେ ପାଳନ କରିପାରିବ ତା'ହେଲେ ବହୁତ ହୋଇଗଲା । ତୁମକୁ ଆପେ ଆପେ ଶାନ୍ତି ପ୍ରାପ୍ତ ହେବ । ଏହି କଳିଯୁଗର ଏପରି ଭୟଙ୍କର କାଳରେ ଯଦି Adjust ନ ହେବ, ତା'ହେଲେ ତୁମେ ବିନାଶ ହୋଇଯିବ ।

ସଂସାରରେ ଆଉ କିଛି ନଆସିଲେ ମଧ୍ୟ ଚଳିବ କିନ୍ତୁ Adjust ହେବାକୁ ଆସୁଥିବା ଦରକାର । ସମ୍ମୁଖ ବ୍ୟକ୍ତି 'Disadjust' ହେଲେ ହେଉଥାଉ, କିନ୍ତୁ ତୁମେ ଯଦି Adjust ହୋଇଯାଉଥିବ ତେବେ ସଂସାର-ସାଗର ପାରି ହୋଇଯିବ । ଯିଏ ଅନ୍ୟ ମାନଙ୍କଠାରେ ଅନୁକୂଳ ହୋଇପାରୁଥିବ, ତାହାର ଆଉ କୌଣସି ଦୁଃଖ ରହିବ ନାହିଁ । 'Adjust Everywhere' ! ପ୍ରତ୍ୟେକଙ୍କ ସହିତ Adjustment ହୋଇଯିବା ହିଁ ସବୁଠାରୁ ବଡ଼ ଧର୍ମ । ଏହି ଯୁଗରେ ତ ଅଲଗା ଅଲଗା ପ୍ରକୃତି ଅଛି, ଏଣୁ Adjust ନହୋଇ କେମିତି ଚଳିବ ?

Ice-cream ତୁମକୁ ତା' ନିଜଠାରୁ ଦୂରରେ ରହିବାକୁ କୁହେ ନାହିଁ । ତୁମକୁ ଯଦି ଖାଇବାର ନାହିଁ ତେବେ ନ ଖାଅ । କିନ୍ତୁ ବୟସ୍କ ଲୋକମାନେ ସର୍ବଦା ତା'ଉପରେ ବିରକ୍ତ ହୁଅନ୍ତି । ଏହି ମତଭେଦ ତ ଯୁଗ ପରିବର୍ତ୍ତନ ପାଇଁ ହେଉଛି । ଏହି ପିଲାମାନେ ତ ସମୟାନୁସାରେ ଚାଲିବେ ।

ମୁଁ କ'ଣ କହୁଛି କି ସମାଜ ସାଥିରେ Adjust ହୋଇଯାଅ । ଯଦି ପିଲାଟି ନୂଆ ଟୋପିଟିଏ ପିନ୍ଧି ଆସିଥାଏ, ତେବେ ଏମିତି କୁହନାହିଁ ଯେ 'ଏପରି ଟୋପି କେଉଁଠୁ ନେଇଆସିଲୁ ?' ବରଂ Adjust ହୋଇଯାଇ କୁହ ଯେ 'ଏତେ ଭଲ ଟୋପି କେଉଁଠୁ ଆଣିଲୁ ? କେତେ ଟଙ୍କା ଦେଇ ଆଣିଲୁ ? ବହୁତ ଶସ୍ତାରେ ପାଇଛୁ ?' ଏହିପରି Adjust ହୋଇଯାଅ ।

ନିଜ ଧର୍ମ କଣ କହୁଛି କି ଅସୁବିଧାରେ ବି ସୁବିଧା ଦେଖ। ରାତିରେ ମୋ ମନରେ ବିଚାର ଆସିଲା କି, 'ଏହି ଚାଦରଟି ମଇଳା ହୋଇଯାଇଛି'। କିନ୍ତୁ Adjustment ହୋଇଯିବାରୁ ଏତେ ନରମ ଅନୁଭବ ହେଲା ଯେ, ଆଉ ସେ କଥା ପଚାର ନାହିଁ। ପଞ୍ଚ ଇନ୍ଦ୍ରିୟ ଜ୍ଞାନ ଅସୁବିଧା ଦେଖାଏ ଏବଂ ଆତ୍ମ ଜ୍ଞାନ ସୁବିଧା ଦେଖାଏ। ଏଣୁ ଆତ୍ମାରେ ରୁହ।

ଯଦି ଆମେ ଅନ୍ୟକୁ ଭଲ ବା ଖରାପ କହିବା ତେବେ ସିଏ ଆମକୁ କଷ୍ଟ ଦେବ। ଆମକୁ ତ ଦୁହିଁଙ୍କୁ ସମାନ କରିଦେବାକୁ ପଡ଼ିବ। ଜଣକୁ 'ଭଲ' କହିବା ଅର୍ଥାତ୍ ଅନ୍ୟ ଜଣକ 'ଖରାପ' ହେଲା। ଏଣୁ ସିଏ ଆମକୁ କଷ୍ଟ ଦେବ। କେହି ସତ କହୁ ବା ମିଛ କହୁ ତା' ସହିତ Adjust ହୋଇଯାଅ। ଯଦି ଆମକୁ କେହି କହେ ଯେ 'ତୁମର ବୁଦ୍ଧି ନାହିଁ'। ତେବେ ଆମେ ସଙ୍ଗେ ସଙ୍ଗେ ତା' ସହିତ Adjust ହୋଇଯିବା ଏବଂ କହିବା ଯେ 'ତାହା ତ ଆଗରୁ ନଥିଲା'। ଆଜି ତୁ ଖୋଜୁଛୁ ? ତତେ ତ ଆଜି ଜଣାପଡ଼ିଲା, ମାତ୍ର ମୁଁ ତ ପିଲା ଦିନରୁ ହିଁ ଜାଣିଛି। ଯଦି ଏପରି କହିବା ତେବେ ସମସ୍ୟାର ସମାଧାନ ହୋଇଯିବ। ଆଉ ସିଏ ଆମଠାରେ ବୁଦ୍ଧି ଖୋଜିବ ହିଁ ନାହିଁ।

## ସ୍ତ୍ରୀ ସହିତ ADJUSTMENT

ଆମର କୌଣସି କାରଣବଶତଃ ଡ଼େରି ହୋଇଗଲା, ଆଉ ସ୍ତ୍ରୀ କିଛି ଇଆଡୁ ସିଆଡୁ କହିବାକୁ ଲାଗିଲେ, 'ଏତେ ଡ଼େରିରେ ଆସୁଛ ? ଏପରି ଚଳିବ ନାହିଁ ? ଏବଂ ତା'ର ମୁଣ୍ଡ ଖରାପ ହୋଇଯାଏ, ତେବେ ତୁମେ କହିବ ଯେ 'ହଁ ତ କଥା ସତ, ତୁ ଯଦି କହିବୁ ଫେରିଯିବି, ଆଉ ଯଦି କହିବୁ ଭିତରେ ଆସି ବସିବି।' ଏହା ଶୁଣି ସିଏ କହିବ : 'ନା, ଫେରିଯାଅନି। ଏଇଠି ଚୁପ୍ ଚାପ୍ ଶୋଇପଡ଼'। କିନ୍ତୁ ପୁଣି ପଚାରିବ, ତୁ କହିଲେ ଖାଇବି ନଚେତ୍ ଶୋଇପଡ଼ିବି।' ଏହା ଶୁଣି ସିଏ କହିବ – ନା' ଖାଇନିଅ। ତେବେ ତୁମକୁ ତା' କଥା ମାନି ଖାଇ ନେବା ଉଚିତ୍। ଅର୍ଥାତ୍ Adjust ହୋଇଗଲ। ପୁଣି ସକାଳେ ବଢ଼ିଆ ଚାହା ଦେବ ଏବଂ ଯଦି

ଧମକ ଦେବ ତେବେ ଚାହା କପ୍ ମୁହଁକୁ ଫୁଲାଇ ଦେବ ଆଉ ଏହିପରି ତିନି ଦିନ ପର୍ଯ୍ୟନ୍ତ ଚାଲିବ।

## ଭୋଜନରେ ADJUSTMENT

ଆଦର୍ଶ ବ୍ୟବହାର କାହାକୁ କୁହାଯିବ, ଯିଏ 'Adjust'ହେଲା। ଏବେ Devlopment (ଉନ୍ନତି)ର ସମୟ ଆସିଛି। ମତଭେଦ ହେବାକୁ ଦେବ ନାହିଁ। ଏଣୁ ଏବେ ମୁଁ ଲୋକଙ୍କୁ 'Adjust Everywhere' ର ସୂତ୍ର ଦେଇଛି। ଦହିକଡ଼ୀ (ତରକାରୀ) ଯଦି ଲୁଣିଆ ହୋଇଥିବ; ତେବେ ବୁଝି ଯିବ ଯେ ଦାଦାଜୀ Adjustment ହେବା ପାଇଁ କହିଛନ୍ତି। ଅଳ୍ପଟିକିଏ ଦହିକଡ଼ି ଖାଇବ। ହଁ, ଆଚାର କଥା ମନେ ପଡ଼ିଲେ, ଅଳ୍ପ ଆଚାର ମାଗିନେବ। କିନ୍ତୁ ଝଗଡ଼ା କରିବ ନାହିଁ। ଘରେ ଝଗଡ଼ା ହେବାକଥା ନୁହେଁ। ଯଦି କୌଣସି ଜାଗାରେ ନିଜେ ଫସି ଯାଇଛ ନିଜେ Adjustment କରିନେବ, ତେବେ ଯାଇ ସଂସାର ସୁନ୍ଦର ଲାଗିବ।

## ପସନ୍ଦ ନ ଆସିଲେ ମଧ୍ୟ ପାଳନ କର

ତୁମ ସହିତ ଯିଏ Disadjustment ହେବା ପାଇଁ ଆସିଲେ ମଧ୍ୟ ତା' ସହିତ ତୁମେ Adjustment ହୋଇଯାଅ। ଦୈନିକ ଜୀବନରେ ଯଦି ଶାଶୁ-ବୋହୂଙ୍କ ଭିତରେ ଅବା ଯାଆ ମାନଙ୍କ ଭିତରେ Disadjustment ହେଉଥାଏ ତେବେ, ଯାହାକୁ ଏହି ସଂସାର ଚକ୍ରରୁ ମୁକୁଳିବାର ଅଛି, ତାକୁ Adjustment ହୋଇଯିବା ଦରକାର। ପତି-ପତ୍ନୀଙ୍କ ମଧ୍ୟରୁ ଯଦି କେହି ଜଣେ ଫାଟ ସୃଷ୍ଟି କରେ, ତେବେ ଅନ୍ୟ ଜଣଙ୍କ ଯୋଡ଼ି ନେବା ଉଚିତ୍। ତେବେ ଯାଇ ସମ୍ବନ୍ଧ ଠିକ୍ ରହିବ ଓ ଶାନ୍ତି ରହିବ। ଏହି Relative (ଆପେକ୍ଷିକ) ସତ୍ୟରେ ଆଗ୍ରହ, ଜିଦ୍ କରିବା ଆଦୌ ଦରକାର ନାହିଁ। 'ମନୁଷ୍ୟ' ତାକୁ ହିଁ କୁହାଯାଏ ଯିଏ Everywhere adjustable ହେବ।

## ସୁଧାର ଅଥବା ADJUST ହୋଇଯାଅ

ପ୍ରତ୍ୟେକ କଥାରେ ଆମେ ଅନ୍ୟମାନଙ୍କ ସହିତ Adjust ହୋଇଗଲେ କେତେ ସରଳ ନହେବ ! ଆମେ ସାଥିରେ କ'ଣ ନେଇଯିବୁ ? କେହି କହେ, 'ଭାଇ, ସ୍ତ୍ରୀକୁ ସିଧା କରିଦିଅ', 'ଆରେ ତାକୁ ଯଦି ସିଧା କରିବାକୁ ଯିବ ତେବେ ତୁମେ ବଙ୍କା ହୋଇଯିବ'। ଏଣୁ ସ୍ତ୍ରୀକୁ ସୀଧା କରିବାକୁ ଚେଷ୍ଟା କର ନାହିଁ, ଯେପରି ମଧ୍ୟ ହେଉ ନା କାହିଁକି ତାକୁ Perfect (ସଠିକ୍) କହିବ। ଯଦି ତୁମର ତା' ସହିତ ଚିରଦିନ ପାଇଁ ରହିବ ତେବେ ଅଲଗା କଥା, କିନ୍ତୁ ଏଠି ଗୋଟିଏ ଜନ୍ମ ପରେ ଜଣା ନାହିଁ ଆମେ କୁଆଡ଼େ ହଜି ଯିବା। ଦୁହିଁଙ୍କ ମୃତ୍ୟୁକାଳ ଅଲଗା, ଦୁହିଁଙ୍କ କର୍ମ ଅଲଗା। କିଛି ଦିଆ-ନିଆ ନାହିଁ। ଏଠାରୁ ସେ କେଉଁଠିକୁ ଯିବ ତାହାର କ'ଣ ଠିକଣା ? ତୁମେ ତାକୁ ସିଧା କରିବ ପରବର୍ତ୍ତୀ ଜନ୍ମରେ ସିଏ ଜଣା ନାହିଁ ଆଉ କାହା ଭାଗରେ ପଡ଼ିବ।

ଏଣୁ ନା ତୁମେ ତାକୁ ସିଧା କରିବ ନା ସିଏ ତୁମକୁ ସିଧା କରିବ। ଯାହାବି ମିଳିଲା ତାହାହିଁ ସୁନା ପରି। ପ୍ରକୃତି କେବେ ମଧ୍ୟ କାହାର ସିଧା ହୋଇପାରିବନି। କୁକୁର ଲାଙ୍ଗୁଡ଼ ସର୍ବଦା ବଙ୍କା ରହିବ। ଏଣୁ ତୁମେ ସାବଧାନ ହୋଇ ଚାଲ। ଯେମିତି ଅଛି ସେମିତି ଠିକ୍ ଅଛି, Aadjust everywhere।

## ଟେଢ଼ାଙ୍କ ସହିତ ADJUST ହୋଇଯାଅ

ବ୍ୟବହାର ତାକୁ ହିଁ କୁହାଯାଏ ଯାହାକି Adjust ହୋଇଯିବ ଆଉ ପଡ଼ୋଶୀ କହିବେ ଯେ 'ସମସ୍ତଙ୍କ ଘରେ ଝଗଡ଼ା ହେଉଛି, କିନ୍ତୁ ଏହି ଘରେ ଝଗଡ଼ା ହୁଏ ନାହିଁ।' ଯାହା ସହିତ ତାଳମେଳ ଖାଏ ନାହିଁ, ସେଠାରେ ହିଁ ଶକ୍ତି ବିକଶିତ କରିବାକୁ ହେବ। ଅନୁକୂଳ ଥିଲେ ତ ଶକ୍ତି ଅଛି। ପ୍ରତିକୂଳ ଲାଗିବା ହିଁ ଦୁର୍ବଳତା ଅଟେ। ମୋର ସମସ୍ତଙ୍କ ସହିତ ଅନୁକୂଳତା କାହିଁକି ରୁହେ ? ଯେତେ Adjustment ହେବ, ସେତେ ଶକ୍ତି ବଢ଼ିବ ଏବଂ

ଅଶକ୍ତିଗୁଡ଼ିକ ନଷ୍ଟ ହୋଇଯିବ । ଉଚିତ୍ ବିଚାର ସେତେବେଳେ ଆସିବ ଯେତେବେଳେ ସମସ୍ତ ପ୍ରତିକୂଳ ବିଚାରରେ ତାଲା ଲାଗିଯିବ ।

ନରମ ସ୍ୱଭାବର ବ୍ୟକ୍ତିଙ୍କ ସହିତ କେହି ମଧ୍ୟ Adjust କରିନେବ କିନ୍ତୁ ଟେଢ଼ା, କଠୋର, ଗରମ ସ୍ୱଭାବ ଲୋକଙ୍କ ସହିତ Adjust ହୋଇପାରିଲେ ହିଁ ସବୁ କାମ ସଫଳ ହେବ । ରାଗିଗଲେ ଚଳିବ ନାହିଁ । ସଂସାରର କୌଣସି ଜିନିଷ ଆମକୁ 'ଫିଟ୍' ହେବ ନାହିଁ, ଆମେ ତା ସହିତ 'ଫିଟ୍' ହୋଇଗଲେ ଦୁନିଆ ସୁନ୍ଦର ଆଉ ତାକୁ 'ଫିଟ୍' କରିବାକୁ ଗଲେ ଦୁନିଆ, ଟେଢ଼ା । ଏଣୁ Adjust everywhere ।

ତୁମର ଦରକାର ଅଛି ତଥାପି ଯଦି ଆଗରେ ଥିବା ବ୍ୟକ୍ତି ଟେଢ଼ା ଅଟେ, ତା'ହେଲେ ତାକୁ ମନେଇନେବା ଉଚିତ୍ । ଷ୍ଟେସନ୍‌ରେ କୁଲି ଦରକାର, ଯଦି ସିଏ ଯୁକ୍ତିତର୍କ କରେ ତଥାପି ତାକୁ ଚାରି ଅଣା ଅଧିକ ଦେଇ ମନେଇ ନେବା ଉଚିତ୍ । ଯଦି ନ କରିବ ତା'ହେଲେ ତୁମକୁ ନିଜେ ବ୍ୟାଗ ବୋହିବାକୁ ପଡ଼ିବ ।

## ଅଭିଯୋଗ ? ନା' ADJUST

ଘରେ ମଧ୍ୟ 'Adjust' ହେବା ଦରକାର । ତୁମେ ଯଦି ସତ୍‌ସଙ୍ଗରୁ ଘରକୁ ଡେ଼ରିଲେ ଫେରିବ ତା'ହେଲେ ଘରେ କ'ଣ କହିବେ ? କିଛିଟା ତ ସମୟର ଧ୍ୟାନ ରଖିବା ଉଚିତ୍ । ଯଦି ଆମେ ଟିକିଏ ଜଲଦି ଘରେ ପହଞ୍ଚି ଯିବା ତା'ହେଲେ ଏଥିରେ କ୍ଷତି କ'ଣ । ଏବେ ତାକୁ ଏପରି ମାଡ଼ ଖାଇବାର ସମୟ କାହିଁକି ଆସିଲା ? କାରଣ ଆଗରୁ ଅନେକ ଅଭିଯୋଗ କରିଥିଲା । ଏହା ତାହାର ପରିଣାମ ସ୍ୱରୂପ । ସେତେବେଳେ ପଦବୀରେ ଥିଲା, ଅଭିଯୋଗ ହିଁ, ଅଭିଯୋଗ କରିଥିଲା । ଏବେ ପଦବୀରେ ନାହିଁ, ତେଣୁ ଅଭିଯୋଗ ବିନା ରହିବା ଉଚିତ୍ । ଏଣୁ ଏବେ 'ପ୍ଲସ-ମାଇନାସ୍' କରିଦିଅ । ଯଦି କେହି ଗାଳି ଦେଲା, ତାକୁ ଜମା କରିନିଅ । ଉତ୍ତେଜିତ ହେବାର ହିଁ ନାହିଁ ।

ଘରେ ସ୍ୱାମୀ–ସ୍ତ୍ରୀ ଦୁହେଁ ନିଶ୍ଚିତ କରିନିଅ ଯେ ମୋତେ 'Aadjust' ହେବାକୁ ଅଛି, ତେବେ ଦୁହିଁଙ୍କ ସମସ୍ୟାର ସମାଧାନ ହୋଇଯିବ। ଯଦି ସିଏ ଅଧିକ କିଛି କହେ, ତା'ହେଲେ ଆମେ 'Adjust' ହୋଇଯିବା । ତେବେ ସମାଧାନ ଆପେ ଆପେ ହୋଇଯିବ। ଯଦି 'Adjust everyuwhere' ନ ହେବ ତେବେ ସବୁ ପାଗଳ ହୋଇଯିବ। ଅନ୍ୟକୁ ଚିଡ଼ଉଥିବାରୁ ପାଗଳ ହୋଇଅଛୁ।

ଯାହାକୁ 'Adjust' ହେବାର କଳା ଆସିଯାଏ, ସିଏ ଦୁନିଆରୁ 'ମୋକ୍ଷ' ଆଡ଼କୁ ଗତି କରେ। 'Adjustment' ହେବାର ନାମ ହିଁ ଜ୍ଞାନ । ଯିଏ, Adjustment ହେବା ଶିଖିଗଲା ସିଏ ପାରି ହୋଇଗଲା।

କିଛି ଲୋକଙ୍କୁ ରାତିରେ ଡ଼େରିରେ ଶୋଇବାର ଅଭ୍ୟାସ ଥାଏ, ଆଉ କିଛି ଲୋକଙ୍କର ଶୀଘ୍ର ଶୋଇବାର ଅଭ୍ୟାସ ଥାଏ, ତେବେ ସେହି ଦୁଇଜଣଙ୍କ ମଧ୍ୟରେ ତାଳମେଳ କିପରି ରହିବ ? ଆଉ ଯଦି ପରିବାରରେ ସମସ୍ତ ସାଥିରେ ରହୁଥିବେ ତା'ହେଲେ କ'ଣ ହେବ ? ଯଦି ଘରେ ଜଣେ ବ୍ୟକ୍ତି ଏପରି କୁହେ ଯେ 'ତୁମେ କମ୍ ବୁଦ୍ଧିମାନ୍', ତେବେ ତୁମକୁ ଭାବିନେବା ଉଚିତ ଯେ ସେ ଏପରି କହିବାର ଥିଲା। ତୁମକୁ Adjust କରିବା ଉଚିତ୍। ଯଦି ତୁମେ ଉତ୍ତର ଦେବ ତା'ହେଲେ ଥକି ଯିବ। କାରଣ ସିଏ ତ ତୁମ ସହିତ ଧକ୍କା କରିବ ଆଉ ତୁମେ ବି ତା ସହିତ ଧକ୍କା ଲାଗିଲେ, ଏହା ଦ୍ୱାରା ପ୍ରମାଣିତ ହେବ ଯେ ତୁମର ମଧ୍ୟ ଆଖି ନାହିଁ ।

ମୁଁ ପ୍ରକୃତିକୁ ଚିହ୍ନିଛି, ଏଣୁ ତୁମେ ଧକ୍କା ଲାଗିବା ପାଇଁ ଚାହିଁଲେ ମଧ୍ୟ ମୁଁ ଧକ୍କା ଲାଗିବା ପାଇଁ ଦେବି ନାହିଁ, ମୁଁ ଖସି ପଳାଇବି। ନଚେତ୍ ଦୁହିଁଙ୍କର Accident (ଦୁର୍ଘଟଣା) ହୋଇଯିବ ଏବଂ ଦୁହିଁଙ୍କର Spare parts (ଅଙ୍ଗପ୍ରତ୍ୟଙ୍ଗ) ଭାଙ୍ଗିଯିବ। ଯଦି କାହାର ବମ୍ପର ଭାଙ୍ଗିଯାଏ ତା'ହେଲେ ଭିତରେ ବସିଥିବା ଲୋକର ଅବସ୍ଥା କ'ଣ ହେବ ? ବସିଥିବା ଲୋକର

ଦୁର୍ଦ୍ଦଶା ବହୁତ ଖରାପ ହେବ ନା ! ଏଣୁ ପ୍ରକୃତିକୁ ଚିହ୍ନ । ଘରେ ଥିବା ସମସ୍ତଙ୍କ ପ୍ରକୃତି ଗୁଡ଼ିକୁ ଚିହ୍ନିବା ଦରକାର ।

ଏହି ଧକ୍କା କ'ଣ ପ୍ରତିଦିନ ହୋଇଥାଏ ? ତାହା ତ କେବଳ ନିଜ କର୍ମର ଉଦୟ ହେଲେ ହିଁ ହୋଇଥାଏ, ସେତେବେଳେ ଆମକୁ Aadjust କରିବାକୁ ପଡ଼ିବ । ଘରେ ସ୍ତ୍ରୀ ସହିତ ଝଗଡ଼ା ହୋଇଥିଲେ ତାକୁ ହୋଟେଲ ନେଇ ଖୁଆଇ ପିଆଇ ଖୁସି କରିଦେବା ଆବଶ୍ୟକ । ଏବେ ଗ୍ରନ୍ଥୀ ନ ରହିବା ଦରକାର ।

ଯାହା ମଧ୍ୟ ଥାଳିରେ ମିଳିଛି ତାହା ଖାଇବା ଦେବା ଉଚିତ୍ । ଯାହା ଆଗରେ ଆସିଲା ତାହା ସଂଯୋଗ ଏବଂ ଭଗବାନ କହିଛନ୍ତି ଯେ ସଂଯୋଗକୁ ଧକ୍କା ମାରିଲେ ସେହି ଧକ୍କା ତୁମକୁ ଲାଗିବ । ଏଣୁ ଥାଳିରେ ଅରୁଚିକର ଖାଦ୍ୟ ଥିଲେ ମଧ୍ୟ ସେଥିରୁ କିଛି ଖାଇନେବା ଉଚିତ ।

ଯାହାକୁ Adjust ହେବା ଆସେ ନାହିଁ, ସେହି ମନୁଷ୍ୟକୁ ମନୁଷ୍ୟ କିପରି କହିବା ? ଯିଏ ସଂଯୋଗାଧୀନ ହୋଇ Adjust ହୋଇଯାଏ, ତାଙ୍କ ଘରେ କିଛି ବି ଝଗଡ଼ା ହୁଏ ନାହିଁ । (ସଂଯୋଗ)ର ଲାଭ ନେବାର ଅଛି ତ Adjust ହୋଇଯାଅ । Disadjustment ରେ ଲାଭ ତ କିଛି ନାହିଁ ଓଲଟା ଶତ୍ରୁତାଭାବ ରଖିବ ।

ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନରେ କିଛି Principle (ସିଦ୍ଧାନ୍ତ) ରହିବା ଦରକାର । କିନ୍ତୁ ସଂଯୋଗ ଅନୁସାରେ ବ୍ୟବହାର କରିବା ଉଚିତ୍ । ସଂଯୋଗର ସହିତ adjust ହେଉଥିବା ବ୍ୟକ୍ତି ହିଁ ମନୁଷ୍ୟ ଅଟେ । ଯଦି ପ୍ରତ୍ୟେକ ସଂଯୋଗରେ Adjustment ନେବା ଆସିଯାଏ ତେବେ ନିଶ୍ଚିତ ରୂପେ ମୋକ୍ଷରେ ପହଞ୍ଚିପାରିବ, ଏହା ଏପରି ଏକ ଅପୂର୍ବ ଅସ୍ତ୍ର ।

## DISADJUSTMENT ଏହା ହିଁ ମୂର୍ଖତା

ନିଜ କଥା ଅନ୍ୟ ମାନଙ୍କୁ 'Adjust' ହେବା ଦରକାର। ନିଜ କଥା ଅନ୍ୟମାନଙ୍କୁ 'Adjust' ନ ହେଲେ ତାହା ନିଜର ହିଁ ଭୁଲ୍। ଭୁଲ୍ ସୁଧାରିନେଲେ 'Adjust' ହୋଇଯିବ। ବୀତରାଗମାନଙ୍କ କଥା 'Everywhere adjustment' ହୋଇଥାଏ। Disadjustment ହିଁ ମୂର୍ଖତା ଅଟେ। 'Adjustment' କୁ ମୁଁ ନ୍ୟାୟ କହିଥାଏ। ଆଗ୍ରହ-ଦୂରାଗ୍ରହ, ଏ ସବୁକୁ ନ୍ୟାୟ କୁହାଯାଏ ନାହିଁ।

ଏ ପର୍ଯ୍ୟନ୍ତ ଜଣେ ବି ବ୍ୟକ୍ତି ମୋ ସହିତ Disadjustment ହୋଇ ନାହିଁ ଏବଂ ଏମାନଙ୍କୁ ତ ଘରେ ଥିବା ଚାରି ସଦସ୍ୟଙ୍କ ସହିତ Adjust ହେବା ଆସୁନାହିଁ। ଏହି Adjust ହେବା ଆସିବ ନା, ଆସିବ ନାହିଁ ? ଏପରି ହୋଇପାରିବ କି ହୋଇପାରିବ ନାହିଁ ? ଆମେ ଯେପରି ଦେଖୁ ଠିକ୍ ସେହିପରି ଆମକୁ ଆସି ଯାଏ ନା ? ଏହି ସଂସାରର ନିୟମ କ'ଣ କି ଯେପରି ତୁମେ ଦେଖିବ ସେତିକି ତ ତୁମକୁ ଆସିଯିବ ହିଁ। ଏଥିରେ କିଛି ଶିଖିବା ଭଳି ନଥାଏ।

ସଂସାରରେ ଆଉ କିଛି ଆସୁ ନ ଆସୁ, କିଛି ଚିନ୍ତା ନାହିଁ। କାମ-ଧନ୍ଦା କରିବା କମ ଆସିଲେ ମଧ୍ୟ ସେଥିରେ କୌଣସି ଚିନ୍ତା ନାହିଁ। ମାତ୍ର Adjust ହେବା ଆସିବା ଦରକାର। ଅର୍ଥାତ୍, ବସ୍ତୁ ସ୍ଥିତିରେ Adjust ହେବା ଶିଖିବା ଦରକାର। ଏହି ଯୁଗରେ ଯଦି adjust ହେବା ନ ଆସିବ ତେବେ ମରିଯିବ। ଏଣୁ 'Adjust everywhere' ହୋଇ କାର୍ଯ୍ୟ ହାସଲ କରିନେବା ଉଚିତ୍।

❖ ❖ ❖

# ସଂଘର୍ଷ ହଟାଅ

## ସଂଘର୍ଷରେ ଆସ ନାହିଁ

'କାହାରି ସହିତ ସଂଘର୍ଷ କର ନାହିଁ ବା ସଂଘର୍ଷ ହଟାଅ' ମୋର ଏହି କଥାକୁ ଯଦି ଆରାଧନା କରିବ ତାହାଲେ ନିଶ୍ଚିତ ରୁପେ ମୋକ୍ଷ ପର୍ଯ୍ୟନ୍ତ ପହଞ୍ଚିଯିବ। ମୋର ଗୋଟିଏ ହିଁ ଶବ୍ଦ ଯେପରି ଅଟେ ସେପରି ସମ୍ପୂର୍ଣ୍ଣ ଭାବେ କଣ୍ଠସ୍ଥ କରିନେବ ଯଦି ତେବେ ମଧ୍ୟ ମୋକ୍ଷ ତୁମର ହାତ ପାହାନ୍ତାରେ।

ଯଦି ମୋର ଗୋଟିଏ ଶବ୍ଦକୁ ଗୋଟିଏ ଦିନ ବି ପାଳନ କରିବ ତେବେ ମଧ୍ୟ ଅପୂର୍ବ ଶକ୍ତି ଉତ୍ପନ୍ନ ହେବ ! ଭିତରେ ଏତେ ସାରା ଶକ୍ତି ଅଛି ଯେ କେହି କୌଣସି ପ୍ରକାର ସଂଘର୍ଷ କରିବା ପାଇଁ ଆସିଲେ ମଧ୍ୟ ଆମେ ତାକୁ ହଟାଇପାରିବା।

ଯଦି ଭୁଲ୍‌ରେ ମଧ୍ୟ ତୁମେ କାହାର ସଂଘର୍ଷରେ ଆସିଗଲ ତେବେ ତାହାର ସମାଧାନ କରି ନେବ। ଅତି ସହଜରେ ସେହି ସଂଘର୍ଷରୁ ଘର୍ଷଣର ସ୍ଫୁଲିଙ୍ଗ ବାହାର ନ କରି ମୁକ୍ତ ହୋଇଯିବ।

## ଟ୍ରାଫିକ ନିୟମ ଦ୍ୱାରା ଧକ୍କା ହଟିଯିବ

ପ୍ରତ୍ୟେକ ଧକ୍କାରେ ସର୍ବଦା ଦୁହିଁଙ୍କର କ୍ଷତି ହୋଇଥାଏ। ତୁମେ ଅନ୍ୟ ମାନଙ୍କୁ ଦୁଃଖ ଦେଲେ ସଙ୍ଗେ ସଙ୍ଗେ ତୁମକୁ ମଧ୍ୟ ଦୁଃଖ ନ ପହଞ୍ଚି ରହିବ ନାହିଁ। ଏହା ହିଁ ସଂଘର୍ଷ ଅଟେ। ଏଣୁ ମୁଁ ଏହି ଉଦାହରଣ ଦେଇଛି ଯେ ରାସ୍ତାରେ ଟ୍ରାଫିକର ନିୟମ କ'ଣ ? ଯେ ଧକ୍କା ଲାଗିଲେ ତୁମେ ମୃତ୍ୟୁ ମୁଖରେ ପଡ଼ିବ, ଧକ୍କା ଲାଗିଲେ ବିପଦ ଅଛି। ଏଣୁ କାହରି ସହିତ ଧକ୍କା କର ନାହିଁ। ସେହିପରି ବ୍ୟାବହାରିକ କାର୍ଯ୍ୟରେ ମଧ୍ୟ ଧକ୍କା କର ନାହିଁ।

ଯଦି କେହି ଲଢ଼ିବା ପାଇଁ ଆସୁଛି ଏବଂ ଶବ୍ଦ-ରୂପୀ ବାଣ ଛାଡୁଛି, ତେବେ ବୁଝିବାକୁ ହେବ ଯେ ଧକ୍କା ହଟେଇବାକୁ ପଡ଼ିବ। ତୁମ ମନରେ

ଆଦୌ ପ୍ରଭାବ ପଡ଼ିବା ଉଚିତ ନୁହେଁ, ତଥାପି ଯଦି ମନ ଉପରେ ପ୍ରଭାବ ପଡୁଛି ତା'ହେଲେ ଜାଣିବ ଯେ ସାମ୍ନାରେ ଥିବା ବ୍ୟକ୍ତିର ପ୍ରଭାବ ଆମ ଉପରେ ପଡ଼ିଛି। ସେତେବେଳେ ଆମକୁ ଖସିଯିବାକୁ ହେବ। ଏଗୁଡ଼ିକ ସବୁ ସଂଘର୍ଷ। ଏହାକୁ ଯେତେ ବୁଝି ବୁଝି ଯିବ, ସଂଘର୍ଷ ସେତେ ହଟି ହଟି ଯିବ। ସଂଘର୍ଷ ହଟିଗଲେ ମୋକ୍ଷ ମିଳିଥାଏ।

ସଂଘର୍ଷରୁ ହିଁ ଏହି ଜଗତ ନିର୍ମିତ ହୋଇଛି। ଏହାକୁ ଭଗବାନ 'ଶତ୍ରୁତାଭାବରୁ ତିଆରି ହୋଇଛି' ବୋଲି କହିଛନ୍ତି। ପ୍ରତ୍ୟେକ ମନୁଷ୍ୟ ତଥା ଜୀବମାତ୍ର ଶତ୍ରୁତାଭାବ ରଖେ। ସୀମାରୁ ପାର ହେଲେ ଶତ୍ରୁତା ବିନା ରହିପାରିବ ନାହିଁ। କାରଣ ସମସ୍ତଙ୍କ ଭିତରେ ଆତ୍ମା ଅଛି। ଆତ୍ମଶକ୍ତି ସମସ୍ତଙ୍କଠାରେ ସମାନ। କାରଣ ଏହା ଯେ, ଏହି ପୁଦ୍‌ଗଲ (ଶରୀର)ର ଦୁର୍ବଳତା ପାଇଁ ସହିବାକୁ ପଡ଼ିଥାଏ, ମାତ୍ର ସହନ କରିବା ସହିତ ଶତ୍ରୁତା ନ ରଖି ରହିପାରେ ନାହିଁ ଏବଂ ପୁଣି ପରବର୍ତ୍ତୀ ଜନ୍ମରେ ତାହାର ଶତ୍ରୁତା ଅସୁଲ କରିଥାଏ।

କେହି ବହୁତ କିଛି କହିଲେ ତଥାପି ମଧ ତା'ର ଯେ କୌଣସି କଥାରେ ଆମକୁ ଧକ୍କା ଲାଗିବା ଉଚିତ୍ ନୁହେଁ ଏବଂ ନିଜ ଦ୍ୱାରା ଅନ୍ୟ ବ୍ୟକ୍ତିର ଅସୁବିଧା ହେଉ, ଏପରି କହିବା ବହୁତ ବଡ଼ ଅପରାଧ ଅଟେ।

## ସହନ ନୁହେଁ, SOLUTION (ସମାଧାନ) ଆଣ

ସଂଘର୍ଷ ହଟେଇବା ଅର୍ଥାତ୍ ସହନ କରିବା ନୁହେଁ। ସହନ କରିବ ତ' କେତେ କରିବ ? ସହନ କରିବା ଏବଂ ସ୍ପ୍ରିଙ୍ଗ ଦବାଇବା, ଇଏ ଦୁଇଟି ଗୋଟିଏ ଜିନିଷ। ସ୍ପ୍ରିଙ୍ଗକୁ ଦବାଇ କେତେ ଦିନ ରଖାଯାଇପାରେ ? ଏଣୁ ସହନ କରିବା ଶିଖିବା ଦରକାର ହିଁ ନାହିଁ। Solution ଆଣିବା ଶିଖ। ଅଜ୍ଞାନ-ଦଶାରେ ସହନ କରିବାକୁ ପଡ଼ିଥାଏ ଏବଂ ପରେ ଦିନେ ସେହି ସ୍ପ୍ରିଙ୍ଗ ଖୋଲିଯିବ ଆଉ ସବୁକିଛି ବିଛାଡ଼ି ଦେବ।

ଯଦି କାହାରି ପାଇଁ ଆମକୁ ସହିବାକୁ ପଡୁଥାଏ, ତାହା ନିଜର ହିସାବ ଅଟେ। କିନ୍ତୁ ତୁମକୁ ଜଣା ପଡ଼େ ନାହିଁ ଯେ ଏହାର ହିସାବ କଣ ଏବଂ ମାଲ କେଉଁଠିକାର, ଏଣୁ ଆମେ ଭାବୁ ଇଏ ନୂଆ ମାଲ ଦେଲା। ନୂଆ ମାଲ କେହି ଦିଏ ନାହିଁ, ଦିଆଯାଇଥିବା ମାଲ ହିଁ ଫେରିଆସେ। ଇଏ ଯେଉଁ ମାଲ ଆସିଛି ତାହା ନିଜ କର୍ମର ଉଦୟ ହିଁ ଆସିଛି, ଅନ୍ୟମାନେ ତ କେବଳ ନିମିତ୍ତ ମାତ୍ର।

## ଧକ୍କା ହେଲା, ନିଜ ଭୁଲ୍ ପାଇଁ

ଏହି ଦୁନିଆରେ ଯାହା ଧକ୍କା ହୋଇଥାଏ, ତାହା ନିଜର ଭୁଲ୍ ଅଟେ, ଅନ୍ୟର ନୁହେଁ। ଅନ୍ୟମାନେ ତ ଧକ୍କା ହେବେ ହି ହେବ । 'ତୁମେ କାହିଁକି ଧକ୍କା ଲାଗିଲ ?' ତେବେ କହିବ, 'ସାମ୍ନାରେ ଥିବା ବ୍ୟକ୍ତି ଧକ୍କା ଲଗାଇଲା !' ତା'ହେଲେ ତୁମେ ମଧ ଅନ୍ଧ ଆଉ ସିଏ ମଧ ଅନ୍ଧ।

ସଂଘର୍ଷ ହେଲେ ତୁମେ ବୁଝିବା ଦରକାର ଯେ 'ଏପରି ମୁଁ କ'ଣ କହିଦେଲି ଯାହା ଦ୍ୱାରା ସଂଘର୍ଷ ହୋଇଗଲା ?' ନିଜର ଭୁଲ୍ ଜଣା ପଡ଼ିଗଲେ ସମାଧାନ ହୋଇଯିବ। ପୁଣି Puzzle solve (ଦ୍ୱନ୍ଦ୍ୱ ସମାଧାନ) ହୋଇଯିବ। ଅନ୍ୟଥା ଯେ ପର୍ଯ୍ୟନ୍ତ ଆମକୁ 'ଅନ୍ୟର ଭୁଲ୍' ଦେଖାଯାଉଥିବ ସେ ପର୍ଯ୍ୟନ୍ତ Puzzle solve ହେବ ନାହିଁ। 'ନିଜର ହିଁ ଭୁଲ୍' ମାନିବ ଯଦି ଏହି ସଂସାର-ଚକ୍ରର ଅନ୍ତଃ ହୋଇଯିବ। ଅନ୍ୟ କୌଣସି ଉପାୟ ନାହିଁ। ଯାହା ସହିତ ସଂଘର୍ଷ ହେଉଛି, ତାହା ନିଜର ହିଁ ଅଜ୍ଞାନତାର ଲକ୍ଷଣ ଅଟେ।

ଯଦି ଛୋଟପିଲାଟି ପଥର ମାରି ତୁମର ରକ୍ତ ବାହାର କରିଦିଏ, ତେବେ ତୁମେ ପିଲାଟିର କ'ଣ କରିବ ? କ୍ରୋଧ କରିବ ? ମନେକର ତୁମେ ଯାଉଛ ଏବଂ ପାହାଡ଼ରୁ ଏକ ପଥରଟିଏ ଖସି ପଡ଼ି ତୁମ ଦେହରେ ବାଜିଲା ଓ ରକ୍ତ ବାହାରିଲା, ତେବେ କ'ଣ କରିବ ? କ୍ରୋଧ କରିବ ?

ନା ! ଏହାର କାରଣ କ'ଣ ? ଏହା ପାହାଡ଼ରୁ ଖସିପଡ଼ିଲା । ଆଉ ସେଠାରେ ପିଲାଟି ପଥର ମାରିବା ପରେ ପଶ୍ଚାତାପ କରୁଥିବ ଯେ ଏହା ମୋ ଦ୍ୱାରା କ'ଣ ହୋଇଗଲା ! ଆଉ ଯଦି ପାହାଡ଼ରୁ ଖସିପଡ଼ିଲା ତାହା କିଏ ଖସାଇଲା ?

## SCIENCE (ବିଜ୍ଞାନ), ବୁଝିବା ଦରକାର

**ପ୍ରଶ୍ନକର୍ତ୍ତା :** ମୋତେ କ୍ଳେଶ କରିବାର ନାହିଁ, ମାତ୍ର କେହି ଆଗରେ ଆସି ଝଗଡ଼ା କଲେ ତେବେ କ'ଣ କରିବା ?

**ଦାଦାଶ୍ରୀ :** ଏହି କାନ୍ଥ ସହିତ ଯଦି କେହି ଲଢ଼ିବ ତେବେ କେତେ ସମୟ ପର୍ଯ୍ୟନ୍ତ ଲଢ଼େଇ କରି ପାରିବ ? ଯଦି କେବେ ଏହି କାନ୍ଥରେ ମଥା ବାଡ଼େଇଯିବ, ତେବେ ତୁମେ ତା'ସହିତ କ'ଣ କରିବ ? ମଥା ବାଡ଼େଇଗଲା ମାନେ ତୁମର କାନ୍ଥ ସହିତ ଲଢ଼େଇ ହୋଇଗଲା, ଏବେ କ'ଣ କାନ୍ଥକୁ ମାରିବ ? ଏହିପରି ଏମାନେ ଯେଉଁ କ୍ଳେଶ କରନ୍ତି, ସେମାନେ ସବୁ କାନ୍ଥପରି ! ଏଥିରେ ଅନ୍ୟମାନଙ୍କ ଦୋଷ କ'ଣ, ନିଜକୁ ନିଜେ ବୁଝିନେବା ଉଚିତ ଯେ ଏ ସବୁ କାନ୍ଥପରି, ତେବେ କୌଣସି ସମସ୍ୟା ରହିବ ନାହିଁ ।

ତୁମକୁ ଏହି କାନ୍ଥକୁ ଗାଳି ଦେବାର ସତ୍ତା ଅଛି କି ? ଠିକ୍ ସେହିପରି ଅନ୍ୟ ପ୍ରତି ଏବଂ ତା'ର ନିମିତ୍ତରେ ଯେଉଁ ସଂଘର୍ଷ ଅଛି ତାହା ତ ଛାଡ଼ିବ ନାହିଁ, ଏଥିରୁ ରକ୍ଷା ପାଇ ପାରିବା ନାହିଁ । ବ୍ୟର୍ଥ ଚିତ୍କାର କରିବାର ମାନେ କ'ଣ ? ଯେଉଁଥିରେ ତା' ହାତରେ କିଛି ସତ୍ତା ହି ନାହିଁ । ସେଥିପାଇଁ ତୁମେ ମଧ୍ୟ କାନ୍ଥପରି ହୋଇଯାଅ । ତୁମେ ସ୍ତ୍ରୀକୁ ଗାଳି ଦେଉଛ, ମାତ୍ର ତାଙ୍କ ଭିତରେ ଯେଉଁ ଭଗବାନ ବସିଛନ୍ତି ସିଏ Note (ଟିପିବା) କରୁଛନ୍ତି ଯେ ଇଏ ମୋତେ ଗାଳି ଦେଉଛି । ଆଉ ଯଦି ସିଏ ତୁମକୁ ଗାଳି ଦିଏ, ତା' ହେଲେ ତୁମେ କାନ୍ଥପରି ହୋଇଯାଅ ତେବେ ଯାଇ ତୁମ ଭିତରେ ଥିବା ଭଗବାନ ତୁମକୁ Help (ସାହାଯ୍ୟ) କରିବେ ।

କାହା ସହିତ ମତଭେଦ ହେବା ଓ କାନ୍ଥ ସହିତ ଧକ୍କା ଲାଗିବା, ଏ ଦୁଇଟି ସମାନ କଥା। ଏ ଦୁଇଟି ମଧ୍ୟରେ କୌଣସି ଭେଦ ନାହିଁ। କାନ୍ଥ ସହିତ ଯିଏ ଧକ୍କା ଲାଗିଲା, ସେ ନ ଦେଖିପାରିବାରୁ ଧକ୍କା ଲାଗିଲା ଏବଂ ମତଭେଦ ମଧ୍ୟ ନ ଦେଖି ପାରିବା କାରଣରୁ ହୋଇଥାଏ। ଆଗକୁ ତାକୁ ଦେଖାଯାଏ ନାହିଁ, Solution (ସମାଧାନ) ମଧ୍ୟ ମିଳେନାହିଁ, ଏଣୁ ମତଭେଦ ହୋଇଥାଏ। ଏସବୁ କ୍ରୋଧ-ମାନ-ମାୟା-ଲୋଭ ଆଦି କରାନ୍ତି, ଏହା ନ ଦେଖିବା କାରଣରୁ କରନ୍ତି। ତେବେ ଏହି କଥାକୁ ବୁଝିବାକୁ ପଡ଼ିବ ନା ! ଯିଏ ଭୋଗିଲା ତା'ର ଦୋଷ ନା ! କାନ୍ଥର କୌଣସି ଦୋଷ ଅଛି କି ? ତେବେ ଏହି ସଂସାରରେ ସମସ୍ତେ କାନ୍ଥ ହିଁ ଅଟନ୍ତି। ଯଦି କାନ୍ଥସହିତ ଧକ୍କା ଲାଗେ ତେବେ କଣ ତା ସହିତ ଝଗଡ଼ା କରିବାକୁ ଯାଅ ? ସେଠି ତୁମେ ଅଯଥା ସମସ୍ୟାରେ ପଡ଼ିବାକୁ ଚାହଁ ନାହିଁ, ଠିକ୍ ସେହିପରି ଏମାନେ ସବୁ କାନ୍ଥ ସ୍ଥିତିରେ ଅଛନ୍ତି। ସେମାନଙ୍କୁ ଠିକ୍ କରିବା ଦରକାର ନାହିଁ।

## ସଂଘର୍ଷ ତାହା ନିଜର ଅଜ୍ଞାନତା

ସଂଘର୍ଷ ହେବାର କାରଣ କ'ଣ ? ଅଜ୍ଞାନତା। ଯେତେ ପର୍ଯ୍ୟନ୍ତ କାହାରି ସହିତ ମତଭେଦ ହେଉଥିବ, ତାହା ତୁମର ନିର୍ବଳତାର ଲକ୍ଷଣ। ଲୋକେ ଭୁଲ୍ ନୁହଁନ୍ତି, ମତଭେଦରେ ଭୁଲ୍ ତୁମର। ଲୋକଙ୍କର ଭୁଲ୍ ହୁଏ ହିଁ ନାହିଁ। ଯଦି ସିଏ ଜାଣି-ଶୁଣି ମଧ୍ୟ କରୁଥାଏ ତଥାପି ଆମକୁ କ୍ଷମା ମାଗିନେବା ପାଇଁ ପଡ଼ିବ ଯେ ଭାଇ, ଏହା ମୁଁ ବୁଝିପାରୁ ନାହିଁ। ଯେଉଁଠି ସଂଘର୍ଷ, ସେଠାରେ ନିଜର ହିଁ ଭୁଲ୍।

## ଘର୍ଷଣ ଦ୍ୱାରା ଶକ୍ତିର ବିନାଶ

ସମ୍ପୂର୍ଣ୍ଣ ଆତ୍ମଶକ୍ତି ଯଦି କୌଣସି ଜିନିଷ ଦ୍ୱାରା ନଷ୍ଟ ହେଉଥାଏ ତେବେ ତାହା ହେଉଛି ଘର୍ଷଣ। ଟିକିଏ ମଧ୍ୟ ସଂଘର୍ଷ ହେବା ମାତ୍ରେ ସବୁ

କିଛି ନଷ୍ଟ ହୋଇ ଯାଏ। ଅନ୍ୟମାନେ ଧକ୍କା ଲାଗିଲେ, ସେଠାରେ ଆମକୁ ସଂଯମତାପୂର୍ବକ ରହିବା ଦରକାର। ଧକ୍କା ନ ହେବା ହି ଉଚିତ୍। ଯଦି କେହି କେବଳ ଏତିକି ମାତ୍ର ଶିଖିଯାଏ ଯେ ମୋତେ ଘର୍ଷଣରେ ଆସିବାର ହିଁ ନାହିଁ; ତେବେ ତାଙ୍କୁ ଗୁରୁ କିମ୍ବା ଆଉ କାହାର ଆବଶ୍ୟକତା ପଡ଼ିବ ନାହିଁ। ଗୋଟିଏ କିମ୍ବା ଦୁଇଟି ଜନ୍ମରେ ସିଧା ମୋକ୍ଷକୁ ଯିବ। 'ଘର୍ଷଣରେ ଆସିବାର ହିଁ ନାହିଁ' ଏପରି ଯଦି ତାହାର ଶ୍ରଦ୍ଧା ଆସିଗଲା ଓ ନିଶ୍ଚୟ କରିନେଲା, ସେହି ଦିନ ଠାରୁ ସିଏ ସମ୍‌କିତ ହୋଇଗଲା।

ଆଗରୁ ଯାହା ଘର୍ଷଣ ହୋଇଥିଲା ଆଉ ତା' ଦ୍ୱାରା ଯାହା କ୍ଷତି ହୋଇଥିଲା ତାହାହିଁ ଫେରିଆସେ। କିନ୍ତୁ ଏବେ ଯଦି ନୂଆ ଘର୍ଷଣ ସୃଷ୍ଟି କରିବ ତା'ହେଲେ ଶକ୍ତିର ଅପଚୟ ହୋଇଯିବ। ଆସିଥିବା ଶକ୍ତି ମଧ୍ୟ ଚାଲିଯିବ ଓ ଯଦି ନିଜେ ଘର୍ଷଣ ହେବାକୁ ଦେବ ନାହିଁ, ତେବେ ଶକ୍ତି ଉତ୍ପନ୍ନ ହେଉଥିବ।

ଏହି ଦୁନିଆରେ ଶତ୍ରୁତା ଭାବ ଯୋଗୁଁ ଘର୍ଷଣ ହୋଇଥାଏ। ସଂସାରର ମୂଳ ବୀଜ ହେଉଛି ଶତ୍ରୁତା ଭାବ। ଯାହାର ଶତ୍ରୁତା ଓ ଘର୍ଷଣ- ଏ ଦୁଇଟି ବନ୍ଦ ହୋଇଯାଇଛି, ତାହାର ମୋକ୍ଷ ହୋଇଯାଏ। ପ୍ରେମ ବାଧକ ନୁହେଁ, ଶତ୍ରୁତା ଭାବ ଚାଲିଗଲେ ପ୍ରେମ ଉତ୍ପନ୍ନ ହୋଇଯାଏ।

## COMMON SENSE EVERYWHERE APPLICABLE
## (ସାଧାରଣଜ୍ଞାନ ସବୁଠାରେ ପ୍ରୟୋଗଯୋଗ୍ୟ)

କେହି ଆମ ସହିତ ଧକ୍କା ଲାଗିଲେ ମଧ୍ୟ ଆମେ କାହା ସହିତ ଧକ୍କା ଲାଗିବା ନାହିଁ, ଏପରି ରହିଲେ Common sense ଉତ୍ପନ୍ନ ହେବ। କିନ୍ତୁ ଆମକୁ କାହା ସହିତ ଧକ୍କା ଲାଗିବା ଉଚିତ ନୁହେଁ, ଅନ୍ୟଥା Common sense ଚାଲିଯିବ। ନିଜ ତରଫରୁ ଘର୍ଷଣ ନ ହେବା ଉଚିତ। ଅନ୍ୟ ବ୍ୟକ୍ତିର

ଘର୍ଷଣରେ ହିଁ ନିଜଠାରେ Common sense ଉତ୍ପନ୍ନ ହୋଇଥାଏ । ଆତ୍ମାର ଏହି ଶକ୍ତି ଏପରି ଯେ ଘର୍ଷଣ ସମୟରେ କିପରି ବ୍ୟବହାର କରିବ, ଏହାର ସମସ୍ତ ଉପାୟ କରିଦିଏ ଏବଂ ଥରେ ଦେଖାଇ ଦେଲେ, ଆଉ ସେହି ଜ୍ଞାନ କେବେ ମଧ୍ୟ ଯିବ ନାହିଁ । ଏପରି କରୁ କରୁ Common sense ବଢ଼ିଥାଏ ।

ଏହି କାନ୍ଥ ପାଇଁ ଓଲଟା ବିଚାର ଆସିଲେ ମଧ୍ୟ କୌଣସି ସମସ୍ୟା ନାହିଁ, କାରଣ ଏହା ଏକପକ୍ଷ କ୍ଷତି । କିନ୍ତୁ କୌଣସି ଜୀବିତ ବ୍ୟକ୍ତି ପାଇଁ ଗୋଟିଏ ବି ଓଲଟା ବିଚାର ଆସିଲେ ସମସ୍ୟା ସୃଷ୍ଟି ହେବ । ଦୁଇପକ୍ଷର କ୍ଷତି ହୋଇଥାଏ । କିନ୍ତୁ ଆମେ ଯଦି ତାର ପ୍ରତିକ୍ରମଣ କରିବା ତା'ହେଲେ ସବୁ ଦୋଷ ଧୋଇହୋଇ ଯିବ । ଏଣୁ ଯେଉଁଠି ଯେଉଁଠି ଘର୍ଷଣ ହେଉଛି, ସେଇଠି ପ୍ରତିକ୍ରମଣ କର, ତେବେ ଘର୍ଷଣ ଶେଷ ହୋଇଯିବ ।

ଯାହାର ଘର୍ଷଣ ହୁଏ ନାହିଁ, ତା'ର ତିନି ଜନ୍ମରେ ମୋକ୍ଷ ହୋଇଯିବ, ଏହାର ଗ୍ୟାରେଣ୍ଟି ମୁଁ ଦେଉଛି । ଘର୍ଷଣ ହେଲା ମାତ୍ରେ ପ୍ରତିକ୍ରମଣ କରିନିଅ । ଘର୍ଷଣ ତ' ନିଶ୍ଚୟ ହେବ । ଯେ ପର୍ଯ୍ୟନ୍ତ ଏହି ବିକାର କାରଣ ଅଛି, ସମ୍ବନ୍ଧ ଅଛି, ସେ ପର୍ଯ୍ୟନ୍ତ ଘର୍ଷଣ ହେବ । ଏହା ହିଁ ଘର୍ଷଣର ମୂଳ କାରଣ । ଯିଏ ବିଷୟକୁ ଜିତିଗଲା, ତାକୁ କେହି ହରାଇ ପାରିବେ ନାହିଁ । କେହି ତାହାର ନାମ ମଧ୍ୟ ନେଇ ପାରିବେ ନାହିଁ । ଏହାର ପ୍ରଭାବ ପଡ଼ିଥାଏ ।

❖❖❖

# ଯାହା ହେଲା ତାହା ନ୍ୟାୟ

## ପ୍ରକୃତି ତ ସର୍ବଦା ନ୍ୟାୟୀ ଅଟେ

ଯାହା ପ୍ରକୃତିର ନିୟମ, ସେଥିରେ ଗୋଟିଏ ମୁହୂର୍ତ୍ତ ପାଇଁ ମଧ୍ୟ ଅନ୍ୟାୟ ହୁଏ ନାହିଁ। ଏପ୍ରକୃତି, ଗୋଟିଏ ମୁହୂର୍ତ୍ତ ପାଇଁ ମଧ୍ୟ ଅନ୍ୟାୟୀ ହୋଇନାହିଁ। କୋର୍ଟରେ ଅନ୍ୟାୟ ହୋଇପାରେ କିନ୍ତୁ ପ୍ରକୃତି କେବେ ମଧ୍ୟ ଅନ୍ୟାୟୀ ହୋଇନାହିଁ।

ଯଦି ପ୍ରକୃତିର ନ୍ୟାୟକୁ ବୁଝି ପାରିବ 'ଯାହା ହୋଇଛି ତାହା ନ୍ୟାୟ' ତେବେ ତୁମେ ଏହି ଜଗତରୁ ମୁକ୍ତ ହୋଇପାରିବ, ଅନ୍ୟଥା ପ୍ରକୃତିକୁ ଯଦି ଟିକିଏ ବି ଅନ୍ୟାୟୀ ମନେ କରିବ; ତେବେ ଏହା ତୁମ ପାଇଁ ଜଗତରେ ସମସ୍ୟାର କାରଣ ହୋଇଯିବ। ପ୍ରକୃତିକୁ ନ୍ୟାୟୀ ମାନିବା ହିଁ ଜ୍ଞାନ ଅଟେ। "ଯେପରି ଅଟେ ସେପରି" ଜାଣିବା ଏହାର ନାମ ଜ୍ଞାନ ଓ ଏହାକୁ ନ ଜାଣିବା ହିଁ ଅଜ୍ଞାନ।

ଜଗତରେ ନ୍ୟାୟ ଖୋଜିବା ଦ୍ୱାରା ସମ୍ପୂର୍ଣ୍ଣ ଦୁନିଆରେ ଲଢ଼େଇ ହୋଇଛି। ଜଗତ ନ୍ୟାୟ ସ୍ୱରୂପ ହିଁ ଅଟେ। ଏଣୁ ଏହି ଜଗତରେ ନ୍ୟାୟ ଖୋଜ ନାହିଁ। ଯାହା ହେଲା, ତାହା ହିଁ ନ୍ୟାୟ। ଯାହା ହୋଇଯାଇଛି ତାହା ହିଁ ନ୍ୟାୟ। ନ୍ୟାୟ ଖୋଜୁଥିବାରୁ ଏହି କୋର୍ଟ ଆଦି ସବୁ ବନା ହୋଇଛି। ଆରେ ଭାଇ, ନ୍ୟାୟ ହେଉଥିବ ? ଏହା ବଦଳରେ "କ'ଣ ହେଲା" ତାହା ଦେଖ ! ତାହା ନ୍ୟାୟ ଅଟେ। ନ୍ୟାୟ ଅନ୍ୟାୟର ଫଳ, ତାହା ତ ହିସାବରେ ଆସେ ଏବଂ ଆମେ ତା' ସହିତ ନ୍ୟାୟକୁ Joint କରିବା (ଯୋଡ଼ିବା) ପାଇଁ ଯାଉ, ପୁଣି କୋର୍ଟକୁ ଯିବାକୁ ପଡ଼ିବ ନା !

ତୁମେ କାହାକୁ ଗୋଟିଏ ଗାଳି ଦେଲେ, ତେବେ ସେ ତୁମକୁ ଦୁଇ-ତିନୋଟି ଗାଳି ଦେବ, କାରଣ ତା'ର ମନ ତୁମ ଉପରେ କ୍ରୋଧିତ

ହୋଇଥାଏ । ତେବେ ଲୋକେ କ'ଣ କୁହନ୍ତି ? ତୁମେ କାହିଁକି ତିନୋଟି ଗାଳି ଦେଲ, ସିଏ ତ ଗୋଟିଏ ଗାଳି ଦେଇଥିଲା । ତେବେ ଏଥିରେ କେଉଁ ନ୍ୟାୟ ? ତାକୁ ତିନୋଟି ଗାଳିର ହିସାବ ଥିବ, ପୂର୍ବ ହିସାବ ପରିଶୋଧ କର କି ନାହିଁ ? ପ୍ରକୃତିର ନ୍ୟାୟ କ'ଣ ? ଯାହା ପୂର୍ବରୁ ହିସାବ ଥାଏ ସେଗୁଡ଼ିକୁ ଏକତ୍ରିତ କରିଦିଏ । ଯଦି କୌଣସି ସ୍ତ୍ରୀ ନିଜ ସ୍ୱାମୀକୁ ହଇରାଣ କରେ, ତା'ହେଲେ ତାହା ପ୍ରକୃତିର ନ୍ୟାୟଅଟେ । କିନ୍ତୁ ତା' ସ୍ୱାମୀ ମନେ କରେ ଯେ ମୋ ସ୍ତ୍ରୀ ବହୁତ ଖରାପ ଆଉ ସ୍ତ୍ରୀ ମନେ କରେ ଯେ ସ୍ୱାମୀ ଖରାପ । ମାତ୍ର ଏହା ପ୍ରକୃତିର ନ୍ୟାୟ ହିଁ ଅଟେ ।

ଏହା ତ' ଏହି ଜନ୍ମର ଝାଳବୁହା ରୋଜଗାର, କିନ୍ତୁ ପୂର୍ବ ହିସାବଗୁଡ଼ିକ ତ ଅଛି ନା । ସେହି ବାକିଖାତା ଅଛି ସେଥିପାଇଁ, ଅନ୍ୟଥା କେହି କେବେ ଆମର କିଛି ମଧ୍ୟ ନେଇ ପାରିବ ନାହିଁ । କାହାଠାରୁ କିଛି ନେଇଯିବାର ଶକ୍ତି ମଧ୍ୟ ନାହିଁ ଏବଂ ନେଇ ଯିବା ତାହା ଆମର କିଛି ଆଗ-ପଛର ହିସାବ ମାତ୍ର । ଏହି ଦୁନିଆରେ ଏପରି କେହି ଜନ୍ମ ହୋଇନାହିଁ ଯିଏ କାହାର କିଛି କରିଦେଇ ପାରିବ । ଏତେ ନିୟମଯୁକ୍ତ ଏହି ଜଗତ ଅଟେ ।

## ପରିଣାମରୁ ହିଁ କାରଣ ଜଣା ପଡ଼େ

ଏଗୁଡ଼ିକ ସବୁ Result (ପରିଣାମ) ଅଟେ । ଯେପରି ପରୀକ୍ଷାର Result ଆସେ, Mathematics (ଗଣିତ)ରେ ଶହେ ନମ୍ବରରୁ ପଞ୍ଚାନବେ ଏବଂ English (ଇଂରାଜୀ)ରେ ଶହେ ନମ୍ବରରୁ ପଚିଶ୍ ନମ୍ବର ଆସେ । ତେବେ ଆମକୁ କ'ଣ ଜଣାପଡ଼େ ନାହିଁ ଯେ ଏଥିରେ ଭୁଲ୍ କେଉଁଠି ରହିଲା ? ଏହି ପରିଣାମରୁ , କେଉଁ କାରଣରୁ ଭୁଲ୍ ହେଲା ତାହା ଆମକୁ ଜଣା ପଡ଼େ କି ନାହିଁ? ଏ ଯେଉଁ ସବୁ ସଂଯୋଗ ଏକତ୍ରିତ ହୁଏ, ସେଗୁଡ଼ିକ ସବୁ ପରିଣାମ ଅଟେ ଏବଂ ସେହି ପରିଣାମରୁ କାରଣ କ'ଣ ଥିଲା, ତାହା ମଧ୍ୟ ଆମକୁ ଜଣା ପଡ଼ିଯାଏ ।

ଏହି ରାସ୍ତାରେ ସବୁ ଲୋକଙ୍କର ଯିବା ଆସିବା ହୁଏ ଆଉ ସେହି ରାସ୍ତାରେ କୌଣସି ଗଛର କଣ୍ଟା ପଡ଼ିଛି, ବହୁତ ଲୋକ ଯିବା ଆସିବା କରୁଛନ୍ତି କିନ୍ତୁ କଣ୍ଟା ଯେମିତି ସେମିତି ପଡ଼ି ରହିଛି । ତୁମେ କେବେ ମଧ୍ୟ ବିନା ଜୋତା-ଚପଲରେ  ଘରୁ ବାହାର ନାହିଁ, କିନ୍ତୁ ସେଦିନ ତୁମ ପାଖ ପଡ଼ୋଶୀଙ୍କ ଘରକୁ ଗଲ ଆଉ କେହି ଚୋର ଚୋର ବୋଲି ଚିତ୍କାର କରିବାରୁ ତୁମେ ବିନା ଚପଲରେ ଦୌଡ଼ି ଗଲ ଓ କଣ୍ଟା ତୁମ ପାଦରେ ପସିଗଲା । ଏହା ହିଁ ତୁମର ହିସାବ ।

ଯଦି କେହି ଦୁଃଖ ଦିଏ ତାହାକୁ ଜମା କରିନେବ । ଯାହା ତୁମେ ପୂର୍ବରୁ ଦେଇଥିବ, ତାହା ହିଁ ପୁନର୍ବାର ଜମା କରିବାକୁ ହେବ । ବିନା କାରଣରେ କେହି କାହାରିକୁ ଦୁଃଖ ପହଞ୍ଚାଇ ପାରିବ; ଏପରି ଏଠି ନିୟମ ହିଁ ନାହିଁ । ଏହା ପଛରେ Cause (କାରଣ) ନିଶ୍ଚିତ ଥିବ । ଏଣୁ ଏହାକୁ ଜମା କରିନେବ ।

## ଭଗବାନଙ୍କ ଠାରେ କିପରି ହୋଇଥାଏ ?

ଭଗବାନ ନ୍ୟାୟ ସ୍ୱରୂପ ନୁହଁନ୍ତି ଅନ୍ୟାୟ ସ୍ୱରୂପ ମଧ୍ୟ ନୁହଁନ୍ତି । କେହି ଦୁଃଖ ନ ପାଆନ୍ତୁ, ଏହା ହିଁ ଭଗବାନଙ୍କ ଭାଷା । ନ୍ୟାୟ ଓ ଅନ୍ୟାୟ ଏହା ତ ଲୋକଭାଷା ।

ଚୋର, ଚୋରି କରିବାକୁ ଧର୍ମ ମାନେ, ଦାନୀ ଦାନ ଦେବାକୁ ଧର୍ମ ମାନେ । ଏସବୁ ଲୋକଭାଷା, ଭଗବାନଙ୍କ ଭାଷା ନୁହେଁ । ଭଗବାନଙ୍କ ଠାରେ କେବଳ ଏତିକି ହୋଇଥାଏ ଯେ, 'କୌଣସି ଜୀବକୁ ଦୁଃଖ ନ ହେଉ ଏହାହିଁ ମୋର ଆଜ୍ଞା ।'

## ନିଜଦୋଷ ଅନ୍ୟାୟ ଦେଖାଏ

କେବଳ ନିଜଦୋଷ ପାଇଁ ସମ୍ପୂର୍ଣ୍ଣ ଜଗତ ଅନିୟମିତ ଲାଗେ । ଗୋଟିଏ ମୂହୁର୍ତ୍ତ ପାଇଁ ମଧ୍ୟ ଅନିମିୟତା ହୋଇ ନାହିଁ । ସମ୍ପୂର୍ଣ୍ଣ ନ୍ୟାୟରେ ହିଁ

ରହିଥାଏ ଏଠାକାର କୋର୍ଟର ନ୍ୟାୟରେ ପାତର-ଅନ୍ତର ହୋଇପାରେ, ଭୁଲ୍ ହୋଇପାରେ  କିନ୍ତୁ ପ୍ରକୃତିର ନ୍ୟାୟରେ କେବେ ମଧ କୌଣସି ଭୁଲ୍ ହୁଏ ନାହିଁ ।

ଗୋଟିଏ ମୁହୂର୍ତ୍ତ ପାଇଁ ମଧ୍ୟ ନ୍ୟାୟରେ ପାତର-ଅନ୍ତର ହୁଏ ନାହିଁ । ଯଦି ଅନ୍ୟାୟୀ ହୁଅନ୍ତା ତେବେ କେହି ମୋକ୍ଷ ପାଆନ୍ତେ ନାହିଁ । କୁହନ୍ତି ଯେ ଭଲ ଲୋକମାନେ ହଇରାଣ କାହିଁକି ହୁଅନ୍ତି  ? କିନ୍ତୁ ଲୋକମାନେ ଏପରି କୌଣସି ସମସ୍ୟା ସୃଷ୍ଟି କରିପାରିବେ ନାହିଁ । କାରଣ ଯଦି ନିଜେ କୌଣସି କଥାରେ ହସ୍ତକ୍ଷେପ ନ କର, ତେବେ ଏପରି କୌଣସି ଶକ୍ତି ନାହିଁ ଯିଏ ତୁମର ନାମ ନେଇପାରିବ । ନିଜେ ହସ୍ତକ୍ଷେପ କରିଥିବାରୁ ଏହିସବୁ ସମସ୍ୟା ସୃଷ୍ଟି ହୋଇଛି ।

## ଜଗତ ନ୍ୟାୟ ସ୍ୱରୂପ ଅଟେ

ଏହି ଜଗତ ଗୋଟିଏ କାହାଣୀ ନୁହେଁ । ଜଗତ ନ୍ୟାୟ ସ୍ୱରୂପ ଅଟେ । ପ୍ରକୃତି କେବେ ମଧ ଅନ୍ୟାୟ କରିନାହିଁ । ପ୍ରକୃତି କେଉଁଠାରେ କାହାକୁ ଖଣ୍ଡିଆ କରି ଦିଏ ବା ଏକ୍ସିଡ଼େଣ୍ଟ ହୋଇଯାଏ, ଏସବୁ ନ୍ୟାୟ ସ୍ୱରୂପ ଅଟେ । ପ୍ରକୃତି କେବେ ମଧ ନ୍ୟାୟ ବାହାରକୁ ଯାଇନାହିଁ । ଏ ସମସ୍ତେ ଅକାରଣରେ କିଛି ନ ବୁଝି  ଯାହା ଇଛା ତାହା କୁହନ୍ତି ଆଉ ଜୀବନ ବଞ୍ଚିବାର କଳା ମଧ ଜଣାନାହିଁ, ଏଣୁ ଚିନ୍ତା ହିଁ ଚିନ୍ତା । ଏଣୁ ଯାହା ହେଉଛି ତାହାକୁ ନ୍ୟାୟ କୁହ ।

'ଯାହା ହେଲା ତାହା ନ୍ୟାୟ' ବୁଝିଗଲେ ସଂସାର ପାରିହୋଇଯିବ । ଏହି ଦୁନିଆରେ ଗୋଟିଏ  ସେକେଣ୍ଡ ମଧ ଅନ୍ୟାୟ ହୁଏ ନାହିଁ । ସର୍ବଦା ନ୍ୟାୟ ହେଉଛି । କିନ୍ତୁ ବୁଦ୍ଧି ଆମକୁ ଫସାଇ ଦିଏ ଯେ ଏହାକୁ ନ୍ୟାୟ କିପରି କହିପାରିବା ? ଏଣୁ ମୁଁ ମୂଳ କଥାଟି କହିବାକୁ  ଚାହୁଁଛି ଯେ ଏହା ପ୍ରକୃତିର ଏବଂ ବୁଦ୍ଧିରୁ ତୁମେ ଅଲଗା ହୋଇଯାଅ । ବୁଦ୍ଧି ଏଥିରେ ଫସାଇ ଦିଏ ।

ଥରେ ବୁଝିଗଲେ ବୁଦ୍ଧିକୁ ମାନିବା ଉଚିତ ନୁହେଁ। ଯାହା ହେଲା ତାହା ନ୍ୟାୟ। କୋର୍ଟର ନ୍ୟାୟରେ ଭୁଲ୍-ଭଟକା ହୋଇପାରେ, ଓଲଟା-ପାଲଟା ହୋଇପାରେ କିନ୍ତୁ ଏହି ନ୍ୟାୟରେ କୌଣସି ଫରକ୍ ପଡ଼େ ନାହିଁ।

ନ୍ୟାୟ ଖୋଜୁ ଖୋଜୁ ତ କ୍ଲାନ୍ତ ହୋଇଗଲଣି। ମନୁଷ୍ୟ ମନେ ମନେ ଭାବେ ମୁଁ ଏହାର କଣ ବିଗାଡ଼ି ଥିଲି ଯେ ସିଏ ମୋର ବିଗାଡୁଛି। ନ୍ୟାୟ ଖୋଜିବାକୁ ଗଲେ ହିଁ ଏହିପରି କଥା ମନକୁ ଆସିବ, ଏଣୁ ନ୍ୟାୟ ଖୋଜ ନାହିଁ। ନ୍ୟାୟ ଖୋଜିବାକୁ ଯାଇ ତ ଏମାନଙ୍କୁ ସବୁ ମାଡ଼ ପଡ଼ିଛି, ଏଣୁ ନ୍ୟାୟ ଖୋଜନାହିଁ। ନ୍ୟାୟ ଖୋଜିବାରୁ ହିଁ ଏମାନେ ମାଡ଼ ଖାଇ ଖାଇ ଚିହ୍ନ ହୋଇଯାଇଛି, ତଥାପି ଶେଷରେ କିଛି ବି ପରିବର୍ତ୍ତନ ନାହିଁ। ଶେଷରେ ଯାହା ଆସିବାର ଥାଏ ଆସିଯାଏ। ତା'ହେଲେ ଆଗରୁ କାହିଁକି ନ ବୁଝିବ? ଏହାତ କେବଳ ଅହଂକାରର ଦଖଲ ଅଟେ।

## ବିକଳ୍ପର ଅନ୍ତ, ଏହାହିଁ ମୋକ୍ଷ ମାର୍ଗ

ବୁଦ୍ଧି ଯେତେବେଳେ ମଧ୍ୟ ବିକଳ୍ପ ଦେଖାଏ, ସେତେବେଳେ କହିଦିଅ, ଯାହା ହେଲା ତାହା ନ୍ୟାୟ। ବୁଦ୍ଧି ନ୍ୟାୟ ଖୋଜେ ଯେ ଇଏ ମୋଠାରୁ ଛୋଟ ଆଉ ମୋର ମର୍ଯ୍ୟାଦା ରଖୁ ନାହିଁ। ସିଏ ମର୍ଯ୍ୟାଦା ରଖିଲେ ନ୍ୟାୟ ଓ ନରଖିଲେ ମଧ୍ୟ ନ୍ୟାୟ। ବୁଦ୍ଧି ଯେତେ ନିର୍ବିବାଦ ହେବ, ତୁମେ ସେତେ ନିର୍ବିକଳ୍ପ ହୋଇଯିବ।

ନ୍ୟାୟ ଖୋଜିବାକୁ ଗଲେ ବିକଳ୍ପ ବଢ଼ିଯିବ ଏବଂ ପ୍ରାକୃତିକ ନ୍ୟାୟ ବିକଳ୍ପଗୁଡ଼ିକୁ ନିର୍ବିକଳ୍ପ କରିଦିଏ। ଯାହା ହୋଇଯାଇଛି, ତାହାହିଁ ନ୍ୟାୟ ଅଟେ। ଏହା ବ୍ୟତୀତ ପାଞ୍ଚଜଣଙ୍କ ପଞ୍ଚାୟତ ଯାହା କହେ ତାହା ମଧ୍ୟ ତା'ର ବିରୁଦ୍ଧରେ ଚାଲିଯାଏ, ସେତେବେଳେ ସିଏ ସେହି ନ୍ୟାୟକୁ ମଧ୍ୟ ମାନେ ନାହିଁ, କାହାରି କଥା ଶୁଣେ ନାହିଁ। ଏଣୁ ପୁଣି ବିକଳ୍ପ ବଢ଼ିଯାଏ।

ନିଜର ଆଖ-ପାଖରେ କେବଳ ଜାଲ ବୁଣେ ତଥାପି କିଛି ମଧ୍ୟ ପ୍ରାପ୍ତ ହୁଏ ନାହିଁ। ବହୁତ ଦୁଃଖୀ ହୋଇଯାଏ ! ଏହା ବଦଳରେ ପ୍ରାରମ୍ଭରୁ ହିଁ ଶ୍ରଦ୍ଧା ରଖ ଯେ "ଯାହା ହେଲା ତାହା ନ୍ୟାୟ"।

ପ୍ରକୃତି ସର୍ବଦା ନ୍ୟାୟ କରେ, ନିରନ୍ତର ନ୍ୟାୟ ହିଁ କରୁଛି କିନ୍ତୁ ପ୍ରମାଣ ଦେଇପାରେ ନାହିଁ। ପ୍ରମାଣ ତ 'ଜ୍ଞାନୀ' ଦିଅନ୍ତି ଯେ ଏହା କିପରି ନ୍ୟାୟ ? କିପରି ହେଲା, ଏହା 'ଜ୍ଞାନୀ' ହିଁ କହିଥାଆନ୍ତି। ତାହାକୁ (ବୁଦ୍ଧିକୁ) ସନ୍ତୁଷ୍ଟ କରି ଦେଲେ ଯାଇ ସମାଧାନ ଆସେ। ନିର୍ବିକଳ୍ପ ହୋଇଗଲେ ସମାଧାନ ଆସେ।

❖❖❖

# ଯିଏ ଭୋଗେ ତାହାର ଭୁଲ୍

## ପ୍ରକୃତିର ନ୍ୟାୟାଳୟରେ

ଏହି ଜଗତର ନ୍ୟାୟଧୀଶ ତ' ପ୍ରତ୍ୟେକ ଜାଗାରେ ଥାଆନ୍ତି କିନ୍ତୁ କର୍ମ ଜଗତର ପ୍ରାକୃତିକ ନ୍ୟାୟଧୀଶ ତ'ଜଣେ ମାତ୍ର, 'ଯିଏ ଭୋଗେ ତାହାର ଭୁଲ୍' । ଏହାହିଁ ଗୋଟିଏ ନ୍ୟାୟ ଯାହା ଦ୍ୱାରା ସମ୍ପୂର୍ଣ୍ଣ ଜଗତ ଚାଲୁଛି ଏବଂ ଭ୍ରାନ୍ତିର ନ୍ୟାୟଦ୍ୱାରା ସମ୍ପୂର୍ଣ୍ଣ ସଂସାର ଛିଡ଼ାହୋଇ ଅଛି ।

ଗୋଟିଏ ମୁହୂର୍ତ୍ତ ପାଇଁ ମଧ୍ୟ ଜଗତ ନ୍ୟାୟର ବାହାରେ ନଥାଏ । ଯାହାକୁ ପୁରସ୍କାର ଦେବାର ଥାଏ, ତାକୁ ଦିଏ । ଯାହାକୁ ଦଣ୍ଡ ଦେବାର ଥାଏ, ତାକୁ ଦଣ୍ଡ ଦିଏ । ଜଗତ ନ୍ୟାୟର ବାହାରେ ନଥାଏ, ନ୍ୟାୟରେ ହିଁ ଥାଏ, ସମ୍ପୂର୍ଣ୍ଣ ନ୍ୟାୟପୂର୍ବକ ହିଁ ଅଟେ । କିନ୍ତୁ ସାମ୍ନାରେ ଥିବା ବ୍ୟକ୍ତିର ଏହା ଦୃଷ୍ଟିଗୋଚର ହୁଏ ନାହିଁ, ଏଣୁ ବୁଝିପାରେ ନାହିଁ । ଯେବେ ଦୃଷ୍ଟି ନିର୍ମଳ ହେବ, ସେବେ ନ୍ୟାୟ ଦେଖାଯିବ । ଯେ ପର୍ଯ୍ୟନ୍ତ ସ୍ୱାର୍ଥ ଦୃଷ୍ଟି ଥିବ, ସେ ପର୍ଯ୍ୟନ୍ତ ନ୍ୟାୟ କିପରି ଦେଖା ଯିବ ?

## ତୁମକୁ କାହିଁକି ଭୋଗିବାକୁ ପଡୁଛି ?

ତୁମକୁ ଦୁଃଖ କାହିଁକି ଭୋଗିବାକୁ ପଡ଼ିଲା, ଏହାକୁ ଖୋଜି ବାହାର କର ନା ? ଆମେ ତ ନିଜର ଭୁଲ୍‌ରେ ହିଁ ବାନ୍ଧି ହୋଇଛୁ । ଲୋକମାନେ ଆସି ବାନ୍ଧି ନାହାନ୍ତି । ସେହି ଭୁଲ୍ ଶେଷ ହୋଇଗଲେ ତେବେ ଯାଇ ମୁକ୍ତି ଏବଂ ବାସ୍ତବରେ ମୁକ୍ତ ହି ଅଟୁ, କିନ୍ତୁ ଭୁଲ୍ ପାଇଁ ବନ୍ଧନ ଭୋଗୁଛେ ।

ଜଗତର ବାସ୍ତବିକତାର ରହସ୍ୟଜ୍ଞାନ ଲୋକଙ୍କ ଲକ୍ଷ୍ୟରେ ହିଁ ନାହିଁ ଯେଉଁଥିପାଇଁ ଭଟକିବାକୁ ପଡୁଛି, ସେହି ଅଜ୍ଞାନ-ଜ୍ଞାନ ସମ୍ବନ୍ଧରେ ତ ସମସ୍ତଙ୍କୁ ଜଣାଥାଏ । ପକେଟମାରରେ ଭୁଲ୍ କାହାର ? ଆଉ କାହାର ପକେଟମାର୍ ନହୋଇ ତୁମର କାହିଁକି ହେଲା ? ଦୁହିଁଙ୍କ ମଧ୍ୟରେ ଏବେ କିଏ ଭୋଗୁଛି ? 'ଯିଏ ଭୋଗୁଛି ତାହାର ହିଁ ଭୁଲ୍ !'

## ନିଜର ଭୁଲ୍ ପାଇଁ ଭୋଗୁଛେ

ଯିଏ ଦୁଃଖ ଭୋଗୁଛି, ତା'ର ହିଁ ଭୁଲ୍ ଏବଂ ଯିଏ ସୁଖ ଭୋଗୁଛି, ତାହା ତା'ର ପୁରସ୍କାର। କିନ୍ତୁ ଭ୍ରାନ୍ତିର ନିୟମ ନିମିତ୍ତକୁ ଧରେ। ଭଗବାନଙ୍କ ନିୟମ, ବାସ୍ତବ ନିୟମ ଅଟେ ଯାହାର ଭୁଲ୍ ହେବ, ତାକୁ ହିଁ ଧରିବ। ଏହି ନିୟମ Exact (ସଠିକ୍) ଏବଂ ଏଥିରେ କେହି ପରିବର୍ତ୍ତନ କରି ପାରିବ ନାହିଁ। ଜଗତରେ ଏପରି କୌଣସି ନିୟମ ନାହିଁ କି କାହାକୁ ସୁଖ-ଦୁଃଖର ପ୍ରଭାବ ଦେଇ ପାରିବ।

ତୁମର କୌଣସି ଭୁଲ୍ ଥିବ ତେବେ ତ ଅନ୍ୟମାନେ କହିବେ ନା ? ଏଣୁ ଭୁଲକୁ ଶେଷ କରିଦିଅ ନା ! ଏହି ଜଗତରେ କୌଣସି ଜୀବ କୌଣସି ଜୀବକୁ କଷ୍ଟ ଦେଇ ପାରିବ ନାହିଁ, ଏପରି ସ୍ୱତନ୍ତ୍ର ଅଟେ, ଆଉ ଯିଏ କଷ୍ଟ ଦିଏ ତାହା ଆଗରୁ ଯେଉଁ ହସ୍ତକ୍ଷେପ କରିଥିଲା ତାହାର ହିଁ ପରିଣାମ ଅଟେ। ଏଣୁ ଭୁଲ୍ ଶେଷ କରିଦିଅ ଆଉ ହିସାବ ରହିବ ନାହିଁ।

ଜଗତ ଦୁଃଖ ଭୋଗିବା ପାଇଁ ହୋଇନାହିଁ, ସୁଖ ଭୋଗିବା ପାଇଁ ହୋଇଛି। ଯାହାର ଯେତିକି ହିସାବ ଥାଏ ସେତିକି ହିଁ ଭୋଗିଥାଏ। କିଛି ଲୋକ କେବଳ ସୁଖ ହିଁ ଭୋଗନ୍ତି, ତାହା କିପରି ? କିଛି ଲୋକ କେବଳ ଦୁଃଖ ହିଁ ଭୋଗନ୍ତି, ତାହା କିପରି ? କାରଣ ନିଜେ ହିଁ ସେମିତି ହିସାବ ନେଇ ଆସିଥାଏ। ଯେଉଁ ଦୁଃଖ ନିଜକୁ ଭୋଗିବାକୁ ପଡ଼େ ତାହା ନିଜର ହିଁ ଦୋଷ ଅଟେ, ଅନ୍ୟ କାହାର ନୁହେଁ। ଯିଏ ଦୁଃଖ ଦିଏ, ତାହାର କିଛି ଭୁଲ୍ ନଥାଏ। ଯିଏ ଦୁଃଖ ଦିଏ, ତାହାର ଭୁଲ୍ ସଂସାରରେ ଦେଖାଯାଏ ଏବଂ ଯିଏ ଏହାକୁ ଭୋଗେ ତାହାର ଭୁଲ୍ ଭଗବାନଙ୍କ ନିୟମରେ ଥାଏ।

## ନିଜର ହିଁ ଭୁଲ୍‌ର ପରିଣାମ

ଯେତେବେଳେ ମଧ୍ୟ ତୁମକୁ କିଛି ଭୋଗିବାକୁ ପଡ଼ିଥାଏ, ତାହା ନିଜର ହିଁ ଭୁଲ୍‌ର ପରିଣାମ। ନିଜର ଭୁଲ୍ ବିନା ଭୋଗିବାକୁ ପଡ଼େ ନାହିଁ।

ଏହି ଜଗତରେ ଏପରି କେହି ନାହାନ୍ତି ଯିଏ ଆମକୁ କିଞ୍ଚିତ୍‌ମାତ୍ର ମଧ୍ୟ ଦୁଃଖ ଦେଇପାରିବ ଆଉ ଯଦି କେହି ଦୁଃଖ ଦିଏ, ତାହା ହେଉଛି ନିଜର ଭୁଲ୍। ଅନ୍ୟକାହାର ଦୋଷ ନାହିଁ, ସେମାନେ ତ ନିମିତ୍ତ ମାତ୍ର। ଏଣୁ 'ଯିଏ ଭୋଗେ ତାହାର ହିଁ ଭୁଲ୍'।

କେହି ସ୍ୱାମୀ ଓ ସ୍ତ୍ରୀ ପରସ୍ପର ମଧ୍ୟରେ ବହୁତ ଝଗଡ଼ା ଲାଗିସାରି ଶୋଇଗଲାପରେ ତୁମେ ଯଦି ଯାଇ ଦେଖିବ ସ୍ତ୍ରୀ ଗଭୀର ନିଦରେ ଶୋଇଥିବ ଆଉ ସ୍ୱାମୀ ବାରମ୍ବାର କଡ଼ ଲେଉଟୁଥିବ, ତେବେ ବୁଝିବ ଯେ ସ୍ୱାମୀର ସବୁ ଭୁଲ୍, କାରଣ ସ୍ତ୍ରୀ ଭୋଗୁନାହିଁ। ଯାହାର ଭୁଲ୍ ସିଏ ହିଁ ଭୋଗେ ଯଦି ସ୍ୱାମୀ ଶୋଇଥାଆନ୍ତା ଆଉ ସ୍ତ୍ରୀ ଚାହିଁ ଥାଆନ୍ତା, ତାହେଲେ ଜାଣିବ ସ୍ତ୍ରୀର ହିଁ ଭୁଲ୍। 'ଯିଏ ଭୋଗେ ତାହାର ହିଁ ଭୁଲ୍'। ସମ୍ପୂର୍ଣ୍ଣ ଜଗତ ନିମିତ୍ତକୁ ହିଁ ଦୋଷ ଦିଏ।

## ଭଗବାନଙ୍କ ନିୟମ କିପରି ?

ଭଗବାନଙ୍କ ନିୟମ କହୁଛି ଯେ ଯେଉଁ କ୍ଷେତ୍ରରେ ଯେଉଁ ସମୟରେ ଯିଏ ଭୋଗୁଛି ସେ ନିଜେ ଦୋଷୀ। କାହାରି ପକେଟମାର ହେଲେ ପକେଟ୍‌ମାର କରିଥିବା ବ୍ୟକ୍ତି ପାଇଁ ଆନନ୍ଦର କଥା। ସିଏ ହୋଟେଲ୍‌ରେ ବସି ଚାହା-ଜଳଖିଆ-ମିଠା ଖାଏ ଏବଂ ଠିକ୍ ସେହି ସମୟରେ ଯାହାର ପକେଟ୍‌ମାର ହୋଇଥାଏ, ସିଏ ଭୋଗୁଥିବ। ଏଣୁ ଭୋଗିବା ଲୋକର ଭୁଲ୍। ସିଏ କେବେ କାହାର ଚୋରି କରିଥିବ, ଏଣୁ ଆଜି ଧରା ପଡ଼ିଗଲା ଓ ପକେଟ୍‌ମାର କରିଥିବା ଲୋକଟି ଯେବେ ଧରାପଡ଼ିବ ସେତେବେଳେ ସମସ୍ତେ ତାକୁ ଚୋର କହିବେ।

ସମ୍ପୂର୍ଣ୍ଣ ଜଗତ ଅନ୍ୟମାନଙ୍କର ଭୁଲ୍ ଦେଖେ। ସ୍ୱୟଂ ଭୋଗେ, କିନ୍ତୁ ଭୁଲ୍ ଅନ୍ୟର ଦେଖେ। ଏହାଦ୍ୱାରା ଦୋଷ ଦୁଇଗୁଣା ହୋଇଯାଏ ଏବଂ ବ୍ୟବହାର ମଧ୍ୟ ବିଗିଡ଼ି ଯାଏ। ଏହି କଥାକୁ ବୁଝିଗଲେ ସମସ୍ୟା କମି କମି ଯିବ।

ଏହି ଜଗତର ନିୟମ ଏପରି ଯେ ଯିଏ ଆଖିରେ ଦେଖାଯାଏ, ତା'ର ଭୁଲ୍ ବୋଲି କୁହାଯାଏ। କିନ୍ତୁ ପ୍ରକୃତିର ନିୟମ ଏପରି ଯେ ଯିଏ ଭୋଗେ ତାହାରି ଭୁଲ୍ ଅଟେ।

କାହାରିକୁ କିଞ୍ଚିତମାତ୍ର ଦୁଃଖ ଦିଅ ନାହିଁ ଏବଂ ଯଦି ତୁମକୁ କେହି ଦୁଃଖ ଦେଉଛି ତାକୁ ଜମା କରିନେଲେ ଆମର ସେହି ଖାତାର ହିସାବ ପୂରଣ ହୋଇଯିବ। କାହାରିକୁ ଦେବା ନାହିଁ, ନୂଆ ବ୍ୟବସାୟ ଆରମ୍ଭ କରିବା ନାହିଁ ଏବଂ ଯାହା ପୁରୁଣା ଅଛି ତାହାର ସମାଧାନ କରିନେଲେ, ତେବେ ହିସାବ ପୂରା ହୋଇଯିବ।

## ଉପକାରୀ, କର୍ମରୁ ଯେ'ମୁକ୍ତି ଦେଇଥାଆନ୍ତି

ଜଗତରେ କାହାରି ଦୋଷ ନାହିଁ, ଦୋଷ ବାହାର କରୁଥିବା ବ୍ୟକ୍ତିର ଦୋଷ ଅଟେ। ଜଗତରେ କେହି ଦୋଷୀ ନାହାନ୍ତି। ସବୁ ନିଜନିଜର କର୍ମର ଉଦୟଅଟେ। ଯାହା ମଧ୍ୟ ଭୋଗୁଛ ତାହା ଆଜିର ଦୋଷ ନୁହେଁ। ପୂର୍ବ ଜନ୍ମର କର୍ମଫଳ ପାଇଁ ଏସବୁ ହେଉଛି। ଆଜି ପଶ୍ଚାତାପ କଲେ କ'ଣ ହେବ Contract (ଚୁକ୍ତି)ତ ଆଗରୁ ହୋଇସାରିଛି ? ତାକୁ ନ ଭୋଗିଲା ପର୍ଯ୍ୟନ୍ତ ଉପାୟ ନାହିଁ।

ଶାଶୁ, ବୋହୂ ସହିତ ଝଗଡ଼ା କରୁଛି, ତଥାପି ବୋହୂ ମଜାରେ ଅଛି ଏବଂ ଯଦି ଶାଶୁକୁ ହିଁ ଭୋଗିବାକୁ ପଡ଼େ ତେବେ ଭୁଲ୍ ଶାଶୁର ଅଟେ। ଯାଆକୁ ଉସ୍‌କେଇ ନିଜକୁ ଭୋଗିବାକୁ ପଡ଼ିଲେ ତାହା ନିଜର ହିଁ ଭୁଲ୍ ଏବଂ ଯଦି ନ ଉସ୍‌କେଇ ବି ମଧ୍ୟ ଭୋଗିବାକୁ ପଡ଼େ, ଏହା ତ ପୂର୍ବ ଜନ୍ମର କିଛି ହିସାବ ବାକି ଥିବ, ତାହା ପୁରା କଲା। ଏହି ଜଗତରେ ବିନା ହିସାବରେ ଆଖିରେ ଆଖି ମଧ୍ୟ ମିଶେ ନାହିଁ, ତେବେ ଆଉ ସବୁ କ'ଣ ବିନା ହିସାବରେ ହେଉଥିବ ? ତୁମେ ଯାହାକୁ ଯେତିକି ଦେଇଥିବ ସେତିକି ହିଁ ଫେରସ୍ତ ମିଳିବ, ସେତେବେଳେ ତୁମେ ଖୁସିର ସହ ଗ୍ରହଣ କରିନେବ, ତେବେ

ତୁମର ହିସାବ ପୂରଣ ହେବ। ନହେଲେ ଯଦି ଭୁଲ କରିବ ତେବେ ଭୋଗିବାକୁ ପଡ଼ିବ।

ନିଜର ହିଁ ଭୁଲ୍‌ର ଦଣ୍ଡ ଭୋଗୁଛ। ଯିଏ ପଥର ଫିଙ୍ଗିଲା ତା'ର ଭୁଲ୍ ନାହିଁ, ଯାହା ଦେହରେ ପଥର ବାଜିଲା ତାହାର ହିଁ ଭୁଲ୍। ତୁମ ଆଖ ପାଖରେ ରହୁଥିବା ପିଲାମାନଙ୍କର ଯେକୌଣସି ଭୁଲ୍ ବା ଦୁଷ୍କୃତ୍ୟ ହେଉ, ଯଦି ଏହାର ପ୍ରଭାବ ତୁମ ଉପରେ ନହୁଏ ତେବେ ତୁମର ଭୁଲ୍ ନାହିଁ ଏବଂ ଯଦି ତୁମ ଉପରେ ପ୍ରଭାବ ପଡ଼େ ତା'ହେଲେ ତୁମର ହିଁ ଭୁଲ୍, ଏହା ନିଶ୍ଚିତ ରୂପେ ବୁଝିନିଅ।

## ଏପରି ପୃଥକୀକରଣ କର

ଭୁଲ୍ କାହାର? ତେବେ କହିବା କିଏ ଭୋଗୁଛି, ତାହା ଖବର ନିଅ। ଚାକର ହାତରେ ଦଶଟି ଗ୍ଲାସ ଭାଙ୍ଗିଗଲେ ଏହାର ପ୍ରଭାବ ଘର ଲୋକଙ୍କ ଉପରେ ପଡ଼ିବ କି ନାହିଁ? ଏଥିରେ ଘରେ ଥିବା ପିଲାମାନଙ୍କୁ ତ କିଛି ଭୋଗିବାକୁ ପଡ଼େ ନାହିଁ, କିନ୍ତୁ ମାଆ-ବାପା ବ୍ୟସ୍ତ ହୋଇଯାଆନ୍ତି। ମାଆ ମଧ୍ୟ କିଛି ସମୟ ପରେ ଆରାମରେ ଶୋଇ ଯାଆନ୍ତି କିନ୍ତୁ ବାପା ହିସାବ କରନ୍ତି, ଯେ ପଚାସ ଟଙ୍କାର କ୍ଷତି ହୋଇଗଲା। ସେ ଅଧିକ Alert (ସଜାଗ) ହୋଇଥିବାରୁ ଅଧିକ ଭୋଗନ୍ତି। "ଯିଏ ଭୋଗେ ତାହାର ଭୁଲ୍"। ଯିଏ ଏତକି ପୃଥକୀକରଣ କରି କରି ଆଗକୁ ବଢ଼ି ଚାଲିବ, ସିଏ ସିଧା ମୋକ୍ଷରେ ପହଞ୍ଚିଯିବ।

**ପ୍ରଶ୍ନକର୍ତ୍ତା :** କିଛି ଲୋକ ଏପରି ଥାଆନ୍ତି ଯେ ଆମେ ଯେତେ ଭଲ କଲେ ବି ସେମାନେ ବୁଝନ୍ତି ନାହିଁ?

**ଦାଦାଶ୍ରୀ :** ଅନ୍ୟ ବ୍ୟକ୍ତି ନ ବୁଝିଲେ ତାହା ନିଜର ହିଁ ଭୁଲ୍‌ର ପରିଣାମ। ଯେଉଁମାନେ ଅନ୍ୟର ଦୋଷ ଦେଖନ୍ତି, ସେମାନେ ସମ୍ପୂର୍ଣ୍ଣ ଭୁଲ୍ ଅଟନ୍ତି। ନିଜର ଭୁଲ୍ ଦ୍ୱାରା ନିମିତ୍ତ ମିଳେ। ନିମିତ୍ତ ଜୀବିତ ହୋଇଥିବାରୁ ତାକୁ

ମାରିବା ପାଇଁ ଦୌଡୁଛ ଆଉ ଯଦି କଣ୍ଟା ଫୋଡ଼ି ହୋଇଯାଏ ତେବେ କ'ଣ କରିବ ? ରାସ୍ତାରେ ପଡ଼ିଥିବା କଣ୍ଟା ପାଖ ଦେଇ ହଜାର ହଜାର ଲୋକ ଚାଲିଗଲେ, କାହାରି ପାଦରେ ଫୋଡ଼ିହେଲା ନାହିଁ କିନ୍ତୁ ଚନ୍ଦୁଭାଇ ଯିବାବେଳେ କଣ୍ଟା ତାଙ୍କ ପାଦରେ ଫୋଡ଼ିଗଲା । 'ବ୍ୟବସ୍ଥିତ ଶକ୍ତି'ତ କିପରି ? ଯାହାଠାରେ କଣ୍ଟାଫୋଡ଼ି ହେବାର ଥିବ ତା'ଠାରେ ହିଁ ଫୋଡ଼ି ହେବ । ସବୁ  ସଂଯୋଗ ଏକତ୍ରିତ ହୋଇଯିବ, କିନ୍ତୁ ଏଥିରେ ନିମିତ୍ତ (କଣ୍ଟା ବା ସେହି ଲୋକ)ର ଦୋଷ କ'ଣ ?

ଯଦି କେହି ପଚାରେ ମୁଁ ନିଜର ଭୁଲ୍ କିପରି ଖୋଜିବି ? ତେବେ ମୁଁ ତାକୁ କହେ ଯେ ତୁମକୁ କେଉଁଠାରେ ସବୁ ଭୋଗିବାକୁ ପଡ଼ିଥାଏ ? ତାହାହିଁ ତୁମର ଭୁଲ୍ । ତୁମର ଏପରି କ'ଣ ଭୁଲ୍ ହୋଇଥିଲା ଯେ ତୁମକୁ ଭୋଗିବାକୁ ପଡ଼ିଲା ? ଏହାକୁ ଖୋଜି ବାହାର କର ।

## ମୂଳ ଭୁଲ୍ କେଉଁଠି ?

ଦୋଷ କାହାର ? ଯିଏ ଭୋଗୁଛି ! ତା'ଣ କ'ଣ ଦୋଷ ? ତେବେ ମୁଁ କହିବି ଯେ "ମୁଁ ଚନ୍ଦୁଭାଇ" ଏହି ମାନ୍ୟତା ହିଁ ତୁମର ଭୁଲ୍ । କାରଣ ଏହି ଜଗତରେ କେହି ଦୋଷୀ ନୁହଁନ୍ତି । ଏଣୁ କେହି ଅପରାଧୀ ମଧ୍ୟ ନୁହନ୍ତି, ଏହା ସିଦ୍ଧ ହୋଇଗଲା ।

ଦୁଃଖ ଦେଉଥିବା ବ୍ୟକ୍ତି ତ ନିମିତ୍ତ ମାତ୍ର, କିନ୍ତୁ ମୂଳ ଭୁଲ୍ ନିଜର ହିଁ ଅଟେ । ଯିଏ ଲାଭ କରାଏ ସିଏ ନିମିତ୍ତ ଏବଂ ଯିଏ କ୍ଷତି କରାଏ  ସିଏ ମଧ୍ୟ ନିମିତ୍ତ, କିନ୍ତୁ ତାହା ହିଁ ହିସାବ, ଏଥିପାଇଁ ଏପରି ହୋଇଥାଏ ।

❖❖❖

# ନିଜର ଦୋଷ ଦେଖିବାର ସାଧନା ହିଁ ପ୍ରତିକ୍ରମଣ

## କ୍ରମଣ-ଅତିକ୍ରମଣ-ପ୍ରତିକ୍ରମଣ

ସଂସାରରେ ଯାହା କିଛି ମଧ୍ୟ ହେଉଛି ତାହା କ୍ରମଣ ଅଟେ । ଯେ ପର୍ଯ୍ୟନ୍ତ ତାହା ସହଜରେ ହେଉଥାଏ ତାହା କ୍ରମଣ ଆଉ ଯଦି Excess (ଅତ୍ୟଧିକ) ହୁଏ ତାହା ଅତିକ୍ରମଣ । ଯାହା ପ୍ରତି ଅତିକ୍ରମଣ ହୁଏ, ତା'ଠୁ ଯଦି ମୁକ୍ତି ଚାହୁଁଥାଅ ତେବେ ତାହାର ପ୍ରତିକ୍ରମଣ କରିବାକୁ ପଡ଼ିବ, ମାନେ ଧୋଇବାକୁ ପଡ଼ିବ, ତେବେ ଯାଇ ସଫା ହେବ । ପୂର୍ବ ଜନ୍ମରେ ଯେଉଁ ଭାବ କରିଥିଲ, 'ଅମୁକ ବ୍ୟକ୍ତିକୁ ଚାରିଟି ଚଟକଣା ଦେବାର ଅଛି ।' ଏଣୁ ଯେତେବେଳେ ଏହି ଜନ୍ମରେ ସିଏ ରୂପକରେ ଆସେ, ଚାରିଟି ଚଟକଣା ଦେବାକୁ ହିଁ ପଡ଼େ । ତାହାକୁ ଅତିକ୍ରମଣ କୁହାଗଲା, ଏଣୁ ଏହାର ପ୍ରତିକ୍ରମଣ କରିବାକୁ ପଡ଼ିବ । ସମ୍ମୁଖ ବ୍ୟକ୍ତିର 'ଶୁଦ୍ଧାତ୍ମା'କୁ ମନେ ପକାଇ, ତାଙ୍କୁ ନିମିତ୍ତ ଭାବନା କରି ପ୍ରତିକ୍ରମଣ କରିବା ଉଚିତ୍ ।

କୌଣସି ଖରାପ ଆଚରଣ ହେଲେ, ତାହାକୁ ଅତିକ୍ରମଣ କୁହାଯାଏ । ଯେଉଁ ଖରାପ ବିଚାର ଆସିଲା, ତାହାକୁ ଦାଗ କୁହାଯାଏ, ଏଣୁ ସିଏ ମନେ ମନେ ଦଂଶନ କରୁଥାଏ । ତାହାକୁ ଧୋଇବା ପାଇଁ ପ୍ରତିକ୍ରମଣ କରିବାକୁ ପଡ଼ିବ । ଏହି ପ୍ରତିକ୍ରମଣ ଦ୍ୱାରା ସମ୍ମୁଖ ବ୍ୟକ୍ତିର ମଧ୍ୟ ତୁମ ପ୍ରତି ଭାବ ବଦଳିଯାଏ, ନିଜର ଭାବ ଭଲ ଥିଲେ ଅନ୍ୟର ଭାବ ମଧ୍ୟ ଭଲ ହୋଇଯାଏ । କାରଣ ପ୍ରତିକ୍ରମଣରେ ଏତେ ଶକ୍ତି ଅଛି ଯେ ବାଘ ମଧ୍ୟ କୁକୁର ହୋଇଯାଏ ! ପ୍ରତିକ୍ରମଣ କେତେବେଳେ କାମରେ ଆସେ ? ଯେତେବେଳେ କୌଣସି ଓଲଟା ପରିଣାମ ଆସେ, ସେତେବେଳେ କାମରେ ଆସେ ।

# ପ୍ରତିକ୍ରମଣର ଯଥାର୍ଥ ଅର୍ଥ

ତା'ହେଲେ ପ୍ରତିକ୍ରମଣମାନେ କ'ଣ ? ପ୍ରତିକ୍ରମଣ ମାନେ ସମ୍ମୁଖ ବ୍ୟକ୍ତି ଆମକୁ ଯେଉଁ ଅପମାନ କରେ, ତେବେ ଆମକୁ ବୁଝି ନେବାକୁ ହେବ ଯେ ଏହି ଅପମାନ ପାଇଁ ଦାୟୀ କିଏ ? କରିବା ଲୋକ ଅପରାଧି ନା ଭୋଗିବା ଲୋକ ଅପରାଧି, ପ୍ରଥମେ ଆମକୁ ଏହି Decision (ନିଷ୍ପତି) ନେବାକୁ ପଡ଼ିବ । ଅପମାନ କରିଥିବା ଲୋକଟି ଆଦୌ ଅପରାଧି ନୁହେଁ। ସିଏ ନିମିତ୍ତ ମାତ୍ର ଏବଂ ନିଜର ହିଁ କର୍ମର ଉଦୟ ଅନୁସାରେ ସେହି ଭଳି ନିମିତ୍ତ ମିଳେ । ଅର୍ଥାତ ଏହା ନିଜର ହିଁ ଦୋଷ । ଏବେ ପ୍ରତିକ୍ରମଣ ଏଥିପାଇଁ କରିବା ଉଚିତ ଯେ ସମ୍ମୁଖ ବ୍ୟକ୍ତି ପ୍ରତି ଖରାପ ଭାବ ଆସିଲା, ଅଯୋଗ୍ୟ ଅଟେ, ବଦମାସ ଅଟେ, ଏହିପରି ବିଚାର ମନରେ ଆସିଲେ ପ୍ରତିକ୍ରମଣ କରିବା ଉଚିତ୍ । ଯଦି କେହି ଗାଳି ଦେଉଛି ତେବେ ତାହା ନିଜର ହିଁ ହିସାବ ଅଟେ । ଏମାନେ ନିମିତ୍ତକୁ ଦାୟୀ ମନେ କରନ୍ତି ଏବଂ ସେଥିପାଇଁ ଏହିସବୁ ଝଗଡ଼ା ହୋଇଥାଏ ।

ଦିନସାରା ଯେଉଁ ବ୍ୟବହାର ହୁଏ ସେଥିରେ ଯାହା କିଛି ଓଲଟା ହୋଇଯାଏ, ତାହା ଆମକୁ ଜଣାପଡ଼େ ଯେ ଏହା ସହିତ ଓଲଟା ବ୍ୟବହାର ହୋଇଛି, ଜଣାପଡ଼େ କି ନାହିଁ ? ଆମେ ଯାହା ବ୍ୟବହାର କରୁ, ତାହା ସବୁ କ୍ରମଣ ଅଟେ । କ୍ରମଣ ଅର୍ଥାତ୍ ବ୍ୟବହାର । ଯଦି କାହା ସହିତ ଓଲଟା ହୋଇଯାଏ, ତ ଆମକୁ ଏପରି ଜଣା ପଡ଼େ ଯେ ତା ପ୍ରତି କଠୋର ଶବ୍ଦ ପ୍ରୟୋଗ କରାଯାଇଛି ଅବା ଓଲଟା ହୋଇଛି, ତାହା ଜଣା ପଡ଼େ ନା ନାହିଁ ? ତାହାକୁ ଅତିକ୍ରମଣ କୁହାଯାଏ । ଅତିକ୍ରମଣ ଅର୍ଥାତ୍ ଆମେ ଓଲଟା ଚାଲିଥାଉ । ସେତିକି ଫେରି ଆସିବାର ନାମ ପ୍ରତିକ୍ରମଣ ।

# ପ୍ରତିକ୍ରମଣର ଯଥାର୍ଥ ବିଧି

**ପ୍ରଶ୍ନକର୍ତ୍ତା :** ପ୍ରତିକ୍ରମଣରେ କ'ଣ କରିବାକୁ ପଡ଼େ ?

**ଦାଦାଶ୍ରୀ :** ମନ, ବଚନ, କାୟା, ଭାବକର୍ମ-ଦ୍ରବ୍ୟକର୍ମ-ନୋକର୍ମ, ଚନ୍ଦୁଲାଲ (ସମ୍ମୁଖ ବ୍ୟକ୍ତିର ନାମ) ତଥା ଚନ୍ଦୁଲାଲ ନାମର ସର୍ବ ମାୟାରୁ ଭିନ୍ନ, ଏପରି ତାର 'ଶୁଦ୍ଧମ୍ଵା'କୁ ମନେ ପକାଇ କହିବ, ଯେ "ହେ ଶୁଦ୍ଧାତ୍ମା ଭଗବାନ ! ମୁଁ ଦୁଃଖ ପହଞ୍ଚିଲାଭଳି କହିଦେଲି, ତାହା ଭୁଲ ହୋଇଗଲା, ଏହାର କ୍ଷମା ଚାହୁଁଛି, ପୁଣି ଆଉ ସେହି ଭୁଲ କରିବି ନାହିଁ, ଏହା ନିଶ୍ଚୟ କରୁଛି, ଏବଂ କେବେ ମଧ୍ୟ ଏଭଳି ଭୁଲ୍ ନ ହେଉ, ଏପରି ଶକ୍ତି ଦିଅନ୍ତୁ ।" 'ଶୁଦ୍ଧାତ୍ମା'କୁ ମନେ ପକାଇ ବା ଦାଦାଙ୍କୁ ମନେ ପକାଇ କହିଲ ଯେ, 'ଏହି ଭୁଲ୍ ହୋଇଯାଇଛି'; ଏହା ଆଲୋଚନା ଅଟେ, ଆଉ ସେହି ଭୁଲ୍‌କୁ ଧୋଇବା ଅର୍ଥାତ୍ ପ୍ରତିକ୍ରମଣ ଏବଂ 'ଏପରି ଭୁଲ୍ କେବେ ମଧ୍ୟ କରିବି ନାହିଁ', ଏପରି ନିଶ୍ଚିତ କରିବାକୁ ପ୍ରତ୍ୟାଖ୍ୟାନ କୁହାଯାଏ ! ଅନ୍ୟ ବ୍ୟକ୍ତିର କ୍ଷତି ହେଲାପରି କାର୍ଯ୍ୟ ଅଥବା ଆମ ଦ୍ଵାରା ତାକୁ ଦୁଃଖ ଦେବାକୁ ଅତିକ୍ରମଣ କୁହାଯାଏ ଏବଂ ଏହାର ତୁରନ୍ତ ଆଲୋଚନା, ପ୍ରତିକ୍ରମଣ ଓ ପ୍ରତ୍ୟାଖ୍ୟାନ କରିବାକୁ ପଡ଼ିବ ।

## ପ୍ରତିକ୍ରମଣ ବିଧି

ପ୍ରତ୍ୟକ୍ଷ ଦାଦା ଭଗବାନଙ୍କ ସାକ୍ଷୀରେ, ଦେହଧାରୀ (ଯାହା ପ୍ରତି ଦୋଷ ହୋଇଛି, ସେହି ବ୍ୟକ୍ତିର ନାମ)ର ମନ-ବଚନ-କାୟାର ଯୋଗ, ଭାବକର୍ମ-ଦ୍ରବ୍ୟକର୍ମ-ନୋକର୍ମରୁ ଭିନ୍ନ ଏପରି ହେ ଶୁଦ୍ଧମ୍ଵା ଭଗବାନ, ଆପଣଙ୍କ ସାକ୍ଷୀରେ ଆଜି ଦିନ ପର୍ଯ୍ୟନ୍ତ ମୋ ଦ୍ଵାରା ଯେଉଁ ଯେଉଁ **ଦୋଷ ହେଉଛି, ତାହା ପାଇଁ କ୍ଷମା ମାଗୁଛି । ହୃଦୟପୂର୍ବକ ବହୁତ ପଶ୍ଚାତାପ କରୁଛି । ମୋତେ କ୍ଷମା କରନ୍ତୁ । ଆଉ କେବେ ମଧ୍ୟ ଏଭଳି ଦୋଷ କରିବି ନାହିଁ ଏପରି ଦୃଢ଼ ନିଶ୍ଚୟ କରୁଛି । ଏଥିପାଇଁ ମୋତେ ପରମ ଶକ୍ତି ଦିଅନ୍ତୁ ।

*** (କ୍ରୋଧ-ମାନ-ମାୟା-ଲୋଭ, ବିଷୟ-ବିକାର, କଷାୟ ଆଦି ଦ୍ୱାରା କାହାରିକୁ ଦୁଃଖ ପହଁଚାଇ ଥିଲେ, ସେହି ଦୋଷକୁ ମନେ ପକାଅ।)*

ଏହିପରି ପ୍ରତିକ୍ରମଣ କଲେ ଜୀବନ ଭଲ ଭାବରେ ବ୍ୟତୀତ ହୁଏ ଏବଂ ମୋକ୍ଷ ମଧ୍ୟ ପ୍ରାପ୍ତି ହୋଇପାରିବ ! ଭଗବାନ କହିଛନ୍ତି - "ଅତିକ୍ରମଣର ପ୍ରତିକ୍ରମଣ କଲେ ହିଁ ମୋକ୍ଷରେ ଯାଇପାରିବ।"

## ତ୍ରିମନ୍ଦିର ନିର୍ମାଣର ପ୍ରୟୋଜନ

ଯେତେବେଳେ ମଧ୍ୟ ମୂଳପୁରୁଷ, ଯେପରି ଶ୍ରୀମହାବୀର ଭଗବାନ, ଶ୍ରୀକୃଷ୍ଣ ଭଗବାନ, ଶ୍ରୀରାମ ଭଗବାନ ସଶରୀର ଉପସ୍ଥିତ ଥାଆନ୍ତି, ସେତେବେଳେ ସେମାନେ ଲୋକଙ୍କୁ ଧର୍ମ ସମ୍ବନ୍ଧୀୟ ମତମତାନ୍ତର ଗୁଡ଼ିକରୁ ବାହାରକୁ ବାହାରକରି ଆତ୍ମଧର୍ମରେ ସ୍ଥିର କରାନ୍ତି। କିନ୍ତୁ କାଳକ୍ରମେ ମୂଳ ପୁରୁଷମାନଙ୍କ ଅନୁପସ୍ଥିତିରେ ଧୀରେ ଧୀରେ ଲୋକମାନଙ୍କ ମଧ୍ୟରେ ମତଭେଦ ହେବାରୁ, ଧର୍ମରେ ଅନ୍ୟାନ୍ୟ ସମ୍ପ୍ରଦାୟମାନଙ୍କର ଉଦ୍‌ଭବ ହେବା ଦ୍ୱାରା ପରିଣାମସ୍ୱରୂପ ସୁଖ ଓ ଶାନ୍ତି କ୍ରମଶଃ ଲୋପ ପାଇଯାଏ।

ଅକ୍ରମ ବିଜ୍ଞାନୀ ପରମ ପୂଜନୀୟ ଶ୍ରୀଦାଦା ଭଗବାନ ଲୋକଙ୍କୁ ଆତ୍ମଧର୍ମ ପ୍ରାପ୍ତି କରାଇବା ସହିତ ଧର୍ମରେ ବ୍ୟାପ୍ତ "ମୁଁ-ମୁଁ, ତୁ-ତୁ"ର ଝଗଡ଼ାକୁ ଦୂର କରିବା ସଙ୍ଗେ ସଙ୍ଗେ ଲୋକାମାନଙ୍କୁ ସଂକୀର୍ଣ୍ଣ ଧାର୍ମିକ ପକ୍ଷପାତର ଦୁରାଗ୍ରହର ବିପଦକୁ ହଟାଇବା ପାଇଁ ଅନନ୍ୟ, କ୍ରାନ୍ତିକାରୀ ପଦକ୍ଷେପ ଉଠାଇଛନ୍ତି, ଯାହା କି ସମ୍ପୂର୍ଣ୍ଣ ନିଷ୍ପକ୍ଷପାତୀ ଧର୍ମ ଅନୁଷ୍ଠାନର ନିର୍ମାଣ ଅଟେ।

ମୋକ୍ଷ ନିମନ୍ତେ ଧ୍ୟେୟର ପୂର୍ଣ୍ଣାହୂତି ପାଇଁ ଶ୍ରୀମହାବୀର ସ୍ୱାମୀ ଭଗବାନ ଜଗତକୁ ଆତ୍ମଜ୍ଞାନ ପ୍ରାପ୍ତିର ମାର୍ଗ ଦେଖାଇଥିଲେ। ଶ୍ରୀକୃଷ୍ଣ ଭଗବାନ ଗୀତାର ଉପଦେଶରେ ଅର୍ଜୁନଙ୍କୁ 'ଆତ୍ମବତ୍ ସର୍ବଭୂତେଷୁ'ର ଦୃଷ୍ଟି ପ୍ରଦାନ

କରିଥିଲେ। ଜୀବ ଓ ଶିବର ଭେଦ ଅପସରିଗଲେ ଆମେ ନିଜେ ହିଁ ଶିବ ସ୍ୱରୂପ ହୋଇ ଚିଦାନନ୍ଦ ରୂପୋ ଶିବୋଽହମ୍ ଶିବୋଽହମ୍‌ର ସ୍ଥିତିକୁ ପ୍ରାପ୍ତ କରିପାରିବା। ଏହିପରି ସମସ୍ତ ଧର୍ମର ମୂଳପୁରୁଷମାନଙ୍କ ହୃଦୟର କଥା ହେଉଛି ଆତ୍ମଜ୍ଞାନ ପ୍ରାପ୍ତି। ଏହି କଥା ବୁଝିପାରିଲେ ପୁରୁଷାର୍ଥର ପ୍ରାରମ୍ଭ ହୋଇଥାଏ ଏବଂ ପ୍ରତ୍ୟେକଙ୍କୁ ଆତ୍ମଦୃଷ୍ଟିରେ ଦେଖିବା ସଙ୍ଗେ ସଙ୍ଗେ ଅଭେଦତା ଉତ୍ପନ୍ନ ହୋଇଥାଏ। କୌଣସି ଧର୍ମର ଖଣ୍ଡନ-ମଣ୍ଡନ ନହେଉ, କୌଣସି ଧର୍ମର ସିଦ୍ଧାନ୍ତକୁ ଆଘାତ ନ ପହଁଚୁ ଏପରି ଭାବନା ନିରନ୍ତର ରହିଥାଏ।

ପରମ ପୂଜନୀୟ ଦାଦା ଭଗବାନ (ଦାଦଶ୍ରୀ) କହନ୍ତି ଯେ ଅଜାଣତରେ ଯଦି କାହାରି ବିରାଧନା ହୋଇଯାଇଥାଏ, ସେମାନଙ୍କ ଆରାଧନା ହେଲେ ସେ ସବୁ ବିରାଧନାଗୁଡ଼ିକ ଧୋଇ ହୋଇଯାଏ। ଏପରି ନିଷ୍ପକ୍ଷପାତୀ ତ୍ରିମନ୍ଦିର ପରିବେଶରେ ପ୍ରବେଶ କରି ସବୁ ଭଗବତ୍ ମୂର୍ତ୍ତିମାନଙ୍କ ସାମ୍‌ନାରେ ସହଜରେ ମଥା ନଇଁ ଗଲେ ଭିତରର ସବୁ ଦୂରାଗ୍ରହ, ଭେଦଭାବପୂର୍ଣ୍ଣ ମାନ୍ୟତାଗୁଡ଼ିକ ନଷ୍ଟ ହୋଇଯାଏ ଓ ନିରାଗ୍ରହୀ ହେବାକୁ ଲାଗେ।

ଦାଦାଭଗବାନ ପରିବାରର ମୁଖ୍ୟ କେନ୍ଦ୍ର ତ୍ରିମନ୍ଦିର ଅଡ଼ାଲଜରେ ଅବସ୍ଥିତ। ଏତତ୍‌ବ୍ୟତୀତ ଗୁଜରାଟର ଅହମଦାବାଦ, ରାଜକୋଟ, ମୋରବୀ, ଭୁଜ, ଗୋଧରା, ଭାଦରଣ, ଚଲାମଲୀ ଓ ବାସଣା (ଜିଲ୍ଲା-ବଡ଼ୋଦରା) ଆଦି ସ୍ଥାନରେ ନିଷ୍ପକ୍ଷପାତୀ ତ୍ରିମନ୍ଦିରର ନିର୍ମାଣ ହୋଇଛି। ମୁମ୍ବାଇ ଓ ସୁରେନ୍ଦ୍ର ନଗରରେ ତ୍ରିମନ୍ଦିରର ନିର୍ମାଣ କାର୍ଯ୍ୟ ଚାଲିଛି।

# ଆତ୍ମଜ୍ଞାନ ପ୍ରାପ୍ତି ପାଇଁ ପ୍ରତ୍ୟକ୍ଷ ଲିଙ୍କ୍ !

"ମୁଁ ତ କିଛି ଲୋକଙ୍କୁ ନିଜ ହାତରେ ସିଦ୍ଧି ପ୍ରଦାନ କରିବାକୁ ଯାଉଛି। ପଛରେ ଅନୁଗାମୀ ଦରକାର କି ନାହିଁ ? ପରେ ଲୋକଙ୍କୁ ମାର୍ଗ ତ ଦରକାର ନା ?" – **ଦାଦାଶ୍ରୀ**

ପରମ ପୂଜ୍ୟ ଦାଦାଶ୍ରୀ ଗାଁ'-ଗାଁ', ଦେଶ-ବିଦେଶ ପରିଭ୍ରମଣ କରି ମୁମୁକ୍ଷୁ ମାନଙ୍କୁ ସତ୍‌ସଙ୍ଗ ଏବଂ ସ୍ୱରୂପ ଜ୍ଞାନର ପ୍ରାପ୍ତି କରାଉଥିଲେ। ସେ ନିଜର ଜୀବନ କାଳ ମଧ୍ୟରେ ପୂଜନୀୟା ଡା: ନିରୂବହନ ଅମୀନ (ନୀରୂମା)ଙ୍କୁ ଆତ୍ମଜ୍ଞାନ ପ୍ରାପ୍ତି କରେଇବା ପାଇଁ ଜ୍ଞାନସିଦ୍ଧି ପ୍ରଦାନ କରିଥିଲେ। ଦାଦାଶ୍ରୀଙ୍କ ଦେହ ବିଲୟ ପରେ ନୀରୂମା ସେହିପରି ମୁମୁକ୍ଷୁ ମାନଙ୍କୁ ସତ୍‌ସଙ୍ଗ ଏବଂ ଆତ୍ମଜ୍ଞାନର ପ୍ରାପ୍ତି, ନିମିତ୍ତ ଭାବରେ କରାଉଥିଲେ। ପୂଜ୍ୟ ଦୀପକଭାଇ ଦେଶାଇଙ୍କୁ ଦାଦାଶ୍ରୀ ସତ୍‌ସଙ୍ଗ କରିବା ପାଇଁ ସିଦ୍ଧି ପ୍ରଦାନ କରିଥିଲେ। ନୀରୂମାଙ୍କ ଉପସ୍ଥିତିରେ, ତାଙ୍କର ଆଶୀର୍ବାଦ ଦ୍ୱାରା ପୂଜ୍ୟ ଦୀପକଭାଈ ଦେଶ-ବିଦେଶରେ ଅନେକ ଜାଗାକୁ ଯାଇ ମୁମୁକ୍ଷୁମାନଙ୍କୁ ଆତ୍ମଜ୍ଞାନ ପ୍ରାପ୍ତି କରାଉଥିଲେ, ଯାହା ନୀରୂମାଙ୍କ ଦେହବିଲୟ ପରେ ମଧ୍ୟ ଚାଲୁ ରହିଛି। ଏହି ଆତ୍ମଜ୍ଞାନ ପ୍ରାପ୍ତି ପରେ ହଜାର ହଜାର ମୁମୁକ୍ଷୁ ସଂସାରରେ ରହି, ନିଜର ସାଂସାରିକ ଦାୟିତ୍ୱ ବହନ କରି ମଧ୍ୟ ମୁକ୍ତ ରହି ଆତ୍ମ ରମଣତାର ଅନୁଭବ କରୁଛନ୍ତି।

ଗ୍ରନ୍ଥରେ ମୁଦ୍ରିତ ବାଣୀ ମୋକ୍ଷାର୍ଥୀମାନଙ୍କୁ ମାର୍ଗ ଦର୍ଶକ ରୂପରେ ଅତ୍ୟନ୍ତ ଉପଯୋଗୀ ସିଦ୍ଧ ହେବ, ମାତ୍ର ମୋକ୍ଷପ୍ରାପ୍ତି ପାଇଁ ଆତ୍ମଜ୍ଞାନ ପ୍ରାପ୍ତ କରିବା ଅତ୍ୟନ୍ତ ଆବଶ୍ୟକ ଅଟେ। ଅକ୍ରମ ମାର୍ଗ ଦ୍ୱାରା ଆତ୍ମଜ୍ଞାନ ପ୍ରାପ୍ତି ଆଜି ମଧ୍ୟ ହୋଇପାରୁଛି। ସେଥିପାଇଁ ପ୍ରତ୍ୟକ୍ଷ ଆତ୍ମଜ୍ଞାନୀଙ୍କୁ ଦର୍ଶନ କରି ଆତ୍ମଜ୍ଞାନ ପ୍ରାପ୍ତ କଲେ ହିଁ ସମ୍ଭବ ହୋଇପାରିବ। ଗୋଟିଏ ପ୍ରଜ୍ୱଳିତ ଦୀପ ହିଁ ଅନ୍ୟ ଦୀପକୁ ପ୍ରଜ୍ୱଳିତ କରିପାରିବ।

# ଜ୍ଞାନବିଧି କ'ଣ ?

- ଏହା ଭେଦଜ୍ଞାନର ପ୍ରୟୋଗ ଅଟେ, ଯାହାକି ପ୍ରଶ୍ନୋତ୍ତରୀ ସତସଙ୍ଗଠାରୁ ଅଲଗା ।
- ୧୯୫୮ରେ ପରମ ପୂଜ୍ୟ ଦାଦା ଭଗବାନଙ୍କୁ ଯେଉଁ ଆତ୍ମଜ୍ଞାନ ପ୍ରକଟ ହୋଇଥିଲା, ସେହି ଜ୍ଞାନ ଆଜି ମଧ୍ୟ ତାଙ୍କରି କୃପାରୁ ତଥା ପୂଜ୍ୟା ନୀରୁମାଙ୍କ ଆଶୀର୍ବାଦରୁ, ପୂଜ୍ୟ ଦୀପକଭାଇଙ୍କ ମାଧ୍ୟମରେ ପ୍ରାପ୍ତ ହୋଇଥାଏ ।

## ଜ୍ଞାନ କାହିଁକି ନେବା ଉଚିତ ?

- ଜନ୍ମ-ମରଣ ଚକ୍ରରୁ ମୁକ୍ତ ହେବା ପାଇଁ ।
- ସ୍ୱୟଂର ଆତ୍ମା ଜାଗୃତ କରିବା ପାଇଁ ।
- ପାରିବାରିକ ସମ୍ବନ୍ଧ ଓ କାମ ଦାମରେ ସୁଖ-ଶାନ୍ତି ଅନୁଭବ କରିବା ପାଇଁ ।

## ଜ୍ଞାନବିଧିରେ କ'ଣ ମିଳେ ?

- ଆତ୍ମଜାଗୃତି ଉତ୍ପନ୍ନ ହୋଇଥାଏ ।
- ଉଚିତ ବୁଝାମଣାରେ ଜୀବନ-ବ୍ୟବହାର ପୂର୍ଣ୍ଣ କରିବା ପାଇଁ ଚାବି ମିଳିଥାଏ ।
- ଅନନ୍ତ କାଳର ପାପ ଭସ୍ମୀଭୂତ ହୋଇଯାଏ ।
- ଅଜ୍ଞାନ ମାନ୍ୟତାଗୁଡ଼ିକ ଦୂର ହୋଇଯାଏ ।
- ଜ୍ଞାନ ଜାଗୃତିରେ ରହିଲେ ନୂଆ କର୍ମ ବନ୍ଧନ ହୁଏ ନାହିଁ ଓ ପୁରୁଣା କର୍ମ ନିର୍ଜରା ହୋଇଯାଏ ।

## ଆତ୍ମଜ୍ଞାନ ପାଇବା ପାଇଁ ପ୍ରତ୍ୟକ୍ଷ ଆସିବା ଦରକାର କି ?

- ଆତ୍ମଜ୍ଞାନ ଜ୍ଞାନୀଙ୍କ କୃପା ଓ ଆଶୀର୍ବାଦର ଫଳ ଅଟେ। ଏହା ପାଇଁ ପ୍ରତ୍ୟକ୍ଷ ଆସିବା ଅନିବାର୍ଯ୍ୟ।
- ପୂଜ୍ୟା ନୀରୂମା ଓ ପୂଜ୍ୟ ଦୀପକ ଭାଇଙ୍କ ଭି.ସି.ଡ଼ି., ଟି.ଭି. ସତ୍ସଙ୍ଗ କାର୍ଯ୍ୟକ୍ରମ ଓ ଦାଦାଜୀଙ୍କ ପୁସ୍ତକ, ଜ୍ଞାନର ଭୂମିକା ପ୍ରସ୍ତୁତ କରିପାରେ, କିନ୍ତୁ ଆତ୍ମସାକ୍ଷାତ୍କାର କରାଇପାରେ ନାହିଁ।
- ଅନ୍ୟ ସାଧନଗୁଡ଼ିକରୁ ଶାନ୍ତି ଅବଶ୍ୟ ମିଳେ କିନ୍ତୁ ଯେପରି ପୁସ୍ତକରେ ଚିତ୍ରିତ ଦୀପ ପ୍ରକାଶ ଦେଇ ନ ପାରେ, ମାତ୍ର ପ୍ରତ୍ୟକ୍ଷ ପ୍ରକାଶିତ ଦୀପ ହିଁ ପ୍ରକାଶ ଦେଇଥାଏ। ଠିକ୍ ସେହିପରି ଆତ୍ମା ଜାଗୃତ କରିବା ପାଇଁ ସ୍ୱୟଂ ଆସି ଜ୍ଞାନ ପ୍ରାପ୍ତ କରିବା ପାଇଁ ପଡ଼େ।
- **ଜ୍ଞାନ ପ୍ରାପ୍ତି ପାଇଁ ଧର୍ମ ବା ଗୁରୁ ବଦଳାଇବାର ଆବଶ୍ୟକତା ନାହିଁ।**
- **ଜ୍ଞାନ ଅମୂଲ୍ୟ, ଏଣୁ ଏହାକୁ ପାଇବା ପାଇଁ କୌଣସି ମୂଲ୍ୟ ଦେବାକୁ ପଡ଼େ ନାହିଁ।**

-୦-

## दादा भगवान फाउन्डेशन के द्वारा प्रकाशित पुस्तकें

### हिन्दी

१. ज्ञानी पुरुष की पहचान
२. सर्व दु:खों से मुक्ति
३. कर्म का सिद्धांत
४. आत्मबोध
५. अंत:करण का स्वरूप
६. जगत कर्ता कौन ?
७. भुगते उसी की भूल
८. एडजस्ट एवरीव्हेयर
९. टकराव टालिए
१०. हुआ सो न्याय
११. चिंता
१२. क्रोध
१३. मैं कौन हूँ ?
१४. वर्तमान तीर्थंकर श्री सीमंधर स्वामी
१५. मानव धर्म
१६. सेवा-परोपकार
१७. त्रिमंत्र
१८. भावना से सुधरे जन्मोंजन्म
१९. दान
२०. मृत्यु समय, पहले और पश्चात्
२१. दादा भगवान कौन ?
२२. सत्य-असत्य के रहस्य
२३. प्रेम
२४. अहिंसा
२५. प्रतिक्रमण (सं.)
२६. पाप-पुण्य
२७. कर्म का विज्ञान
२८. चमत्कार
२९. वाणी, व्यवहार में...
३०. पैसों का व्यवहार (सं.)
३१. पति-पत्नी का दिव्य व्यवहार (सं.)
३२. माता-पिता और बच्चों का व्यवहार (सं)
३३. समझ से प्राप्त ब्रह्मचर्य (सं.)
३४. निजदोष दर्शन से... निर्दोष
३५. क्लेश रहित जीवन
३६. समझ से प्राप्त ब्रह्मचर्य (उत्तरार्ध)
३७. गुरु-शिष्य
३८. आप्तवाणी - १
३९. आप्तवाणी - ३
४०. आप्तवाणी - ४
४१. आप्तवाणी - ५
४२. आप्तवाणी - ६
४३. आप्तवाणी - ७
४४. आप्तवाणी - ८

★ **दादा भगवान फाउन्डेशन के द्वारा गुजराती भाषा में भी कई पुस्तकें प्रकाशित हुई है। वेबसाइट www.dadabhagwan.org पर से भी आप ये सभी पुस्तकें प्राप्त कर सकते हैं।**

★ **दादा भगवान फाउन्डेशन के द्वारा हर महीने हिन्दी, गुजराती तथा अंग्रेजी भाषा में ''दादावाणी'' मैगेज़ीन प्रकाशित होता है।**

## ପ୍ରାପ୍ତିସ୍ଥାନ
## ଦାଦାଭଗବାନ ପରିବାର

| | | |
|---|---|---|
| ଅଡ଼ାଲଜ଼ | : | ତ୍ରିମନ୍ଦିର ସଂକୁଳ, ସୀମନ୍ଧର ସିଟି, ଅହମଦାବାଦ - କଲେଜ ହାଇଓ୍ୱେ, ପୋଷ୍ଟ - ଅଡ଼ାଲଜ, ଜିଲ୍ଲା - ଗାନ୍ଧିନଗର, ଗୁଜରାତ - ୩୮୨୪୨୧. ଫୋନ୍ (୦୭୯) ୨୩୯୭୪୧୦୦ |
| ସୁରତ୍ | : | ଶ୍ରୀ ବିଠଲଭାଇ ପଟେଲ, ବିଦେହଧାମ, ୪୫, ଶାନ୍ତିବନ ସୋସାଇଟି, ଲମ୍ବେ ହନୁମାନ ରୋଡ୍, ସୁରତ, ଫୋନ୍ : (୦୨୮୧)୨୫୪୪୯୬୪ |
| ରାଜକୋଟ୍ | : | ଶ୍ରୀ ଅତୁଲ ମାଲଧାରୀ, ମାଧବପ୍ରେମ ଏପାର୍ଟମେଣ୍ଟ, ସାଇ ମନ୍ଦିର ପାଖରେ, ୧୧, ମନୋହର ପ୍ଲୋଟ୍, ରାଜକୋଟ ଫୋନ : (୦୨୮୯)୨୪୬୮୮୩ |
| ଚେନ୍ନାଇ | : | ଅଜିତଭାଇ ସୀ. ପଟେଲ, ୯, ମନୋହର ଏବନ୍ୟୁ, ଏଗମୋର, ଚେନ୍ନାଇ - ୮, ଫୋନ୍ : (୦୪୪)୮୯୧୯୩୬୯, ୮୯୧୯୨୫୩ |
| ଓଡ଼ିଶା | : | +୯୧୯୦୯୦୨୭୬୨୦୪, +୯୧୯୬୫୮୫୫୯୫୫୯, +୯୧୯୬୬୮୧୫୯୯୮୭ |
| ମୁମ୍ବାଇ | : | ୯୩୨୩୫୨୮୯୦୧ |
| କୋଲକତା | : | ୦୩୩-୩୨୯୩୩୮୮୫ |
| ଜୟପୁର | : | ୯୩୫୧୪୦୮୨୮୫ |
| ଇନ୍ଦୋର | : | ୯୮୯୩୫୪୫୩୫୧ |
| ରାୟପୁର | : | ୯୩୨୯୫୨୩୭୩୭ |
| ପଟନା | : | ୯୪୩୧୦୧୫୬୦୧ |
| ବାଙ୍ଗାଲୋର | : | ୯୫୯୦୯୭୯୦୯୯ |
| ଦିଲ୍ଲୀ | : | ୯୮୧୦୦୯୮୫୬୪ |
| ଚେନ୍ନାଇ | : | ୯୩୮୦୧୫୯୯୫୭ |
| ଭୋପାଲ୍ | : | ୯୪୨୫୦୨୪୪୦୫ |
| ଜବଲପୁର | : | ୯୪୨୫୧୬୦୪୨୮ |
| ଭିଲାଇ | : | ୯୮୨୭୪୮୧୩୩୬ |
| ଅମରାବତୀ | : | ୯୪୨୨୯୧୫୦୬୪ |
| ହାଇଦ୍ରାବାଦ | : | ୯୯୮୯୮୭୭୭୮୬ |
| ଜଲଧର | : | ୯୮୧୪୦୬୩୦୪୩ |

**Website :** www.dadabhagwan.org, www.dadashri.org



# ଜ୍ଞାନବିଧି

ଜ୍ଞାନବିଧି, ଅନନ୍ତ ଜନ୍ମରୁ ନିଜର ସ୍ୱ-ରୂପର, ଆତ୍ମସ୍ୱରୂପର ଅନୁଭବ କରିବା ପାଇଁ ତୃଷାର୍ତ୍ତ, ମୁମୁକ୍ଷୁମାନଙ୍କ ପାଇଁ ଜ୍ଞାନୀପୁରୁଷ ପରମ ପୂଜ୍ୟ ଦାଦା ଭଗବାନଙ୍କ ଅକ୍ରମ ବିଜ୍ଞାନ ମାଧ୍ୟମରେ ଆତ୍ମସାକ୍ଷାତ୍କାର ପାଇବା ପାଇଁ ଦିଆଯାଇଥିବା ଅମୂଲ୍ୟ ଉପହାର ଅଟେ । ଜ୍ଞାନବିଧି, 'ମୁଁ' (ଆତ୍ମା) ଏବଂ 'ମୋର' (ମନ-ବଚନ-କାୟା) ମଧ୍ୟରେ ଭେଦରେଖା ଟାଣି ଜ୍ଞାନୀପୁରୁଷଙ୍କ ବିଶେଷ ଆଧ୍ୟାତ୍ମିକ ସିଦ୍ଧି ଦ୍ୱାରା କରାଯାଉଥିବା ଜ୍ଞାନପ୍ରୟୋଗ ଅଟେ । ଏହି ଆତ୍ମଜ୍ଞାନରୁ ଶାଶ୍ୱତ ଆନନ୍ଦର ପ୍ରାପ୍ତି ହୋଇଥାଏ ଏବଂ ସମସ୍ତ ଚିନ୍ତାରୁ ମୁକ୍ତି ମିଳିଥାଏ । ସାଂସାରିକ ସମ୍ବନ୍ଧ ଶାନ୍ତିମୟ ହୋଇଥାଏ ଏବଂ ବ୍ୟାବହାରିକ ସମସ୍ୟାର ସମାଧାନ ପ୍ରାପ୍ତ କରିବାରେ ସହାୟକ ସାବ୍ୟସ୍ତ ହୋଇଥାଏ ।

-ଦାଦାଶ୍ରୀ

ISBN 9789382128595
9 789382 128595
Printed in India
MRP Rs 10

dadabhagwan.org